ଧାରରେ ଟଙ୍କା ପ୍ରଭୃତି ଦେଣ କରବେ ନାହିଁ ବୋଲି ଜନଶ୍ରୁତିଲ ଶୁଣାଉଛରେ ଏଥି ଥିବା ସ୍ଥଳେ ଏ ନଗର ପୁଲିସଘାଟ ଫାଣ୍ଡି ଜମାଦାର ନିରଳା ଲୁଣ ଲବେଣ ଶ୍ୱେତ ବଣ୍ଟାସ ଦେଖାଇ ଅନେକ ଦୋକାନଦାର ଓ ଅନ୍ୟାନ୍ୟ ଲୋକଙ୍କ-ଠାରୁ ଟଙ୍କା ବା ଜିନସ ଧାର ନେଉଅଛନ୍ତି ଅଥଚ ସମୟାନୁସାରେ ପରିଶୋଧ କରୁ-ନାହାନ୍ତି । ଏଥିର ତଦନ୍ତ ଓ ବିହିତ ପ୍ରତିକାର-ନିମନ୍ତେ ଲେଖକ ପୁଲିସ ସାହେବଙ୍କୁ ଅନୁରୋଧ କରୁଅଛନ୍ତି ଓ ତଦନ୍ତ ହେଲେ ପ୍ରମାଣ ଦେବାକୁ ପ୍ରସ୍ତୁତ ଅଛନ୍ତି । ଆଶା କରୁଁ ଏମନ୍ତ ସ୍ଥଳେ ପୁଲିସ ବିଭାଗ ଅବଶ୍ୟ ତଦନ୍ତ କରିବେ ।

---

ସନ ୧୯୧୦।୧୧ ସାଲ ୨ୟ ତ୍ରୈମାସିକ ଜୁଲାଇ ଅଗଷ୍ଟ ଓ ସେପ୍ଟେମ୍ବରରେ କଲିକତାକୁ ପ୍ରାୟ ୩୦ ଲକ୍ଷ ମହଣ ଲୁଣ ଆମଦାନି ହୋଇ-ଥିଲା ଯେ ତହିଁ ମଧ୍ୟେ ବିଲାତର ୧୨୭ ଲକ୍ଷ ଜେଦନର ୫ ଲକ୍ଷ ଏଡ଼ନର ୩। ଲକ୍ଷ ହମବର୍ଗ ୨୭ ଲକ୍ଷ ସାଲଫ ୨୭ ଲକ୍ଷ ଏବଂ ମସ୍ଥୁଆର ୪ ଲକ୍ଷ ମହଣ ଥିଲା । ଏହି ସମସ୍ତ ସ୍ଥାନର ଆମଦାନି ପୂର୍ବ ତିନମାସପ୍ରତି ବଢ଼ିଥିଲା । ବମ୍ବେଇ ଲୁଣ କେବଳ ୨୧୨୧୪ ମହଣ ଥିଲା ଏବଂ ମାନ୍ଦ୍ରାଜର ଆଦୌ ନ ଥିଲା । ଏଥିରୁ ଦେଖାଯାଏ ଯେ ଭାରତ ଲୁଣର ଆଦର ବଙ୍ଗଳାରେ ନାହିଁ । ମାନ୍ଦ୍ରାଜ ବମ୍ବେଇ ଲୁଣ କେବଳ ଓଡ଼ିଶା ଓ ଗଞ୍ଜାମରେ ବିକ୍ରୟ ହୁଅଇ ଏବଂ ସ୍ଥଳପଥରେ ଆସେ । ବର୍ଣ୍ଣିତ ତିନମାସରେ ମାନ୍ଦ୍ରାଜ ଲୁଣ ୧୭୦୧୨୨ ମହଣ ଏବଂ ବମ୍ବେଇ ଲୁଣ କେବଳ ୨୬୮ ମହଣ ସ୍ଥଳେ ଅର୍ଥାତ୍ ଅଧିକାଂଶରେଳବାଟେ ଓଡ଼ିଶା ଓ ଗଞ୍ଜାମକୁ ଆସିଥିଲା ।

---

ଗୋପାଳ ବେହେରା ନାଉଡ଼ିମାନଙ୍କର ଜାତି ବେହେରା ଥାଇଁ ଗୋଟିଏ ପ୍ରାୟଶ୍ଚିତ୍ତ ଉପଲକ୍ଷେ କାର୍ଯ୍ୟ କରି ଆପଣାର ପାଉଣା ନ ପାଇବାରୁ କେନ୍ଦ୍ରାପଡ଼ା ମୁନସଫ ଅଦାଲତ ସ୍ମଲକୋଟରେ ମୋକଦ୍ଦମା ଦାଏର କରିଥିଲା । ମୋକଦ୍ଦମା ଜାତି ସମ୍ପର୍କୀୟ ଥିବା ହେତୁବାଦରେ ଅଚଳ ବୋଲି ମୁନସଫ ଡିସମିସ କଲେ । ବାଦୀ ହାଇକୋର୍ଟରେ ବାବୁ ସୁରେଶଚନ୍ଦ୍ର ଚକ୍ରବର୍ତ୍ତିଙ୍କି ଓକିଲ ନିଯୁକ୍ତ କରି ମୋସନ କଲା । ଉକ୍ତ ମୋକଦ୍ଦମା ଚୁକ୍ତି-ମୂଳକ ଥିବା ଏବଂ କାର୍ଯ୍ୟ କଲାପରେ ବାଦୀ ଆପ-ଣାର ପାଉଣା ନ ପାଇ ନାଲିସ କରିଥିବା ଏବଂ ନିମ୍ନଅଦାଲତ ଯେଉଁ କାରଣଉପରେ ନିର୍ଭରକରି ମୋକଦ୍ଦମା ଅଚଳ ଥିବା ଦୋଷରେ ଡିସମିସ କରିଥିଲେ ତାହା ଘଟି ନ ଥିବାର ଓକିଲମହୋ-ଦୟ ଦେଖାଇବାରେ ହାଇକୋର୍ଟ କମ୍ପରପତି ଉଡ଼ରଫ ଏବଂ କାରଣ୍ଡଫ ମହୋଦୟମାନେ ରୁଲ ଜାରି କରିଅଛନ୍ତି ।

---

ଜଳପୁରାଣ ଫରିଦକୋଟ ରାଜା ତାଙ୍କ ରାଜ୍ୟରେ ଓକିଲମାନଙ୍କ ବ୍ୟବସାୟ ବନ୍ଦ କରି ଲୋ-କଙ୍କ ମାଲମୋକଦ୍ଦମା ନିଷ୍ପତ୍ତି ସକାଶେ ପଞ୍ଚାଏତ ସଭାମାନ ସଂସ୍ଥାପନ କରିଅଛନ୍ତି । କଥିତ ଅଛି ଏ ଓକିଲମାନେ ଲୋକଙ୍କ ମଧ୍ୟରେ ମାଲମୋକଦ୍ଦମା ବଢ଼ାଇବାର ଲୋକେ ଗୁହାରି କରନ୍ତି । ପଞ୍ଚାଏତ-ଦ୍ୱାରା ମାଲମୋକଦ୍ଦମା ନିଷ୍ପତ୍ତି ଅବଶ୍ୟ ଭଲ ଏବଂ ଏହାହିଁ ଏ ଦେଶର ପୁରାତନ ପ୍ରଥା । ଯୋଗ୍ୟ ବ୍ୟକ୍ତିମାନେ ପଞ୍ଚାଏତ ହେଲେ ସହଜରେ ବିବାଦ ମୀମାଂସା ହେବ । ମାତ୍ର ମାମଲା ବଢ଼ିବାର ମୂଳ ଏକା ଓକିଲ ନୁହନ୍ତି ଏଥି ସକାଶେ ଲୋକମାନେ ଅଧିକ ଦାୟୀ । ଧନ ଦାନ ଏବଂ ସ୍ୱାର୍ଥପରତା-ପ୍ରାବଲ୍ୟ ମାମଲା ବଢ଼ାଉ ଅଛି । ଦନ୍ୟ ସୂକ୍ଷ୍ମ ବ୍ୟବ-ସ୍ଥା ବାହାରିବାହେତୁ ଓକିଲ ଲୋଡ଼ା ହେଉଅଛି । ଅଦାଲତରେ ଅଧର୍ମାଚରଣର ଯେତେ ସୁବିଧା ପାନ୍ତି ସ୍ୱୀୟ ଗ୍ରାମ ପଞ୍ଚାଏତଙ୍କ ନିକଟରେ ସେତେ ପାଇବେ ନାହିଁ । ସୁତରାଂ ବିବାଦ ନିଷ୍ପତ୍ତି ସଙ୍ଗେ ଧର୍ମର ଉନ୍ନତି ହେବ ।

---

ଜର୍ମାନୀର ଯୁବରାଜ ମହୋଦୟଙ୍କ ଭାରତ ପରି-ଭ୍ରମଣ ନିମ୍ନଲିଖିତରୂପେ ହେବାର ସ୍ଥିର ହୋଇ-ଅଛି । ଏହିମାସ ତା ୧୪ ରଖେ ସେ ବୋମ୍ବାଇ ପହୁଞ୍ଚି ତା ୧୬ ରଖେ ହାଇଦରାବାଦକୁ ଯିବେ । ସେଠାରେ କେତେଦିନ ରହି ପୁଣି ବୋମ୍ବାଇକୁ ଆସି ସେଠାରୁ ଜୟପୁର ଓ ଉଦୟପୁରକୁ ଯାଇ ବଗଡ଼ ଶିକାର କରିବେ । ଜାନୁୟାରୀ ମାସ ତା ୩ ରଖେ ମଥୁରାକୁ ଯିବେ ଏବଂ ସେଠାରେ ସୈନ୍ୟ-ପରିଦର୍ଶନ ପୂର୍ବକ ତା ୮ ରଖେ ଲାହୋର ଯିବେ । ପରେ ଅମୃତସର, ପେସବାର, ଲଣ୍ଡି କୋଟାଲ ଏବଂ ମାଲକଣ୍ଡ ଏବଂ ଦିଲ୍ଲୀ ଭ୍ରମଣ କରି ସେହିମାସ ତା ୨୪ ରଖେ ଅଲହାବାଦ ପ୍ରଦର୍ଶନୀ ଦେଖିବେ । ଜାନୁୟାରୀ ମାସ ତା ୨୬ ରଖେ କାଶୀରେ ପହୁଞ୍ଚି ଦୁଇ ଦିନ ରହି ଲକ୍ଷ୍ନୌରେ ଦୁଇ ଦିନ କଟାଇ କଲି-କତାରେ ଫେବୃୟାରୀ ମାସ ତା ୩ ରଖେ ପହୁଞ୍ଚିବେ ଓ ସେହିମାସ ତା ୭ ରଖେ ଦାର୍ଜିଲିଂ ଯାଇ କେତେଦିନ ରହି ପୁଣି କଲିକତାକୁ ଫେରି ଆସି ତା ୧୩ ରଖେ ଜାପାନ ଅଭିମୁଖେ ଯାତ୍ରା କରିବେ । ଭାରତ ପରିଭ୍ରମଣ କାଳରେ ବଡ଼ଲାଟ ମହୋ-ଦୟଙ୍କ ଖାସ ରେଲ ଗାଡ଼ି ଯୁବରାଜ ମହୋଦୟ ଓ ତାଙ୍କ ଦଳବଳ ସକାଶେ ନିୟୋଜିତ ରହିବ ।

---

ଅଲହାବାଦରେ ଏଥର ପ୍ରକାଣ୍ଡ ପ୍ରଦର୍ଶନୀ ହେଉଅଛି । ତହିଁରେ ଭାରତବର୍ଷର କୃଷି ଓ ଶିଳ୍ପଜାତ ଦ୍ରବ୍ୟାଦି ଛଡ଼ା ଏପର୍ଯ୍ୟନ୍ତ ପୃଥିବୀମଧ୍ୟ-ରେ ଯେତେପ୍ରକାର ବୈଜ୍ଞାନିକ ଆଶ୍ଚର୍ଯ୍ୟ କୌଶଳ ଆବିଷ୍କୃତ ହୋଇଅଛି ତତ୍ସମସ୍ତ ପ୍ରଦର୍ଶିତ ହେବ ଏବଂ ବୈଦେଶିକ କୃଷି ଓ ଶିଳ୍ପ ସମ୍ବନ୍ଧୀୟ ଯନ୍ତ୍ର, ଉପକରଣ ଓ ଦ୍ରବ୍ୟାଦି ମଧ୍ୟ ପ୍ରଦର୍ଶିତ ହେବ । ବିନା ତାରରେ ବିଦ୍ୟୁତ୍ ସାହାଯ୍ୟରେ ବାର୍ତ୍ତା ପଠାଇବା ଏବଂ ଆକାଶଯାନ ଚଳାଇବା ପ୍ରଧାନ ବୈଜ୍ଞାନିକ ଆଶ୍ଚର୍ଯ୍ୟ କାଣ୍ଡ ଦେଖାଇବାର ବନ୍ଦୋବସ୍ତ ହୋଇଅଛି ଏହି ପ୍ରଦର୍ଶନୀନିମିତ୍ତ ଯେଉଁ ସ୍ଥାନ ଘେରା ଯାଇଅଛି ତହିଁର ପରି-ମାଣ ୩୦୦ ଏକର ଅଟେ ଏବଂ ତହିଁ ମଧ୍ୟରେ ଦର୍ଶକଗଣ ଅବସ୍ଥାନ କରିବାର ସୁବିଧା ହୋଇଅଛି । ଯେଉଁମାନେ ସାହେବୀ ଧରଣରେ ରହିବେ ତାଙ୍କୁ ଦିନକୁ ୧୨ ଟଙ୍କା ଏବଂ ଯେଉଁ-ମାନେ ଦେଶୀୟ ଧରଣରେ ରହିବେ ତାଙ୍କୁ ୫ ୩ ଦେବାକୁ ପଡ଼ିବ । ଏହି ପ୍ରଦର୍ଶନୀ ଡିସେମ୍ବର ମାସ ତା ୧ ରଖ ଠାରୁ ଫେ-ବୃୟାରୀ ମାସ ତା ୨୮ ରଖ ଯାଏ ଖୋଲା ରହିବ ଆକାଶଯାନ ଉଡ଼ିବା ଡିସେମ୍ବର ମାସ ତା ୫ ରଖ ଠାରୁ ଆରମ୍ଭ ହେବ । ପ୍ରଦର୍ଶନୀର ଯେଉଁରୂପ ସମ୍ବାଦମାନ ମିଳୁଅଛି ତହିଁରୁ ଉତ୍ତମ-ରୂପେ ଜଣାଯାଏ ଯେ ଭାରତବର୍ଷରେ ଏପରି ପ୍ରଦର୍ଶନୀ ପୂର୍ବେ ହୋଇନାହିଁ । ଟିକଟର ମୂଲ୍ୟ ମଧ୍ୟ ଦିନକୁ ଆଠଅଣା ହୋଇଅଛି ଏବଂ ଅଧିକ ଦିନ ସକାଶେ କେଲେ ଅନ୍ତର ଊଣା ଦେବାକୁ ହେବ ।

---

ଅଲହାବାଦ କଂଗ୍ରେସର ସଭାପତି ସର ଉଇଲିୟମ ୱେଡରବର୍ଣ୍ଣଙ୍କ ଭାରତାଭିମୁଖେ ଯାତ୍ରା କରିବା ପୂର୍ବେ ବିଲାତରେ ତାହାଙ୍କୁ ଗୋଟିଏ ବିଦାୟ ଭୋଜି ଦିଆଯାଇଥିଲା । ଭୋଜିରେ ନ ୭୦ ଣ ସଭ୍ୟ ଉପସ୍ଥିତ ଥିଲେ । ଲର୍ଡ ହୋବହାଉସ ମ-ହୋଦୟ ସଭାପତିର ଆସନ ଗ୍ରହଣ କରିଥିଲେ । ସର ଫିରୋଜସା ମେହଟା ଏବଂ ମାଡ୍ୟବର ଅମିର-ଅଲି ମହୋଦୟମାନେ ହିନ୍ଦୁ ଓ ମୁସଲମାନମାନଙ୍କୁ ମିଳାଇଦେବା କାରଣ ବୋମ୍ବାଇଠାରେ ଗୋଟିଏ ସଭା କରିବାର ପ୍ରସ୍ତାବ କଲେ । ସଭାପତି ମହୋ-ଦୟ ସମ୍ରାଟଙ୍କ ଦିଲ୍ଲୀ ଦରବାରର କଥା ଉଲ୍ଲେଖ-ପୂର୍ବକ ପ୍ରକାଶ କଲେ ଯେ ସାଧାରଣତନ୍ତ୍ରର ଅଧୀନ ରାଜାଙ୍କଠାରୁ ଭାରତବାସିମାନେ ଅଧିକ ପାଇବାର ଆଶା କରିବା ନିଷ୍ପ୍ରୟୋଜନ । ସର ଉଇଲିୟମ ୱେଡ଼ରବର୍ଣ୍ଣ ମହୋଦୟ ମଧ୍ୟ ଭାରତରେ ବିବାଦ ଲଗାଇଥିବା ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ମେଳ ସଂଘଟନ କରିବା ତାଙ୍କର ପ୍ରଧାନ ଉଦ୍ଦେଶ୍ୟ ବୋଲି ବ୍ୟକ୍ତ କଲେ । ଭାରତର ବିଭିନ୍ନ ସମ୍ପ୍ରଦା-ୟଙ୍କ ମଧ୍ୟରେ ମନାନ୍ତର ଯେ ଉନ୍ନତିର ବିଶେଷ ବାଧାଜନକ ଏଥିରେ ସନ୍ଦେହ ନାହିଁ ଏବଂ ୱେନ୍-ଡରବର୍ଣ୍ଣ ମହୋଦୟ ତାହା ଅପନୋଦନ କରି-ପାରିଲେ କଂଗ୍ରେସର ସଭାପତିରୂପେ ସେ ଯେଉଁ ମହତ୍ କାର୍ଯ୍ୟ କରିଯିବେ ତହିଁ ସକାଶେ ଭାରତ-ବାସୀ ଚିରକାଳ ଋଣୀ ରହିବେ । ଆମ୍ଭମାନଙ୍କର

Split by PDF Splitter
Digitized by srujanika@gmail.com

ନୂତନ ବଡ଼ଲାଟ ମହୋଦୟ ମଧ୍ୟ ସାମ୍ପ୍ରଦାୟିକତାର ପକ୍ଷପାତୀ ନୁହନ୍ତି । ସର୍ବୋପରି ସମ୍ରାଟ ମହୋଦୟ ସ୍ୱୟଂ ଅପାର ଅନୁଗ୍ରହ ଦେଖାଇ ନିଷ୍ପକ୍ଷ ନୀତି ଅବଲମ୍ବନ କରିବାକୁ କହୁଅଛନ୍ତି । ତେଣୁ ସାମ୍ପ୍ରଦାୟିକତା ହଟିଯିବାର ଆଶା ଥିବ । ସମ୍ରାଟ ମହୋଦୟ ପ୍ରଜାସାଧାରଣଙ୍କ ଭକ୍ତିର ଶାସନଗଣ୍ଡିରେ ଅବଦ୍ଧ ଥିଲେ ପ୍ରଜା ଆମ୍ଭେମାନେ ଯାହା ପାଇବା ଉଚିତ ତାହା ଯେ ସୁବିଚାରପୂର୍ବକ ସେ ଆମ୍ଭମାନଙ୍କୁ ଦେଇଯିବେ ଏଥିରେ ସନ୍ଦେହ ନାହିଁ । ଅଧିକ ମାଗିବା ସବୁବେଳେ ବିପଦଜନକ ଏବଂ ଲର୍ଡ଼ ମୋର୍ଲିଙ୍କ ସହିତ ଆମ୍ଭେମାନେ ଐକ୍ୟ ହୋଇ ଲୋକଙ୍କ ସେ ବିଷୟ ଜଣାଇ ଦେଉଅଛୁଁ । ମାଗିବା ଅପେକ୍ଷା ଯୋଗ୍ୟତା ବଳରେ ଉନ୍ନତି ପଥରେ ଅଗ୍ରସର ହେବା ସର୍ବଥା କର୍ତ୍ତବ୍ୟ ।

---

ମାନ୍ୟବର ଏସ, ପି, ସିଂହ ।

ଭାରତ ଗବର୍ଣ୍ଣମେଣ୍ଟ ମନ୍ତ୍ରୀ ସଭାରେ ସମାସୀନ ହୋଇ ଅଳ୍ପକାଳ ପରେ ମାନ୍ୟବର ସତ୍ୟେନ୍ଦ୍ର ପ୍ରସନ୍ନ ସିଂହ ମହୋଦୟ ଇସ୍ତଫା ଦେବାରୁ ଏସମ୍ବନ୍ଧେ ନାନା ଅନୁମାନରେ ଭାରତଠାରୁ ବିଲାତପର୍ଯ୍ୟନ୍ତ ଆନ୍ଦୋଳନ ଚାଲିଥିଲା । ମାତ୍ର କଲିକତା କ୍ଲବରେ ବଡ଼ଲାଟ ଲର୍ଡ଼ ମିଣ୍ଟୋ ମହୋଦୟଙ୍କ ବିଦାୟ ଦେବାକାରଣ ଗତମାସ ତା ୧୮ ରିଖରେ ଯେଉଁ ଭୋଜ ହୋଇଥିଲା ତହିଁରେ ମାନ୍ୟବର ସିଂହ ମହୋଦୟ ସ୍ୱାଭିମତ ପ୍ରକାଶପୂର୍ବକ ଉକ୍ତ ସନ୍ଦେହ ଦୂର କରିଅଛନ୍ତି । ମାନ୍ୟବର ମହୋଦୟ ବଡ଼ଲାଟ ମହୋଦୟଙ୍କୁ ମଙ୍ଗଳ ମନାସି ବ୍ୟକ୍ତ କଲେ ଯେ କେହି କେହି ଦେଶୀୟ ଲୋକ ତାଙ୍କ ଜଣାନ୍ତି ଅନୁରୋଧ କରିବାରେ ସେ ପଦତ୍ୟାଗ କରିଥିବାର କହନ୍ତି ମାତ୍ର ତାହା ଯଥାର୍ଥ ନୁହେ । ଲୋକେ ବରଂ ତାଙ୍କୁ ସେ ପଦ ନ ଗ୍ରହଣକାରଣ ଜିଦ କରିଥିଲେ । କେହି୨ ମନ୍ତ୍ରୀ ସଭାର ଭିତର ଦଳ ମଧ୍ୟରେ ତାଙ୍କ ନ ପୋଷକତାକାରଣରୁ ମନେ କରନ୍ତି ମାତ୍ର ଏପରି କୌଣସି ଦଳଥିବାର ତାଙ୍କ ଜଣା ନାହିଁ ବରଂ ସେ ସମ୍ପୂର୍ଣ୍ଣ ବିଶ୍ୱାସଭାଜନ ହୋଇଥିବାରୁ ସୁଖୀ ଅଛନ୍ତି ଏବଂ ତାଙ୍କର ସହଯୋଗିମାନେ ତାଙ୍କ ଯଥାସାଧ୍ୟ ସାହାଯ୍ୟ କରିଅଛନ୍ତି । ଏହା କହି ଲର୍ଡ଼ ମିଣ୍ଟୋ ମହୋଦୟଙ୍କ ଚରମ ଗରମ ଶାସନ ନୀତି ବିଶେଷ ବୁଦ୍ଧିମତ୍ତା ସହିତ ଚଳିଥିବାର ପ୍ରକାଶପୂର୍ବକ ସଂଶୋଧିତ ନୀତିରେ ଶିକ୍ଷିତ ଲୋକଙ୍କୁ ଅବହେଳା କରି ମୁସଲମାନ ଓ ଜମିଦାର ଶ୍ରେଣୀ ଲୋକଙ୍କର ଉପକାର ଦିଆଯାଇଥିବାର ଯାହା ଲୋକେ କହୁଅଛନ୍ତି ତତ୍ସମ୍ବନ୍ଧେ କହିଲେ ଯେ କୌଣସି ଦେଶରେ ରାଜନୈତିକ ଅଧିକାର ଦାନରେ ଶିକ୍ଷାକୁ ଏକ ବା ପ୍ରଧାନ ମୂଳ କରାଯାଇ ନାହିଁ ଏବଂ ଯଦ୍ୟପି ଭାରତର ଅବସ୍ଥାଦୃଷ୍ଟିରେ ଗବର୍ଣ୍ଣମେଣ୍ଟ ବାଧ୍ୟ ହୋଇ ଶ୍ରେଣୀ ବିଚାର କରିଅଛନ୍ତି ମାତ୍ର ତାହା ଦୂରତର ବିଷୟ ହେଲେହେଁ କ୍ରମେ ତାହା କ୍ଷୀଣ ହୋଇଯାଉଅଛି ଏବଂ କାଳକ୍ରମେ ସମସ୍ତ ସମାନ ହୋଇଯିବ । ଏହି ଭୋଜରେ ୫୦୦ଜଣ ଦେଶୀୟ ଏବଂ ୟୁରୋପୀୟ ସଭ୍ୟ ଯୋଗ ଦେଇଥିଲେ ଏବଂ ବଡ଼ଲାଟ ମହୋଦୟ ଉପଯୁକ୍ତ ବାକ୍ୟ ପ୍ରୟୋଗଦ୍ୱାରା ସିଂହ ମହୋଦୟଙ୍କୁ ଧନ୍ୟବାଦ ଓ ତାଙ୍କର ଗୁଣାବଳୀ ଗାଇ ଅନ୍ୟାନ୍ୟ କଥା ମଧ୍ୟରେ ସମ୍ରାଟଙ୍କ ଭାରତାଭିଷେକରେ ଏଠା ଲୋକେ ସ୍ୱୟଂ ସମ୍ରାଟଙ୍କୁ ଦେଖି ରାଜଭକ୍ତି ପ୍ରକାଶ କରିବାକୁ ଅବସର ପାଇବାର ପ୍ରକାଶ କଲେ ।—ସିଂହ ମହୋଦୟ ସ୍ୱସମୟରେ ପଦତ୍ୟାଗ ସମ୍ବନ୍ଧରେ ଲୋକଙ୍କ କଳ୍ପନାର ପ୍ରତିବାଦ କରି ଅନେକ ଭ୍ରମ ଘୁଞ୍ଚାଇ ଦେଇଅଛନ୍ତି ଓ ତାହାଙ୍କ ପରି ଉଚ୍ଚ ଚରିତ୍ରବାନ୍ ଓ ବିଚକ୍ଷଣ ବ୍ୟକ୍ତି ଏକମାତ୍ର ଆୟ ଊଣାହେଲୁ ଦେଶର ଗୌରବାନ୍ୱିତ ଓ ହିତକର ପଦତ୍ୟାଗ କରିବା ମଧ୍ୟ ମନକୁ ଆସୁ ନାହିଁ । ସେ ପୂର୍ବରୁ ଅଭିପ୍ରାୟ କଥା ବିଲକ୍ଷଣ ଜାଣି ଦେଶର ହିତ କାମନାରେ ସେ ପଦ ଗ୍ରହଣ କରିଥିଲେ । ଅତଏବ ସ୍ପଷ୍ଟ ବୁଝାଯାଉଅଛି କି ଉକ୍ତ କୌଣସି ବିଶେଷ ଅସୁବିଧା ଘଟଣା ହେଲୁ ସେ ପଦତ୍ୟାଗ କରିବାକୁ ବାଧ୍ୟ ହେଲେ ଏବଂ ତାହା ସାଧାରଣରେ ପ୍ରକାଶ ଯୋଗ୍ୟ ନୁହେ ବୋଲି କହି ପାରିଲେ ନାହିଁ ।

---

ଯୁବକ ସଭାର ବାର୍ଷିକ ଅଧିବେଶନ ।

ଉତ୍କଳଯୁବକ ସଭାର ପ୍ୟାରୀମୋହନ ଏକାଡେମି ଶାଖାର ବାର୍ଷିକ ଅଧିବେଶନ ଗତ ଶନିବାର ସନ୍ଧ୍ୟାସମୟରେ ଏଠା ଟାଉନ ଲାଇବ୍ରେରୀ ହଲରେ ସମାରୋହ ସହକାରେ ସମ୍ପନ୍ନ ହୋଇଥିଲା । ଏତଦୁପଲକ୍ଷେ ଯୁବକସଭାର ଅନ୍ୟାନ୍ୟ ଶାଖାରୁ ପ୍ରତିନିଧିମାନେ ଆମନ୍ତ୍ରିତ ହୋଇ ଆସିଥିବାରୁ ସମାରୋହ ଅଧିକ ହୋଇଥିଲା । ସଭାପକ୍ଷରୁ ହଲଟି ସୁସଜ୍ଜିତ ଏବଂ ବାଟର ଉଭୟ ପାର୍ଶ୍ୱରେ ବହୁତ ଦୂରରୁ ଆଲୋକମାଳା ଦିଆଯାଇଥିଲା । ୟୁରୋପୀୟମାନଙ୍କ ମଧ୍ୟରେ କେବଳ ପାଦ୍ରୀ ୟଙ୍ଗସାହେବ ଏବଂ ଅନେକ ଦେଶୀୟ ସମ୍ଭ୍ରାନ୍ତଲୋକ ସଭାସ୍ଥଳକୁ ଅଲଂକୃତ କରିଥିଲେ ଏବଂ ହଲଟି ଊଣା ପଡ଼ିବାରୁ ଅନେକ ବାଧ୍ୟ ହୋଇ ଠିଆ ହୋଇଥିଲେ । ବାବୁ ଜଗନ୍ନାଥ ବସୁ କାର୍ଯ୍ୟାରମ୍ଭରେ ସଭାପତିର ଆସନଗ୍ରହଣ କରନ୍ତେ ଗୋଟିଏ ଓଡ଼ିଆ ଓ ଗୋଟିଏ ସଂସ୍କୃତ ଗୀତ ହାର୍ମୋନିୟମ ସହିତ ଗାୟନ ଓ ରିପୋର୍ଟ ପାଠହେଲା ପରେ ଶ୍ରୀନାଥ ଗୁପ୍ତ ନାମକ ଏକାଡେମିର ଛାତ୍ର "ଛାତ୍ର କର୍ତ୍ତବ୍ୟ" ସମ୍ବନ୍ଧରେ ଗୋଟିଏ ରଚନା ପାଠ କଲେ । ଏ ଛାତ୍ରଟି ଏଠା ଏକାଡେମିର ପ୍ରଥମ ଶ୍ରେଣୀରେ ପାଠ କରୁଅଛି । ପଠିତ ପ୍ରବନ୍ଧ ଯେମନ୍ତ ଶୁଦ୍ଧ ସରଳ ଇଂରାଜୀ ଭାଷାରେ ଲେଖା ହୋଇଥିଲା ତେମନ୍ତ ବିଶେଷ ଚିନ୍ତା ପୂର୍ଣ୍ଣ ଓ ଗମ୍ଭୀର ଭାବାନ୍ୱିତ ଥିଲା । ଶ୍ରୋତାମାନେ ସମସ୍ତେ ନିବିଷ୍ଟ ଚିତ୍ତରେ ତାହା ଶୁଣି ରଚକର ପ୍ରଶଂସା କରିଥିଲେ । ରିପୋର୍ଟ ପାଠରୁ ଜଣାଗଲା ଯେ ଶାରୀରିକ, ମାନସିକ ଏବଂ ନୈତିକ ଉନ୍ନତି ସକାଶେ ତଥା ଉତ୍କଳର ଉନ୍ନତିନିମିତ୍ତ ସଭା ସ୍ଥାପିତ ହୋଇଅଛି । କୋଲ୍ମ ବାବୁଙ୍କ ଯେ ଛାତ୍ରମାନଙ୍କର ଉନ୍ନତି ହେଲେ ଦେଶର ଉନ୍ନତି ହେବ । ସଭାରେ ପ୍ରଥମେ ନ ୩୦ଣ ସଭ୍ୟ ଥିଲେ । ବର୍ତ୍ତମାନ ସଭ୍ୟ ସଂଖ୍ୟା ଜ ୭୯ ଣ ହୋଇଅଛି । ପ୍ରତି ଶନିବାର ଅପରାହ୍ଣ ଘ ୬ ଟା ସମୟରେ ସଭାର ଦୁଇଗୋଟି ଅଧିବେଶନ ହୁଏ । ଏକାଡେମିର ଶିକ୍ଷକମାନେ ତହିଁର ସଭାପତି ହୁଅନ୍ତି ଏବଂ ସମୟେ ସମୟେ ଅନ୍ୟାନ୍ୟ ଭଦ୍ରଲୋକଙ୍କୁ ସଭାପତି ପଦରେ ବରଣ କରାଯାଇ ତାଙ୍କଠାରୁ ଉପଦେଶ ଗ୍ରହଣ କରାଯାଏ । ସଭା ଉଚ୍ଚ ଏବଂ ନିମ୍ନ ଦୁଇଭାଗରେ ବିଭକ୍ତ । ଉଚ୍ଚ ବିଭାଗରେ ବର୍ଷ ମଧ୍ୟରେ ୨୪ ଏବଂ ନିମ୍ନ ବିଭାଗରେ ୧୫ ଗୋଟି ଅଧିବେଶନ ହୋଇଥିଲା । ଏଥିରେ ସାହିତ୍ୟ, ଇତିହାସ, ଆୟ, ବ୍ୟୟ ଏବଂ ବ୍ୟାୟାମ ଏରୂପ ଗୋ ୪ ... ଅଛି ଏବଂ ବର୍ଷର ଆୟ ଟ ୭୫।/୧୧ ମଧ୍ୟରୁ ଖର୍ଚ୍ଚ ଟ ୫୧୵୬ ଯାଇ ବାକି ଟ ୫୧୫୵୭୧ ହାତରେ ଗଚ୍ଛିତ ଅଛି । ଏକାଡେମିର ଉପଯୁକ୍ତ ଦୁଃଖୀ ପିଲାମାନଙ୍କୁ ସାହାଯ୍ୟ ଦେବା ଉଦ୍ଦେଶ୍ୟରେ ଏଥିରେ ବିଦ୍ୟାଳୟର ପ୍ରତିଷ୍ଠାତା ପ୍ୟାରୀମୋହନଙ୍କ ନାମରେ ଗୋଟିଏ ଫଣ୍ଡ ଅଛି ଯେ ତହିଁରୁ ପ୍ରଥମ ଶ୍ରେଣୀର ଗୋଟିଏ ଛାତ୍ରକୁ ମାସିକ ଦୁଇଟଙ୍କା ଏବଂ ଚତୁର୍ଥ ଶ୍ରେଣୀର ଗୋଟିଏ ଛାତ୍ରକୁ ଏକଟଙ୍କା ସାହାଯ୍ୟ ଦିଆଯାଏ । ରିପୋର୍ଟ ପାଠାନ୍ତେ ପାଦ୍ରୀ ୟଙ୍ଗ ସାହେବ ପ୍ରଭୃତି ଛାତ୍ରମାନଙ୍କୁ ସାରଗର୍ଭ ବକ୍ତୃତାଦ୍ୱାରା ଉପଦେଶ ଏବଂ ଉତ୍ସାହ ପ୍ରଦାନ କରିଥିଲେ । ପାଦ୍ରୀ ମହାଶୟ କହିଲେ ଯେ ଛାତ୍ରମାନେ ସର୍ବଦା ପାଠାଭ୍ୟାସରୂପ ଏକ କାର୍ଯ୍ୟ କରୁଥିବାର ସ୍ମରଣ ରଖି ତହିଁରେ ମନୋନିବେଶ ପୂର୍ବକ ଅନ୍ୟ କାହିଁରେ ମନ ନ ଦେବା ଏବଂ ବ୍ୟାୟାମ ମଧ୍ୟ ଅଳ୍ପ ଏବଂ ଉପଯୁକ୍ତରୂପେ କରିବା ଉଚିତ । ଅନେକ ସମୟରେ ଛାତ୍ରମାନେ ଫୁଟବଲ, କ୍ରିକେଟ ଇତ୍ୟାଦି ଏତେ ଅଧିକ ଖେଳନ୍ତି ଯେ ତହିଁ ଉପରୁ ବହିବାଟ ଭୁଲିଯାଇ ପାରନ୍ତି ନାହିଁ ଏବଂ ଅତି କ୍ଳାନ୍ତ ହେବା ହେତୁ ପାଠରେ ବ୍ୟାଘାତ ହୁଏ । ବାବୁ ବୈକୁଣ୍ଠନାଥ ଦତ୍ତ ବ୍ୟକ୍ତ

କଲେ ସେ ଶିକ୍ଷକ ପ୍ରକୃତ ଉପଦେଶ ଦେବେ ସତ୍ୟ ମାତ୍ର ତାହା ମନୋନିବେଶପୂର୍ବକ ଶୁଣି କାର୍ଯ୍ୟ କରିବା ଛାତ୍ରମାନଙ୍କର ପ୍ରଧାନ କର୍ତ୍ତବ୍ୟ ଏବଂ ଅନେକସ୍ଥଳ ଭବିଷ୍ୟତ ଉଦ୍ଦେଶ୍ୟ ବିସ୍ମୃତ ହୋଇ ପାଠ ପଢୁଥିବାରୁ ଉକ୍ତସ୍ଥଳେ ବ୍ୟାଘାତ ଜନ୍ମେ । ଅବଶେଷରେ ସଭାପତି ମହାଶୟ ସଦୁପଦେଶ ପୂର୍ଣ୍ଣ ବକ୍ତୃତାଦ୍ୱାରା ଛାତ୍ରମାନଙ୍କୁ ସଦାଚରଣ ଅନୁଶୀଳନପୂର୍ବକ ପିତା, ମାତା, ଗୁରୁ ତଥା ସ୍ୱଦେଶ ଓ ସ୍ୱଦେଶବାସୀ ଲୋକ ଏବଂ ଅବଶେଷରେ ପରମେଶ୍ୱରଙ୍କ ପ୍ରତି ଉତ୍ତମ ଆଚରଣ କଲେ ଅନ୍ତରେ ଉନ୍ନତ ହେବାର ବୁଝାଇ ଦେଲେ ଏବଂ ମାଦକ ଦ୍ରବ୍ୟରୁ ଛାତ୍ରମାନେ ଏକାନ୍ତଭାବେ ପୃଥକ୍ ରହିବା ଉଚିତ ବୋଲି ପ୍ରକାଶ କଲେ ଏହି ସଭାରେ ମାଦକଦ୍ରବ୍ୟ ପରିହାର ସମ୍ବନ୍ଧୀୟ ଗୋଟିଏ ଗୀତ ଗାଇବାକୁ ପରାମର୍ଶ ହେଲେ । ଏଥି ଉତ୍ତାରୁ ଗୋଟିଏ ବଙ୍ଗଳାଗୀତ ଗାୟନ ହୋଇ ସଭାପତିଙ୍କି ଧନ୍ୟବାଦ ଦିଆଯାଇ ସଭା ଭଙ୍ଗ ହେଲା ।—ଏ ଦିନର କାର୍ଯ୍ୟାବଳୀ ସୁନ୍ଦରରୂପେ ନିର୍ବାହ ହୋଇଥିବାରୁ ଅମ୍ଭେମାନେ ସ୍କୁଲର କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଦେଉଅଛୁଁ । ଏଠା ଛାତ୍ରମାନଙ୍କ ମଧ୍ୟରେ ମାଦକ-ଦ୍ରବ୍ୟ ପ୍ରବେଶ କରି ନ ଥିବାର ଯାହା ଧର୍ମ୍ମ୍ୟେନ୍ଦ୍ର ବ୍ୟକ୍ତ କଲେ ତାହା ଯଥାର୍ଥ ମାତ୍ର ଯାହା ତାହିଁ ତହିଁର କାରଣ ବିଷୟରେ ବିଭାଗ ଖୋଲିବା ନିଷ୍ପ୍ରୟୋଜନୀୟ ବରଂ ତଦ୍ଦ୍ୱାରା ବାହାର ଲୋକଙ୍କ ମନରେ ଅନ୍ୟପ୍ରକାର ଧାରଣା ହୋଇପାରେ, ତେବେ ବେଳେ ପାନ ସିଗାରେଟ ଯାହା ଅନ୍ତଃତଃ ପଲ୍ଲୀପକ୍ଷେ ମାଦକ ତହିଁର କୁଫଳ ଶିକ୍ଷକ-ମାନେ ବୁଝାଇଦେଉଥିଲେ ଯଥେଷ୍ଟ ହେବ । ଏକତା ଏବଂ ଶିକ୍ଷାର ଉନ୍ନତି ବିଧାନାର୍ଥ ଏ ଭଳି ସଭା ଯେ ଛାତ୍ରମାନଙ୍କ ମଧ୍ୟରେ ରହିବା ଏକାନ୍ତ ପ୍ରୟୋଜନୀୟ ଏଥିରେ ସନ୍ଦେହ ନାହିଁ ଏବଂ ବାର୍ଷିକ ଅଧିବେଶନାଦି କରି ବାହାରର ଲୋକଙ୍କୁ ତାହ ସଭାର ଜୀବନୀଶକ୍ତିର ପରିଚୟ ଦେବା ସମୀଚୀନ ଅଟେ ।

---

ପ୍ରାପ୍ତଗ୍ରନ୍ଥର ସଂକ୍ଷିପ୍ତ ସମାଲୋଚନା ।

ଛନ୍ଦ ।—ବାମଣ୍ଡାଧୀଶ୍ୱର ଶ୍ରୀମାନ୍ ସଚ୍ଚିଦାନନ୍ଦ ତ୍ରିଭୁବନ ଦେବ ବର୍ମ୍ମଙ୍କ କର୍ତ୍ତୃକ ରଚିତ ଏବଂ ବାମଣ୍ଡା ସୁଜନ ପ୍ରେସରେ ମୁଦ୍ରିତ ଓ ପ୍ରକାଶିତ । ଭାରତବର୍ଷର ବିଖ୍ୟାତ ଛନ୍ଦକାର ଭଟ୍ଟ ବର୍ମ୍ମଙ୍କ ଛନ୍ଦମ୍ଭଳାର ପଞ୍ଚଲକ୍ଷଣ ପ୍ରଭୃତି ପାଞ୍ଚଗୋଟି ଛନ୍ଦ ଅବଲମ୍ବନରେ ପାଞ୍ଚଗୋଟି ଛନ୍ଦ କବିତା ଏଥିରେ ପ୍ରକାଶିତ ହୋଇଅଛି । ଉତ୍କଳ କବିତାକ୍ଷେତ୍ରରେ ବାମଣ୍ଡାର ପରଲୋକଗତ ରାଜା ସୁଜନ ଦେବ ବିଖ୍ୟାତ ଥିଲେ । ଉପଯୁକ୍ତ ପିତାଙ୍କର ଯୋଗ୍ୟ ପୁତ୍ର ସଚ୍ଚିଦାନନ୍ଦ ଦେବ ସୁଦ୍ଧା ନୂତନ ନୂତନ ଛନ୍ଦ ସୃଷ୍ଟି କରନ୍ତି । ଛନ୍ଦର ରେଖା ଏବଂ ରଙ୍ଗ ସଂଯୋଗରେ ଯେମନ୍ତ ଚିତ୍ରପଟକୁ ରୂପ ଦିଆ ହୁଏ ସେହିପରି ଅକ୍ଷର ଏବଂ ଅଳଙ୍କାର ସଂଯୋଗରେ ଛନ୍ଦକୁ ରୂପ ଦିଆ ହୁଏ । ଉଭୟେ ରୂପକାର ହେଲେହେଁ ଛନ୍ଦକରଠାରୁ କବିର କାର୍ଯ୍ୟ ଦୁରୂହ ଏବଂ ସେହି ଦୁରୂହକାର୍ଯ୍ୟରେ ସଫଳ ଶୀଳ ବନ୍ଧୁ କାର୍ଯ୍ୟକାରୀ ବାମଣ୍ଡାଧୀଶଙ୍କର କୃତିତ୍ୱ ଏହି 'ଛନ୍ଦ'ରୁ ପାଇ ଅମ୍ଭେମାନେ ଆନନ୍ଦିତ ହୋଇ ଉତ୍କଳୀୟମାନଙ୍କୁ ପାଠକରିବା କାରଣ ଅନୁରୋଧ କରୁଅଛୁଁ । ଭାଷା ଯେମନ୍ତ ସରଳ ପଦବିନ୍ୟାସ ତେମନ୍ତ ମଧୁର ଓ ରସାତ୍ମକ ଯଥା—'ପ୍ରେମମଣି ଲଭ ଯଦ୍ୱ ସର୍ବାଦ ଦୁର୍ଲଭ, ପ୍ରେମିକ ପ୍ରେମିକା ପକ୍ଷେ ଅଟଇ ସୁଲଭ ।'

ପରନ୍ଦମ (ପ୍ରଥମଭାଗ)—ଶ୍ରୀ ଲାଲମୋହନ ମହାପାତ୍ରଙ୍କ ଦ୍ୱାରା ପ୍ରଣୀତ ଏବଂ ଉତ୍କଳ ସାହିତ୍ୟ ପ୍ରେସରେ ମୁଦ୍ରିତ ଓ ପ୍ରକାଶିତ । ଏଥିରେ ଶରଦାଦି ଋତୁ ଓ ଦେଶାଦି ପଞ୍ଚଭୂତର ବିଷୟ ପଦ୍ୟାକାରରେ ପ୍ରକାଶିତ ହୋଇଅଛି । କବି ଭୂମିକାରେ ଆପଣା ବିଷୟର ପରିଚୟ ଦେଇ ସରଳଭାବରେ "ଜୀବନ୍ତ ନିର୍ବାହ ହେଉଁରୁ ସମୟର ଅତ୍ୟନ୍ତ ଅଭାବ ମଧ୍ୟରେ ଥାଇ ସୁଦ୍ଧା" ଏହି ପୁସ୍ତକ ଲେଖି ଥିବାର ପ୍ରକାଶ କରି ଅଛନ୍ତି । ସେଠିତ ସମସ୍ତେ ପାଇଁଅଛନ୍ତି ମାତ୍ର ଯେଉଁ ଲୋକ ନାନା କାର୍ଯ୍ୟରେ ବ୍ୟାପୃତ ଥାଇ ଅବସର ଟିକିଏ ସାହିତ୍ୟ ସେବାରେ ଦାନ୍ତନ୍ତି ସେହି ସାଧ ଏବଂ ତହିଁ ଉପରେ ଯାହାଙ୍କ ମନ ଈଶ୍ୱରଙ୍କ ଆଡ଼କୁ ଆକୃଷ୍ଟ ସେ ପୁଣ୍ୟବାନ । ଧର୍ମ ପ୍ରାଣ ସରଳ ହୃଦୟ କବିଙ୍କର ଏ କବିତା ପଢ଼ି ଅମ୍ଭେମାନେ ପ୍ରକୃତରେ ସୁଖୀ ହୋଇଅଛୁଁ । ଶୀତକାଳର ବର୍ଣ୍ଣନା ସମୟରେ କବି ଯାହା "ନଦୀ ସରୋବର ଜଳ କ୍ରମଶ ଲୁଚଇ, ଅଷାଧର ସଙ୍ଗେ ଯଥା ଭକତି ଲୁଟଇ; ଯେବେ ଲୁଟେ ଦିନମାନ ବଢ଼ଇ ଯେ ରାତି, ଅଧିକାର ସଙ୍ଗେ ଯଥା ବଢ଼ଇ ଅରାତି" ଗାଇଅଛନ୍ତି ତହିଁରୁ ସହଜରେ ତାଙ୍କର ସ୍ୱଭାବ ହୃଦୟଙ୍ଗମ ହେଉଅଛି । ଦେଶ-ଲୋକେ ଏ ପୁସ୍ତକ ଥରେ ପଢ଼ିଲେ ଅନର୍ଥକ ବ୍ୟୟରେ ପଡ଼ିବେ ନାହିଁ ଏହା ଅମ୍ଭେମାନେ ସାହସ କରି କହି ପାରୁଁ । ମୂଲ୍ୟ ଟ ୦ ୵ ଅଣା ।

ବିବାହ କର୍ମକାଣ୍ଡ । ଶ୍ରୀ ବିହାରୀଲାଲ ଶାସ୍ତ୍ରୀ ପଣ୍ଡିତଙ୍କ ଦ୍ୱାରା ସଂଗୃହୀତ ଓ ଅରୁଣୋଦୟ ଯନ୍ତ୍ରାଳୟରେ ମୁଦ୍ରିତ ହୋଇ ପ୍ରଥମବାର ପ୍ରକାଶିତ । ବିବାହ ବାବୁ ବହୁକାଳ ହିନ୍ଦୁମାନଙ୍କର କର୍ମକାଣ୍ଡ ପ୍ରକାଶ କରିବାରେ ବଦ୍ଧ ହୋଇ ପଣ୍ଡିତମାନଙ୍କ ସାହାଯ୍ୟରେ ଅଠପେଜି ପୃ ୪୬୧ ସ୍ତା ବ୍ୟାପୀ ଏ ଭଳି କର୍ମକାଣ୍ଡ ସ୍ଥାନେ ବ୍ୟାଖ୍ୟା ଓ ଟୀକା ସହିତ ଆପଣା ନାମ ସଂଯୋଗରେ ହେଲେ ସୁଦ୍ଧା ବହୁ ମୂଲ୍ୟରେ ବିତରଣ କରୁଥିବାରୁ ତାଙ୍କର ଉଦାର ହୃଦୟ ଓ ଧର୍ମ ନିଷ୍ଠା ଏବଂ ଏକାଗ୍ରତା ସହ ଜଣେ ଜଣା ପଡ଼ୁଅଛି । ଏଥିରେ ହିନ୍ଦୁମାନଙ୍କର ପ୍ରାୟ ସମ୍ପ୍ରଦାୟ କର୍ମକାଣ୍ଡ ତଥା ଯାତ୍ରାଦି ଦିନ ଓ ତିଥିନିରୂପଣାଦି ସମସ୍ତ ବିଷୟ ଅଛି । ପଣ୍ଡିତ ମହୋଦୟ ଧନୀ ଏବଂ ବିଦେଶୀ ହେଲେ ସୁଦ୍ଧା ଏ ଦେଶର ଅର୍ଜିତ ଧନ ଏହିରୂପ ସଦ୍‌ବ୍ୟୟ-ଦ୍ୱାରା ଏତଦ୍ଦେଶୀୟ ଲୋକଙ୍କ ଉପକାରରେ ନିୟୋଜିତ କରୁଥିବାରୁ ଅମ୍ଭେମାନେ ତାଙ୍କ ମୁକ୍ତକଣ୍ଠରେ ସାଧୁବାଦ ପ୍ରଦାନ କରୁଅଛୁଁ ।

—※—

ସନ ୧୯୧୦ ସାଲର ସଂସ୍କୃତ ପରୀକ୍ଷାର ଫଳ ଅନୁସାରେ ଓଡ଼ିଶାରେ ଯେଉଁମାନେ ବୃତ୍ତି ପାଇ ଅଛନ୍ତି ସେମାନଙ୍କର ତାଲିକା ।

ଛାତ୍ର ।

୧ମ ପରୀକ୍ଷାରେ

| | |
|---|---|
| ବୈଦ୍ୟନାଥ ପତି | ସଂସ୍କୃତ ସ୍କୁଲ ପୁରୀ |
| ବଳବନ୍ତର ଭଟ୍ଟାଚାର୍ଯ୍ୟ | ପୁରୀ |
| କୃଷ୍ଣପ୍ରସାଦ କର | ମୟୂରଭଞ୍ଜ |
| ନିଧିଚରଣ ପଣ୍ଡା | ସଂସ୍କୃତ ସ୍କୁଲ ପୁରୀ |
| ଗୋବିନ୍ଦଚନ୍ଦ୍ର ଶତପଥୀ | ଏକତ |
| ଶ୍ରୀନାଥ ରଥ | ବଳଦେବଜୀଉ କେନ୍ଦ୍ରାପଡ଼ା |
| ସୋମନାଥ ମହାପାତ୍ର | କାଳିଆପାଳି ସ୍କୁଲ |
| ବ୍ରମ୍ହାଧର କର | ଶ୍ରୀରାମଚନ୍ଦ୍ର ଟୋଲ ବାଲେଶ୍ୱର |

ଏମାନେ ଦୁଇବର୍ଷ ସକାଶେ ମାସିକ ଦୁଇଟଙ୍କା ବୃତ୍ତି ପାଇବେ ।

୨ୟ ପରୀକ୍ଷାରେ

| | |
|---|---|
| ଶ୍ରୀକାନ୍ତ ଶତପଥୀ | ଶ୍ରୀଧର କଟକ |
| ନୀଳାମ୍ବର ମିଶ୍ର | ସଂସ୍କୃତ ସ୍କୁଲ ପୁରୀ |
| ନରହରି ମିଶ୍ର | ଢେଙ୍କାନାଳ |
| ଚନ୍ଦ୍ରଶେଖର ମିଶ୍ର | କେନ୍ଦ୍ରାପଡ଼ା |
| ଜଗନ୍ନାଥ ରଥ | ସଂସ୍କୃତ ସ୍କୁଲ ପୁରୀ |
| ଆନନ୍ଦ ମିଶ୍ର | ଏକତ |

ଏମାନେ ଦୁଇବର୍ଷ ସକାଶେ ମାସିକ ଦୁଇଟଙ୍କା ବୃତ୍ତି ପାଇବେ ।

| | |
|---|---|
| କୃଷ୍ଣଚନ୍ଦ୍ର ଶତପଥୀ | ବଳଦେବଙ୍କ କଟକ |
| ଜଗନ୍ନାଥ ଷଡ଼ଙ୍ଗୀ | ରାମକୃଷ୍ଣଟୋଲ ପୁରୀ |
| ଗୋପାଳପ୍ରସାଦ ଶତପଥୀ | ଶ୍ରୀରାମଚନ୍ଦ୍ର ଟୋଲ ବାଲେଶ୍ୱର |
| ଦାମୋଦର ମିଶ୍ର | ଢେଙ୍କାନାଳ |
| ରଘୁନାଥ ମିଶ୍ର | ଜଗନ୍ନାଥବଲ୍ଲଭ ଟୋଲ ଗଞ୍ଜାମ |

ଏମାନେ ଦୁଇବର୍ଷ ସକାଶେ ମାସିକ ତିନିଟଙ୍କା ବୃତ୍ତି ପାଇବେ ।—

ଶିକ୍ଷକ ।

୧ ମ ପରୀକ୍ଷାରେ ।

| | |
|---|---|
| ପଣ୍ଡିତ ବଳରାମ ମିଶ୍ର | ନିତ୍ୟାନନ୍ଦ, କଟକ |

Digitized by srujanika@gmail.com

ପଣ୍ଡିତ ବୈଦ୍ୟନାଥ ମିଶ୍ର      ସଂସ୍କୃତସ୍କୁଲ, ପୁରୀ

ଏମାନେ ଏକବର୍ଷ ସକାଶେ ମାସିକ ଆଠଟଙ୍କା ଲେଖାଏଁ ବୃତ୍ତି ପାଇବେ ।

ପଣ୍ଡିତ କାଳୀଚରଣ କାବ୍ୟତୀର୍ଥ ଶ୍ରୀରାମଚନ୍ଦ୍ରଟୋଲ ବାଲେଶ୍ୱର

ପଣ୍ଡିତ ରାମଚନ୍ଦ୍ର ମିଶ୍ର      ରାମକୃଷ୍ଣଟୋଲ, ପୁରୀ

ପଣ୍ଡିତ ବଳଭଦ୍ର କାବ୍ୟତୀର୍ଥ ରଘୁନାଥସ୍ୱର୍ଣ୍ଣଟୋଲ ବାଲେଶ୍ୱର

ପଣ୍ଡିତ ମୁକୁନ୍ଦ କାବ୍ୟତୀର୍ଥ      ପଦ୍ମନାଭ କଟକ

ପଣ୍ଡିତ ଗଦାଧର ତ୍ରିପାଠୀ ରଘୁନନ୍ଦନଟୋଲ ପୁରୀ

ଏମାନେ ଏକବର୍ଷ ସକାଶେ ମାସିକ ଛଅଟଙ୍କା ବୃତ୍ତି ପାଇବେ ।

୨ ୟ ପରୀକ୍ଷାରେ ।

ପଣ୍ଡିତ ଉମାନାଥ ମିଶ୍ର      ଶ୍ରୀଧର, କଟକ

ପଣ୍ଡିତ ଅନନ୍ତ ବିଦ୍ୟାଭୂଷଣ      ଢେଙ୍କାନାଳ

ପଣ୍ଡିତ ଜଗନ୍ନାଥ ମିଶ୍ର      ସଂସ୍କୃତସ୍କୁଲ ପୁରୀ

ଏମାନେ ଏକବର୍ଷ ସକାଶେ ମାସିକ ବାର ଟଙ୍କା ବୃତ୍ତି ପାଇବେ ।

ପଣ୍ଡିତ ବୈଦ୍ୟନାଥ ଷଡ଼ଙ୍ଗୀ      ସଂସ୍କୃତସ୍କୁଲ ପୁରୀ

ପଣ୍ଡିତ ପରମେଶ୍ୱର କାବ୍ୟତୀର୍ଥ ବଳଦେବଜୀ କଟକ

ପଣ୍ଡିତ ଅର୍ଜୁନ କବିରତ୍ନ      ଶ୍ରୀରାମଚନ୍ଦ୍ରଟୋଲ ବାଲେଶ୍ୱର

ଏମାନେ ଏକବର୍ଷ ସକାଶେ ମାସିକ ଦଶଟଙ୍କା ବୃତ୍ତି ପାଇବେ ।

—*୦*—

# ସାପ୍ତାହିକସମ୍ବାଦ ।

କଲିକତା ଗେଜେଟ ।

ନାଗପୁର ଡେ: ମା: ଓ ଡେ: କଲେକ୍ଟର ବାବୁ ପୂର୍ଣ୍ଣଚନ୍ଦ୍ର ମୌଳିକ ବାହାଦୁର ମେଦିନୀପୁର ଜିଲ୍ଲା ତମଲୁକ ସବଡିଭିଜନର ଭାର ପାଇଲେ ।

ପାଟନାର ଡେ: ମା: ଓ ଡେ: କଲେକ୍ଟର ବାବୁ ଜଗନ୍ନାଥ ସେନ ନାଗପୁର ସବଡିଭିଜନର ଭାର ପାଇଲେ ।

ବାଙ୍କୁଡ଼ା ଡେ: ମା: ଓ ଡେ: କଲେକ୍ଟର ବାବୁ ପ୍ରଫୁଲ୍ଲଚନ୍ଦ୍ର ବୋଷ (ଏକମାସ) ଜେଲ ଡିବିଜନ ସକାଶେ କେନ୍ଦ୍ରାପଡ଼ା ସବଡିଭିଜନର ଭାର ପାଇଲେ ।

ଡେ: ମା: ଓ ଡେ: କଲେକ୍ଟର ମୌଲବୀ ସୈୟଦ ଆହମ୍ମଦ ପଦ୍ମ ଏକ ବର୍ଷ ସକାଶେ ସମ୍ବଲପୁର ସବଡିଭିଜନରେ ଅସ୍ଥାୟିଭାବେ ନିଯୁକ୍ତ ହେଲେ ଓ ୨ୟ ଶ୍ରେଣୀ ମାଜିଷ୍ଟ୍ରେଟ କ୍ଷମତା ପାଇଲେ ।

କେନ୍ଦ୍ରାପଡ଼ା ଡେ: ମା: ଓ ଡେ: କଲେକ୍ଟର ବାବୁ ଯୋଗେନ୍ଦ୍ରଚନ୍ଦ୍ର ବର ଦିନ ଛୁଟି ପାଇଲେ ।

ଡେପୁଟି ମାଜିଷ୍ଟ୍ରେଟ ସରେନ୍ଦ୍ରନାଥ ବାବୁ ସବଡିଭିଜନ ତିନିମାସ ଛୁଟି ପାଇଲେ ।

ବାବୁ ଚନ୍ଦ୍ରଶେଖର ରାଉତ ଏମ, ଏ, ବି, ଏଲ, ଡେପୁଟି କଲେକ୍ଟରର ମୁନସଫ ହୋଇ ସ୍ଥାନରେ ଅସ୍ଥାୟୀଭାବେ ନିଯୁକ୍ତ ହେଲେ ।

ମୁଙ୍ଗେରର ମୁନସଫ ବାବୁ ପୂର୍ଣ୍ଣଚନ୍ଦ୍ର ସରକାର ଡେପୁଟି କଲେକ୍ଟର ପଦରେ ନିଯୁକ୍ତ ହେଲେ ।

ଗତତା ୨୮ ତାରିଖରେ ଶେଷହେବା ସପ୍ତାହରେ ବର୍ଷାର ପରିମାଣ କଟକ ସେ ୧୩୬, ବାଲେଶ୍ୱର ସେ ୧୭, ପୁରୀ ସେ ୨୫, ସୁତା ସେ ୧୩୫, ଓ ସମ୍ବଲପୁର ସେ ୧୭ ଏବ ଗଡ଼ଜାତମଧ୍ୟରେ ସର୍ବୋଚ୍ଚ ଢେଙ୍କାନାଳ ୮ ଭାଗ ଏବ ସେ ୨୮ ଏବ ସର୍ବନିମ୍ନ ଗଡ଼ପଡ଼ା ସେ ୧୪ ।

———

## ସ୍ଥାନୀୟ ସମ୍ବାଦ ।

ଆମ୍ଭମାନଙ୍କର କଲେକ୍ଟର ସାହେବ ଶୀଘ୍ର ବାଙ୍କି ଯିବେ ବୋଲି ଶୁଣାଯାଏ ।

ଏ ସପ୍ତାହରେ ଏ ନଗରରେ ଅକାଶ ନିର୍ମଳ ଓ ଶୀତ ଅଧିକତର ଜଣା ହୋଇଅଛି । ସାଧାରଣ ସ୍ୱାସ୍ଥ୍ୟ ଭଲ ।

ମୋଗଲବନ୍ଦିର ଠାକୁର ଓ ଉତ୍କଳଠା ଜଗିବାର ଶୁଣାଯାଏ, ଧର୍ମଶାଳା ଥାନା ଓ ଶାଳେପୁର ଥାନା ଏକରାରୁ ଉଠା ଇଠା ଜିଲ୍ଲାସହିତ ଜଣେ ଡାକ୍ତର ପଠାଇବାର ବନ୍ଦୋବସ୍ତ ହୋଇଅଛି ।

ଏଠା କମିଶନର ଜନରଲ ସେକ୍ରେଟରୀ ଶ୍ରୀଯୁକ୍ତ ଶରତ ବାବୁ ଧର୍ମନଗର ନାସିକ ଓ ୨୮ ସେ ଷ୍ଟେସନ ରେଳ ବନ ଗ୍ରାମ ସ୍ୱ ସ୍ଥାନରେ ଗତ ମଙ୍ଗଳବାର ପରିଦର୍ଶନ ଗମନ କଲେ, ଏଠାର ସର୍ବକାଳ ପେନସନ ଦେବା ଅଳ୍ପ ସେବ ଭଗାରେ ଗଲେ ।

କଲିକତାରୁ ସବଡିଭିଜନ ପଡ଼ିବାର ଶ ପଶ୍ଚିମୋତ୍ତର ବାବୁ ଯୋଗାଯୁଗରେ ଏକ ଜିଲ୍ଲା ମହୋତ୍ସବ କର ପ୍ରାୟ ୪ ଶତ ଲୋକଙ୍କ ଭୋଜନ ଓ ନାଟ୍ୟାଭିନୟ ଦେଖାଇବାରେ ସଭିବୋଧ କରି ସ୍ୱୟଂ ଭକ୍ତିପୂର୍ବକ କିଣେ ପଚାଶ ଲେଖିଅଛନ୍ତି ।

ସୋଏଲମେଣ୍ଟ ଡିପାର୍ଟମେଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ସାହେବ ଏ ନଗରକୁ ଆସି ଗତ ମଙ୍ଗଳବାର ଦିନ କେତେକ ଜମିର ସ୍ଥାନ ଲୋକଙ୍କ ସହିତ ବନ୍ଦୋବସ୍ତ ସମ୍ବନ୍ଧ ପରାମର୍ଶ କରିଥିଲେ ।

ରଥଯାତ୍ରା ବଡ଼ଦାଣ୍ଡରେ ଏ ନଗରର ଅଧି ବାସୀ ଯଥାପ୍ରସାଦ ଲଗନଙ୍କ ଘୋଡ଼ାରେ ବସା କରିଅଛନ୍ତି ସେ କାହ ପୀଡ଼ିତ ଅଛନ୍ତି ।

ମହାନଦୀ ଚଟାଣ ସମ୍ବଲପୁର ରେଲୱେ ଅଫିସର ପ୍ରଧାନ ନିମନ୍ତେ କମିଶନରଙ୍କ ଅନୁମତି ମିଳିଅଛି ଯେ ପଠା ନିମନ୍ତେ ଦାନ ଜନ କର୍ତ୍ତୃତ୍ୱ ଅଧିକାର ଦେବା ଅଛନ୍ତି । — ସ: ହି:

ପଣ୍ଡିତ କୁଞ୍ଜ ପାଠକ ବାବୁ ଜିଲ୍ଲା ସମ୍ବଲପୁରଠାରେ ଗତ ମଙ୍ଗଳବାର ମହାନଦୀ ପାର ହେବାର ଜଳ ଭାବ ଯାଇଅଛି । — ସ: ହି:

ବାମଣ୍ଡା ବିଧବା ରାଜମାତାଙ୍କ ସ୍ୱର୍ଗାରୋହଣରେ ଶୋକରେ ସମବେଦନା ପ୍ରକାଶ କରିବା କାରଣ ସୋନପୁର ରାଣୀପୁର, ରାମପୁର, ବୋନାଇ, ପାଲଲହଡ଼ା, ଓ ଅନ୍ୟାନ୍ୟ ରାଜନ୍ୟବର୍ଗର ପ୍ରତିନିଧିମାନେ ବାମଣ୍ଡାକୁ ଆସିଲେ ଯଥୋଚିତ ଅଭ୍ୟର୍ଥନା କରାଯାଇଅଛି । — ସ: ହି:

ସ୍ୱର୍ଗୀୟ ସୁବର୍ଣ୍ଣ ଚଉଧୁରୀ ରାଜକୁମାର ଅପ ରିତିବନ୍ଧଙ୍କ ପ୍ରତିଷ୍ଠିତ ଉତ୍ସବରେ ଲେଖକ ସେବେନିତ୍ୟ ସ୍ଥଳରେ ସାଧାରଣ ପ୍ରଜାମାନଙ୍କ ସହିତ ମିଳାମିଶି ଅଧିକତ କରୁଅଛନ୍ତି । ଏପରି ହୋଇ ମନରେ ଦମ୍ଭ ମାତ୍ର ଅଭି ମାନ ନାହିଁ । ଏ ସେ ଯୋଗ୍ୟ ପିତାର ଯୋଗ୍ୟପୁତ୍ର ହେବେ ବୋଲି ପ୍ରମାଣ ମିଳୁଅଛି । — ସା: ସୁ: ବା:

ସମ୍ବଲପୁରର ପାଦରୀ ରେଭରେଣ୍ଡ ହେବାଇଲେ ୫୦ ବର୍ଷ ଏଠାରେ ରହି ବଳିଯାଇଅଛନ୍ତି । ତାହାଙ୍କ ବିଦାୟ ଉପଲକ୍ଷରେ କ୍ଷ୍ଟାନ ଏବ ସ୍ନେହ ଦେଖାଇବା କାରଣ ଖ୍ରୀଷ୍ଟୀୟ ବନ୍ଧୁମାନେ ଏବ ଲାଗି ବିଦାୟ ସଭା ଏକ ରାତ୍ରରେ ଏକ ପାଦରୀ ମହାଶୟଙ୍କର କୃତଜ୍ଞତା, ଉତ୍ତରାଧିକାର ଓ ସୁଖସ୍ୱର୍ଗ ବାହାରିଲା ବାହାର ତାହାଙ୍କ ବିଦାୟରେ ପ୍ରୀତିର ଓ ତାହାଙ୍କର ମଙ୍ଗଳ କାମନା କରିଲେ । — ସା: ସୁ:

ପୋଲିସଙ୍କ ଏକେକ ସାହ ପାଣିରେ ପଡ଼ା ହୋଇ ଉପଯୁକ୍ତ ଉପାୟ ସମୂହ ସକାଶେ ଜଣେ ସାହେବ ଚଉକି ହୋଇ ଅଛି ଏହାରେ ବାହାର ଅଛନ୍ତି । ୧ ଜଣେ ବର୍ତ୍ତମାନ ପରୀକ୍ଷାର୍ଥୀ ୬ ୪ ଓ ସକାଶେ ହୋଇଅଛି ପରେ ସ୍ଥାୟୀ ହେବାର ଅନୁମାନ କରୁଅଛି । — ସ: ହି:

## କେନ୍ଦ୍ରାପଡ଼ା ସମ୍ବାଦ ।

ଗତ ଦୁଇ ସପ୍ତାହରେ ଏଠାରେ ଟାଣ ଶୀତ ପଡ଼ିଅଛି ଏବ ଶିଶୁ ମାନଙ୍କ ସର୍ଦ୍ଦିକାଶ ଓ ଜ୍ୱର ପ୍ରବଳ ପରିଲକ୍ଷିତ ହେଉଅଛି ।

ବର୍ତ୍ତମାନ ଲବଣ କଣ୍ଟାକ୍ଟ ଆରମ୍ଭ ହୋଇଅଛି । ଅନେକ ଦେଶ ସେ ଲୋକମାନଙ୍କରେ ଧାନ ଗ୍ରହଣର ସହରେ ଲବଣ ଦେଖାଯାଏ । ମଫସଲରେ ଟଙ୍କାକୁ ନଅସେ ସାତ ସେରରୁ ଟଙ୍କାକୁ ସାତ ଓ ସହରରେ ଟଙ୍କାକୁ ୨୫ ଶ ଧାନ ମିଳୁଅଛି ।

ଗତ ଦୁଇ ସପ୍ତାହ ହେବ ଟାଉନରେ ଓଲଉଠାର ପ୍ରକୋପ ଟିକିଏ ଉଣା ହୋଇଅଛି ମାତ୍ର ମଫସଲ ସ୍ଥାନେ ବ୍ୟାପକ ହେଉଥିବାର ଶୁଣାଯାଏ ।

ଗତ ଶନିବାର ଶିକ୍ଷାବିଭାଗ ଇନସ୍ପେକ୍ଟର ସାହେବ ଏଠାର ହାଇସ୍କୁଲ ପରିଦର୍ଶନ କରି ଫେରିଯାଇଅଛନ୍ତି ।

ମିସେସ ଫେଜର ବାଙ୍ଗାଳୀ ଛାତ୍ରୀ ବାଳିକାମାନଙ୍କ ସ୍କୁଲର ପୁରସ୍କାର ଅର୍ପଣ ଏବ ସ୍କୁଲ ପରିଦର୍ଶନ ପରେ ଉତ୍ତମ ଶିକ୍ଷା ମେନ୍ତ୍ରେ ଏବ ଶାନ୍ତ ଅଣାଯାଇଅଛି । ଏହି ସୁବିଧା ଯୋଗେ ଛାତ୍ରୀ ସଂଖ୍ୟା ମଧ୍ୟ କ୍ରମଶଃ ବୃଦ୍ଧି ହେବାର ଲକ୍ଷଣ ଦେଖାଯାଉଅଛି ।

ଏ ଟାଉନ ଅନ୍ତର୍ଗତ ଖୋଳିବା ନଈ ସବୁଦିନ ରହି ଯାଇଅଛି । ଏଥିପାଇଁ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ଅଚିରେ ସାହେବ ପ୍ରତ୍ୟେ କର୍ଷପଣ ଅସ୍ଥାୟୀ ଭାଗରେ ପୋଲ ଦେଇ ଚଳାଚଳ ଜନସାଧାରଣଙ୍କ ଏହି ଶୀତକାଳରେ ଅଣ୍ଟାଏ ଜଳେ ପଶିବା କଷ୍ଟ ଦୂର କରିବେ ।

ଏଠାରେ ମ୍ୟୁନିସିପାଲିଟି ଲୁଣ ଗୋଲା ସ୍ଥାନାନ୍ତରିତ ହେବାକାରଣ ଯେ ନୂତନ ଜମି ଦିଆଯାଇଅଛି ତାହା ଇତି ମଧ୍ୟରେ ପରିଷ୍କାର ଓ ସମତଳ ହୋଇଅଛି କେତେବେଳେ ଗୃହଟି ପ୍ରସ୍ତୁତ ହେଲେ ହାଟ ବସିବ ।

ଏଠାର ମ୍ୟୁନିସିପାଲ ବଜାରରେ କୋବିଆ ବିପରି ଶାକସବଜି ହେଉଥିବାରୁ ସାଧାରଣରେ ଅଶ୍ୱାଦନ କରୁ ଥିଲେ । ଏ ବର୍ଷ ବଜାର ପଡ଼ିଆ ଖୋଳିଅଛି । ଫଳେ ଏବର୍ଷ ଏଠାରେ ବିପରି ଶାକସବଜି ଏଥରାରେ ଦୁର୍ଲଭ ହେବ ।

ଏ ବର୍ଷ ଏହି ହାଇସ୍କୁଲରେ ମୋଟ ତେରଜଣ ପରୀକ୍ଷାର୍ଥୀ ଉପସ୍ଥିତ ହୋଇଅଛନ୍ତି ଯଥା — ମାଟ୍ରିକ ପାଞ୍ଚଜଣ ଓ ଏଣ୍ଟ୍ରାନ୍ସରେ ଅଠଜଣ ।

## ବାରିପଦା ସମ୍ବାଦ ।

ଗତ ତା ୨୮ । ୨୯ । ୩୦ ଦିନରେ ଏଠା ହାଇସ୍କୁଲ ହେଡ଼ରେ ଗଭର୍ଣ୍ଣମେଣ୍ଟ ମାଇନର ଓ ଅପରପ୍ରାଇମେରୀ ବୃତ୍ତି ପରୀକ୍ଷା ଗୃହୀତ ହୋଇଥିଲା । ଗତ ପହିଲାଠାରୁ ଷ୍ଟେଟର ମାଇନର ଓ ଅପରପ୍ରାଇମେରୀ ବୃତ୍ତିପରୀକ୍ଷା ଗୃହୀତ ହେଉଅଛି ଅଦ୍ୟ ଶେଷ ହେବ । ପ୍ରାୟ ୬୮୦ ଶ ପରୀକ୍ଷାର୍ଥୀ ଉପସ୍ଥିତ ହୋଇଥିଲେ । ଷ୍ଟେଟପକ୍ଷରେ ଏହା ପ୍ରଥମ ଅନୁଷ୍ଠାନ ଦେଖିବା

ଆସନ୍ତା ଜାନୁୟାରୀ ପ୍ରଥମ ସପ୍ତାହରେ ମୟୂରଭଞ୍ଜ ମହାରାଜା ଶ୍ରୀଯୁକ୍ତ ବିଜୟ ପ୍ରତାପଙ୍କୁ ଶୁଭ ପ୍ରତ୍ୟାବର୍ତ୍ତନ ହେବାର ଶୁଣାଯାଏ । ତାହାଙ୍କ ଅଭ୍ୟର୍ଥନା କରିବାପାଇଁ ଅତ୍ୟନ୍ତ ଆୟୋଜନ ଲାଗିଅଛି ।

ଏମ, ଏ ଉପାଧିଧାରୀ ଜଣେ ଯୋଗ୍ୟମାନଙ୍କର ଏଠାରୁ ଅଭି ଅଛନ୍ତି ଶୁଣିଅଛୁଁ ତାଙ୍କର ବାଇବେଲପାଠରେ ଶାଳସ୍ଥ ଅଛେକ ଅସୁବିଧା ହୋଇ ଉପଦେଶ ଧର୍ମବିଦ୍ୟା ବରଣ୍ଟ କରୁଅଛନ୍ତି ଲୁଥର ଚାର୍ଚ୍ଚ ଯୋଗ୍ୟଙ୍କର ମହାଶୟ ଅତ୍ୟନ୍ତ ଲବ ରେଭ ସ୍ୱ ଓ ହାର୍ଟନେଲ ସ୍ଥଳେ ।

Split by PDF Splitter

Digitized by srujanika@gmail.com

ବର୍ତ୍ତମାନ ଏଠାରେ ଶୀତ ପ୍ରବଳ ହୋଇଅଛି । ତାରିଖ ଲିଭ କାର୍ତ୍ତିକପରୀକ୍ଷା ତା ୧୯ ରେଠାରୁ ଆରମ୍ଭ ହୋଇ ତା ୨୪ ରେ ଶେଷ ହେବ ।

## ସାଧାରଣ ସମ୍ବାଦ ।

କଲିକତା ଗଙ୍ଗାରଘାଟ, ଏକଲପୁର, ଶିବପୁର ପ୍ରଭୃତି ସ୍ଥାନରେ ସନ୍ଦେହପୂର୍ବକ ‘ବିହ୍ନେସ’ ଦେବାରେ ଉତ୍ତରପଶ୍ଚିମ ପ୍ରଦେଶର ପ୍ରସିଦ୍ଧ ଏମ, ଏନ, ମୁକୁର୍ଜି ଆଦି ସ୍ଥାନରେ ଯାଇ ୧.୦ ୫ ଡାକଡ଼ା ଜବାବୀ ବାଟ ସ୍ଥାନର ଓ ତଲାସ ସ୍ଥାନ ପୁଲିସଙ୍କ ଧର ସେମାନଙ୍କ ସଙ୍ଗ ତଲାସ କର ପ୍ରାୟ ୫ ୧୦୦୦ ଖାନ ସ୍ୱେଦମାଲ ବାହାର କଲେ । ସେମାନଙ୍କ ବହୁବାମରେ ସୁନ୍ଦର ଯୋଏଡା ମତମଦ ବଦଙ୍ଗର ଧର ତାହା ସବୁ ଅନେକ ସ୍ୱେଦମାଲ ପାଇଲେ । ଏହି ଯୋଏଡା ଜଣେ ସିନ୍ଧିଆର ମରବତ । ତାହା ଅଧୀନରୁ ଚ ୭ ଶ ସେଇ ମଧ୍ୟ ଧର ହୋଇଅଛନ୍ତି । ବିଲାସ ବଲ ଯୋଏଡା ବାକି ଅଛି ।

ଗତ ଡିସେମ୍ବର ଉପରେ ଇଷ୍ଟାଧବ ସାକ୍ଷୀ ବାଣୀ ଧାମରେ ଏକ ଶୀତ ବାଜର ୫ ମାନ ଅନଳରେ ପଡାରେ ସତ ଲହି ସବୁ ସେଠାର ଗଙ୍ଗା ସ୍ନାନ ଓ ଦେବେଶ ଦର୍ଶନ କରିବାପାଇ ହିନ୍ଦୁ ଧର୍ମସ୍ଥାନର ଯାତ୍ରୀ ପଡ଼ିବସ୍ ଦେଇଥିଲେ ‘ହିନ୍ଦୁଗଣର ସ୍ୱଦେଶ ମଧ୍ୟେ ବହୁ ଯାତ୍ରୀ ସମାଗମହୋଇ-ରେ ଜନକଠାଠାରେ ଆଗାମୀ ଫେବ୍ରୁଏରୀ ତା ୩ ରଖ-ଠାରୁ ୧୪ ତାରିଖ ପର୍ଯ୍ୟନ୍ତ ଅବସ୍ଥାନ କରିବେ ଏବଂ ସେହି-ଠାରୁ ବାହାରି ଯାଇ ଦେଖି ଅସିବେ ।

କଟକସହରଠାରୁ ଦେଲୁଡସ୍ତାଙ୍କୁ ରେଲଓ୍ୱେ ନିର୍ମାଣ କରିବାପାଇଁ ଭାରତରେ ପ୍ରସ୍ତାବ ଉପସ୍ଥିତ ଏବଂ ନକ୍ସା ପ୍ରସ୍ତୁତ ହେଉଅଛି । ଏ ନକ୍ସାର ଓଡ଼ିଶା, ଗଞ୍ଜାମ ପ୍ରାନ୍ତର ଏବଂ ଅନ୍ୟାନ୍ୟ ଟଙ୍କା ଲଗାଇ ରେଲଓ୍ୱେ ନିର୍ମାଣ କରିବେ । ଏ ବାଟ ନିର୍ମାଣ ହୋଇଗଲେ ଲୋକଙ୍କୁ ହୋମା-ଇଠାରୁ ୫ ୭ ଦିନରେ ସେଠେ ଅସି ପାରିବେ ।

ଫିରଙ୍ଗେଇଜିଅଠାରେ ପଣ୍ଡିତ ଦେଶେର ମହୋଦୟ ଅଧ୍ୟାପକମାନଙ୍କର ୧୫୭୦ ପୃ: ଉପରି ଉଠି ଅନୁସନ୍ଧାନରେ ବଢ଼ିଲେ କରିବାର ସମ୍ବାଦ ମିଳିଲା । ଏ ଛାତ୍ରଙ୍କୁ ଏପର୍ଯ୍ୟନ୍ତ କେହି ପଢ଼ିନାହାନ୍ତି ।

ବଙ୍ଗୀୟ ଲେ:ଗ:ଙ୍କ କରମଠିତକାର୍ଯ୍ୟ ବିଭାଗୀୟ କାଉ-ନସିଲର ସଭ୍ୟାଙ୍କ ସଭାପତି ପଦରେ ମାନ୍ୟବର ଏମ୍. ଏ, ଷ୍ଟାକ ସି, ଏସ, ଆଇ, ନିଯୁକ୍ତ ହୋଇଅଛନ୍ତି ।

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଖ ଇଷ୍ଣୁ ପଟ୍ଟନାୟକ | ହେତୁ | ୫ ୦ |
| „ ସୁନ୍ଦର ଯୋଷ୍ଣୀ | ସତାବଗ | ୫ ୦ |
| „ ହରମାଧବ ରାଉତ | ଅଷ୍ଟଗଡା | ୫ ୦ |
| „ ଗୋପୀନାଥ ଦାସ | ଚୂଡଙ୍ଗ | ୫ ୦ |
| „ ସମତଳ ମହାନ୍ତି | ତଟଣିସ | ୫ ୧ |
| „ ଗୋବିନ୍ଦ ଚନ୍ଦ୍ର ଜାସୁଡ | ୫ାଙ୍ଗି | ୫ ୧ |
| „ ଜେବନାଥ ରଥ | ପୁର | ୫ ୧୮ |
| „ ହେଡ୍ ମାଷ୍ଟର ସୁବର୍ଣ୍ଣରେଖ ଏମ୍, ଇ: ସ୍କୁଲ | | ୫ ୧୮ |
| „ ବାଲୁକେଶ୍ୱର ମହାପାତ୍ର | ନମାପଡା | ୫ ୪ |
| „ ଦାମୋଦର ମୁଦଲୀ | ଝିଙ୍ଗେ | ୫ ୧ |

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

ଶ୍ରୀଲଶ୍ରୀଯୁକ୍ତ ଉତ୍କଳଦୀପିକାର ସମ୍ପାଦକ ମହୋଦୟ ମହାଶୟ ସନ୍ନିଧେଷୁ

ମହାଶୟ !

ଗତମାସ ତା ୧୯ ରିଖର ଉତ୍କଳବାର୍ତ୍ତାରେ “ପୁଣି ସମ୍ମିଳନୀ” ପ୍ରବନ୍ଧ ଲେଖକ ମହାଶୟ ଭୁଲ ମୃତ୍ୟୁପଦ କଥାରେ ସମ୍ମିଳନୀର ମସ୍ତକ-ଚ୍ଛେଦନୋଦ୍ୟତ ହେବାପରି ବୋଧ ହେଉଅଛି । ସମ୍ମିଳନୀର ନାମ ବୁଡ଼ିଯିବ ଏହି ବାଣୀ କର୍ଣ୍ଣ-ଗୋଚର ହେଲାକ୍ଷଣି ସର୍ବଶରୀରରେ ସୂଚିବିଦ୍ଧ-ବତ୍ ସ୍ୱତଃ ଅନୁଭୂତ ହେଉଅଛି । ଲେଖକ ମହାଶୟ ସମ୍ମିଳନୀଦ୍ୱାରା ଗଚ୍ଛିତ ଅର୍ଥ କଣ ପାଞ୍ଚ ଛଅବର୍ଷ ହେଲା ବୃଥାରେ ବ୍ୟୟିତ ହେବାର ଓ ସଭାମଣ୍ଡପ ଅନର୍ଥକ ସଜ୍ଜିତ ହେବାର ଉଲ୍ଲେଖ କରିବାଦ୍ୱାରା ସମ୍ମିଳନୀର ମସ୍ତକଚ୍ଛେଦ-ଖଡ୍ଗକୁ ତୀକ୍ଷ୍ଣ ଶାଣିତ କରୁଅଛନ୍ତି ।

ସଭାମଣ୍ଡପ ଉପରସ୍ଥିଆ ହୋଇପାରେ । କାରଣ ସମ୍ମିଳନୀର ନେତାମାନଙ୍କ ମଧ୍ୟରେ ଅଧିକାଂଶ ସ୍ୱାର୍ଥପର ଉପରସ୍ଥିଆ ଏବଂ ଅପର କେତେକ କପଟ ସ୍ୱଭାବବିଶିଷ୍ଟ ହେବାରୁ ଯେ ଉତ୍କଳ ସମ୍ମିଳନୀର ନାମ ବୁଡ଼ାଇବା ଦମ୍ଭ କ୍ଷମତାପ୍ରାପ୍ତ କରିବା ଅମ୍ଭମାନଙ୍କର କର୍ତ୍ତବ୍ୟ ବୋଲି ମନେ କରିବାକୁ ହେବ ଏହା କଦାପି ବାଞ୍ଛନୀୟ ନୁହେ । ଜଗତ୍କର୍ତ୍ତାଙ୍କର କରୁଣାରୁ ସମ୍ମିଳନୀର ନାମ ଦିନକୁ ଦିନ ଜଗଦ୍‌ବ୍ୟାପୀ ହେଉ ଓ ସମସ୍ତ ଭାରତବାସୀ ଉତ୍କଳକୁ ଆଦର୍ଶ ସ୍ୱରୂପ ମଣନ୍ତୁ ଏହାହିଁ ସର୍ବାନ୍ତଃକରଣରେ କାମନା । ଅତଏବ ଉତ୍କଳସମ୍ମିଳନୀ ଶୃଙ୍ଖଳାରୁ ଶୃଙ୍ଖଳାର ଭାବରେ ଗଠିତ ହେଉ ଓ କାର୍ଯ୍ୟକରୁ ଯଦ୍ୱାରା ଉତ୍କଳର ଦୁର୍ଦ୍ଦଶା ମୋଚନ ହେବ ଓ ଶାନ୍ତି ଚିରସ୍ଥାୟୀ ହେବ । ସର୍ବଶେଷରେ ଏତତ୍ କୃତାଞ୍ଜଳି ପୁଟରେ ପ୍ରାର୍ଥନା ଯେ ସମ୍ମିଳନୀର ନେତାମାନେ ଦେଶର ନାମ ରକ୍ଷିଯିବାକୁ ସତତ ଜାଗରୂକଭାବରେ ପ୍ରାଣପଣେ ଚେଷ୍ଟା କରନ୍ତୁ । କାରଣ କବିଙ୍କର ଉକ୍ତି ଅଛି ଯେ “ରେ ଅମୃତ୍ ! ନିଦ୍ରାପରବଶ ହେତୁ ତନ୍ଦ୍ରାର ମୋଚନ କରନର ନିଃଶ୍ୱାସଣ ନାଃଶବ୍ଦେ ଜୀବନ ସ୍ରୋତ ଧାଉଁଛି ଏପରି ଭେଟିବାକୁ ମୃତ୍ୟୁସିନ୍ଧୁ ଚଞ୍ଚଳ ଲହରୀ” । ଆଉ ବା ହେବେ କିନ ? ଦୁଇକାଳ ବା ତିନିକାଳ ଗଲାଣି ଆଉ ବା କେତେ ଦିନ । ଦିନ୍ଦିନ ପରେ ଠିକ୍ ଠାକ୍ ଉଡ଼ିଯିବ । କେବଳ କାମହିଁ ସାର । ଏପରି ନାମ ରହିଯିବ ଯେଥିରେ ପ୍ରାଣପଣେ ଯାହା-କରିବା ଅବଶ୍ୟକ ତାହାହିଁ କର୍ତ୍ତବ୍ୟ । ଲେଖକ ମହାଶୟ ଯେପରି ଗାଳଗୁଲ ଲଗିବା ନିମନ୍ତେ ଡିଆ ନ ହୁଅନ୍ତୁ । କାରଣ ଏହା ହେଲେ ସର୍ବ-ନାଶ ହେବ । ଆପଣା ମଧ୍ୟରେ ବଙ୍ଗାଳୀ ଓଡ଼ିଆ ଲଢ଼ିବ ଭୁଲ ହେଲେ ସର ନିସ୍ତସ୍ତ ଭାଙ୍ଗିଯିବ-ଘର ଭାଙ୍ଗିଲେ ସୁଖ କାହିଁରେ ? ଏଥିରେ ଅଶାନ୍ତ ବ୍ୟଗିତ ଶାନ୍ତି ନାହିଁ ଦମ୍ଭ ଉନ୍ନତିର ଆଶା ନାହିଁ । ଇତି ।

କଟକ } ବଶମ୍ବଦ
୨୧।୧୧।୧୦ } ଜଣେ ଶାନ୍ତି ଓଡ଼ିଆ

ଶ୍ରୀଯୁକ୍ତ ଉତ୍କଳ ଦୀପିକା ସମ୍ପାଦକ ମହାଶୟ ସନ୍ନିଧେଷୁ ।

ମହାଶୟ !

ଉତ୍କଳ ସମ୍ମିଳନୀର ୬ ଷ୍ଠ ଅଧିବେଶନ ଡିସେମ୍ବର ୩୦ ଓ ୩୧ ତାରିଖମାନଙ୍କରେ ହେବାର ସ୍ଥିର ହୋଇଥିବା ବିଷୟ ଆପଣଙ୍କ ପତ୍ରିକାରେ ପ୍ରକାଶିତ ହୋଇଥିବାର ଦେଖି ସମ୍ମିଳନୀର ଅସ୍ତିତ୍ୱ ସମ୍ବନ୍ଧରେ ଯେଉଁ ସନ୍ଦେହ ଥିଲା ତାହା ଦୂର ହୋଇଅଛି । କିନ୍ତୁ ଅଧିବେଶନ ସମ୍ବନ୍ଧରେ ନେତାମାନେ ଅଦ୍ୟାବଧି କଣ କଲେ କିଛି ଜଣା ଯାଉନାହିଁ ।

ସମ୍ମିଳନୀର ସମୟ ଅତି ନିକଟ ହୋଇ ଆସିଲା । ସେଥିରେ ଅନେକ ଗୁଡ଼ିଏ ଅର୍ଥର ପ୍ରୟୋଜନ, ବିଶ୍ୱାସସୂତ୍ରରେ ଅବଗତ ହେଲୁ ଯେ ସେଥିଲାଗି ଯେଉଁପରି ଆୟୋଜନ ହେବା ଅବଶ୍ୟକ ତାହା ଏ'ପର୍ଯ୍ୟନ୍ତ ହୋଇ ନାହିଁ । ଏବର୍ଷ କଟକରେ ଅଧିବେଶନ ହେବାର ସ୍ଥିର ହୋଇଥିବା ସ୍ଥଳେ କଟକଜିଲ୍ଲାର ଉତ୍କଳୀୟ-ମାନେ ନିଶ୍ଚେଷ୍ଟଭାବରେ ବସି ରହିବା ଉଚିତ ନହେ । ଯେବେ ସୁରଣରରେ ଆଗାମୀ ଅଧିବେ-ଶନଟିର କାର୍ଯ୍ୟ ସମ୍ପନ୍ନ ନ ହୁଏ ତାହା ହେଲେ କଟକ ଜିଲ୍ଲାର ନିନ୍ଦା ହେବ, କେବଳ ଜଣେ ଦୁଇଜଣଙ୍କର ନିନ୍ଦା କଦାପି ହେବ ନାହିଁ ! କାରଣ ସମ୍ମିଳନୀ କୌଣସି ଏକ ବ୍ୟକ୍ତିବିଶେଷର ନହେ, ସମସ୍ତ ଉତ୍କଳୀୟଙ୍କର ଅଟେ । ଅମୁକ-ଲୋକ କିଛି କଲେ ନାହିଁ ଦମ୍ଭ କିଛି କରିଲେ ନାହିଁ ଏଭଳି କହିଦେଇ ବସିଲେ ଯେ ଆପଣାର କର୍ତ୍ତବ୍ୟକର୍ମ ଶେଷ ହେଲା ତାହା ନହେ । ସମ୍ମି-ଳନୀ ଯେଉଁପରି ସୁଚାରୁକାର୍ଯ୍ୟ ହୁଏ ସେଥିପ୍ରତି ଯତ୍ନବାନ୍ ହେବା ଓ ଯଥାସାଧ୍ୟ ଚେଷ୍ଟା କରିବା ଉଚିତ । ସେଥିଲାଗି କଟକ ଜିଲ୍ଲାର ଅଧିବାସି-ମାନଙ୍କ ପ୍ରାର୍ଥନା ଯେ ସେମାନେ ଏଥିପ୍ରତି ମନୋଯୋଗ ନ ଦେଲେ ଏବଂ ଉତ୍କଳର ସାପ୍ତାହିକ ପତ୍ରିକା ସବୁ ପୂର୍ବ ଅଧିବେଶନମାନଙ୍କ ସମୟରେ ଯେଉଁପରି ସାଧାରଣଙ୍କୁ ସମୟେ ଉତ୍ତେଜନାପୂର୍ଣ୍ଣ ଉପଦେଶଦ୍ୱାରା ଜାଗ୍ରତ କରୁ-ଥିଲେ ସେହିପରି ଏହି କେତେଦିନ ଜାଗ୍ରତ ନ କଲେ ଆଗାମୀ ଅଧିବେଶନ ଯେ ସୁବିଧାରେ ସମ୍ପନ୍ନ ହେବ ଏହା ନିତାନ୍ତ ଅସମ୍ଭବ ।

ତା ୨୩।୧୨।୧୦ } ଜଣେ ସମ୍ମିଳନୀ ସେବକ

## ଇସ୍ତାହାର ।

ନ ୭୬୯ ମିଃ ସନ୍ଦେଶ ସନ ୧୯୧୦ ମସିହା
କଟକ । ମୁ । ୨ୟ ମୁନ୍‌ସଫି ଅଦାଲତ

ସତ୍ୟବାଦୀ ସାହୁ   ବାଦୀ ବିଃ

( ବ )

ଶିବ ସ୍ୱାଇଁ ଓଗେର   ପ୍ରତିବାଦୀ ଦେଃ

ଡିକ୍ରୀଦାରଙ୍କ ଡିକ୍ରୀ ଓଗେର ଟଙ୍କା ଅଦାୟ ସକାଶେ ଦେଣଦାରମାନଙ୍କର ନିମ୍ନଲିଖିତ ସମ୍ପତ୍ତିମାନ ତା ୧୬।୧୨।୧୦ ରଖେ ନିଲାମ ହେବ।

୧ । ଜି । କଟକ ପୁଃ ଓଃ ସଃ । ମୁ । ଜଗ-ତ୍ସିଂହପୁର ଏଲାକା । ପ୍ର । ଦେଓଗାଁ । ତା । ଅମରପଡ଼ା ନ ୨୬୨ ନମ୍ବର ତଃ ମୌଃ ନରନ-ଙ୍ଗରେ ଥିବା ନ ୧୨ ନମ୍ବର ସିଃ ବାଃ ଥାନି ଓ ପାହି ଏ୨-୯୩ କୁ ଜମା ଟ ୯୴୶୯ ମଧ୍ୟରୁ ଥାନି ଏ୧-୪୨ କୁ ଜମା ଟ ୪୴ ମଧ୍ୟରୁ କପିଳ ସ୍ୱାଇଁ ଓଗେରଙ୍କ । ବି । ଟ ୦ ୴ ବାଦ ବାକି ପ୍ରତିବାଦୀର । ବି । ଟ ୦ । କୁ ଏ୦-୩୬ କୁ ଜମା ଟ ୧୶ ଓ ପାହି ଏ୧-୫୧ କୁ ଜମା ଟ ୪୴୶୯ ମଧ୍ୟରୁ ଉପରୋକ୍ତ ଅଂଶୀଦାର । ବି । ଟ ୦ ୴ ବାଦ ବାକି ପ୍ରତିବାଦୀର । ବି । ଟ ୦ । କୁ ଏ୦-୩୮ କୁ ଜମା ଟ ୧୶୯ ପାହି ଏରୂପ ଥାନି ଓ ପାହି ଏ୦-୬୪ ନିଲାମ ହେବ ଅଃ ମୂଃ ଟ ୨୨

୨ । ଜି । କଟକ ପୁଃ ଓ ସଃ । ମୁ । ଜଗତ୍ସି-ଂହପୁର ଏଲାକା । ତା । ଅମରପଡ଼ା । ପ୍ର । ଦେଓଗାଁ ନ ୨୬୨୩ନମ୍ବର ତୌଜି । ମୌ । ନର-ଙ୍ଗରେ ଥିବା ନ ୧୨୫ ନମ୍ବର ସିଃ ବାଃ ଥାନି ଓ ପାହି ଏ୩-୫୪ କୁ ଜମା ଟ ୧୨୩୶୬ ମଧ୍ୟରୁ ଥାନି ଏ୨-୨୧ କୁ ଜମା ଟ ୭୵୩ ମଧ୍ୟରୁ କପି-ଳ ସ୍ୱାଇଁ ଓଗେରଙ୍କ । ବି । ଟ ୦ ୴ ବାଦବାକି ପ୍ରତିବାଦୀର । ବି । ଟ ୦ । କୁ ଏ୦-୫୫ କୁ ଜମା ଟ ୧୴୬ ଓ ପାହି ଏ୧-୩୩ କୁ ଜମା ଟ ୪୲୩ ମଧ୍ୟରୁ ଉପରୋକ୍ତ ଅଂଶୀଦାର । ବି । ଟ ୦ ୴ ବାଦ ବାକି ପ୍ରତିବାଦୀର । ବି । ଟ ୦ । କୁ ଏ୦-୩୩ କୁ ଜମା ଟ ୧୲୩ ଏରୂପ ଥାନି ଓ ପାହି ଏ୦-୮୮ ନିଲାମ ହେବ ଅଃ ମୂଲ୍ୟ ଟ ୧୫

୩ । ଜି । କଟକ ପୁଃ ଓ ସଃ । ମୁ । ଜଗତ୍-ସିଂହପୁର ଏଲାକା । ପ୍ର । ଦେଓଗାଁ । ତା । ନଅଗ ନ ୨୬୨୧ ନମ୍ବର ତଃ ମୌଃ ନରନଙ୍ଗ-ରେ ଥିବା ନ ୨୫ ନମ୍ବର ସିଃ ବାଃ ଥାନି ଏ୦-୫୧ କୁ ଜମା ଟ ୧୳୶୬ ମଧ୍ୟରୁ କପିଳ ସ୍ୱାଇଁ ଓଗେ-ରଙ୍କ । ବି । ଟ ୦ ୴ ବାଦ ବାକି ପ୍ରତିବାଦୀର । ବି । ଟ ୦ । କୁ ଏ୦-୧୩ କୁ ଜମା ଟ ୦ ।୶ ଅଟେ ନିଲାମ ହେବ ଅଃ ମୂଃ ଟ ୪ ଙ୍କା

୪ । ଜି । କଟକ ପୁଃ ଓ ସଃ ମୁଃ ଜଗତ୍ସିଂ-ହପୁର ଏଲାକାଧୀନ । ପ୍ର । ଦେଓଗାଁ ନ ୨୬୨୧ ନମ୍ବର ତଃ ତାଃ ନଅଗ ନ ୨୫ ନମ୍ବର ସିଃ ବାଃ ମୌଃ ନରନଙ୍ଗରେ ଥିବା ଥାନି ପାହି ଏ୩-୪୦ କୁ ଜମା ଟ ୧୦୲୩ ମଧ୍ୟରୁ ଥାନି ଏ୦-୧୬ କୁ ଜମା ଟ ୦ ୳ ମଧ୍ୟରୁ ପ୍ରତିବାଦୀର । ବି । ଟ ୦ । କୁ ଏ୦-୪ କୁ ଜମା ଟ ୦ ୶ ୩ ଓ ପାହି ଏ୩-୨୩ କୁ ଜମା ଟ ୯୳ ମଧ୍ୟରୁ ପ୍ରତିବା-ଦୀର । ବି । ଟ ୦ । କୁ ଏ୦-୮୧ କୁ ଜମା ଟ ୨।୶ ଏରୂପ ଥାନି ପାହି ଏ୦-୯୮ ନିଲାମ ହେବ ଅଃ ମୂଲ୍ୟ ଟ ୨ ଙ୍କା

୫ । ଜି । କଟକ ପୁଃ ଓ ସଃ ମୁଃ ଜଗତ୍ସିଂ-ହପୁର ଏଲାକାଧୀନ । ପ୍ର । ଦେଓଗାଁ ନ ୨୬୨୧ ନମ୍ବର ତଃ ତାଃ ନଅଗ । ମୌ ନରନଙ୍ଗ ରକବା-ରେ ଥିବା ନ ୯୫ ନମ୍ବର ସିଃ ବାଃ ପାହି ଏ୦-୧୯ କୁ ଜମା ଟ ୦ । ୯ ମଧ୍ୟରୁ ପ୍ରତିବାଦୀର । ବି । ଟ ୦ । କୁ ଏ୦-୫ କୁ ଜମା ଟ ୦ ।୨ ଅଟେ ନିଲାମ ହେବ ଅଃ ମୂଲ୍ୟ ଟ ୫ ଙ୍କା

୬ । ଜି । କଟକ ପୁଃ ଓ ସଃ ମୁଃ ଜଗତ୍ସିଂ-ହପୁର ଏଲାକା । ପ୍ର । ଦେଓଗାଁ । ତା । ନଅଗ ନ ୨୬୨୧ ନମ୍ବର ତଃ । ମୌ । ନରସିଂହପୁର ଥିବା ନ ୫୨ ନମ୍ବର ସିଃ ବାଃ ଥାନି ପାହି ଏ୨-୮୮ କୁ ଜମା ଟ ୨୩୴୯ ମଧ୍ୟରୁ ଥାନି ଏ୦-୧୮ କୁ ଜମା ଟ ୦ ୳ ୯ ମଧ୍ୟରୁ ପ୍ରତିବାଦୀର ଦଖଲ । ବି । ଟ ୦ । କୁ ମଥୋଟ । ମୁ । ଏ୦-୪½ କୁ ଜମା ଟ ୨୶୫ ଓ ପାହି ଏ୨-୬୦ କୁ ଜମା ଟ ୨୨୳୶ ମଧ୍ୟରୁ ପ୍ରତିବାଦୀର । ବି । ଟ ୦ । କୁ ଏ୧-୯୨½ କୁ ଜମା ଟ ୫୳୶୯ ଏରୂପ ଥାନି ଓ ପାହି ଏ୨-୧୦½ ନିଲାମ ହେବ ଅଃ ମୂଲ୍ୟ ଟ ୨୫୧ ।

୭ । ଜି । କଟକ ପୁଃ ଓ ସଃ ମୁଃ ଜଗତ୍ସିଂ-ହପୁର ଏଲାକାଧୀନ । ପ୍ର । ଦେଓଗାଁ ନ ୨୬୨୧ ନମ୍ବର ତଃ । ତା । ନଅଗ ନ ୩½ ନମ୍ବର ସିଃ ବାଃ ନରସିଂହରେ ଥିବା ମୀରା ଓ ଥାନି ପାହି ଏ୨-୨୯ କୁ ଜମା ଟ ୭ ।୵୬ ମଧ୍ୟରୁ ମୀରା ଏ୦-୧୦ ମଧ୍ୟରୁ ପ୍ରତିବାଦୀର । ବି । ଟ ୦ । କୁ ଏ୦-୨½ ଓ ଥାନି ଏ୧-୧୮ କୁ ଜମା ଟ ୬।୵୮ ମଧ୍ୟରୁ ପ୍ରତିବାଦୀର ଦଖଲ । ବି । ଟ ୦ । କୁ ଏ୦-୨୯½ କୁ ଜମା ଟ ୧ ୳ ୩ ଓ ପାହି ଏ୦-୩୧ କୁ ଜମା ଟ ୧୧୬ ମଧ୍ୟରୁ ପ୍ରତିବାଦୀର । ବି । ଟ ୦ । କୁ ଏ୦-୮ କୁ ଜମା ଟ ୦ । ୧୳ ଏରୂପ ଥାନି ପାହି ମୀରା ଏ୦-୪୦ ନିଲାମ ହେବ ଅଃ ମୂଲ୍ୟ ଟ ୧୦୧ ।

୮ । ଜି । କଟକ ପୁଃ ଓ ସଃ । ମୁ । ଜଗତ୍-ସିଂହପୁର ଏଲାକାଧୀନ । ପ୍ର । ଦେଓଗାଁ । ତା । ନଅଗ ନ ୨୬୨୧ ନମ୍ବର ତଃ । ମୌ । ନରସିଂହରେ ଥିବା ନ ୩½ ନମ୍ବର ସିଃ । ବା । ଥାନି ଓ ପାହି ଓ ମୀରା ଏ୨-୧୬ କୁ ଜମା ଟ ୨୨ ୳୶ ୬ ମଧ୍ୟରୁ ମୀରା ଏ୦-୩୮ ମଧ୍ୟରୁ ପ୍ରତିବାଦୀର ଦଖଲ । ବି । ଟ ୦ । କୁ ଏ୦-୯½ ଓ ଥାନି ଏ୫-୩୬ କୁ ଜମା ଟ ୧୮ ୧ ୩ ମଧ୍ୟରୁ ପ୍ରତି-ବାଦୀର । ବି । ଟ ୦ । କୁ ଏ୧-୩୪ କୁ ଜମା ଟ ୪ ୳ ଓ ପାହି ଏ୧-୪୨ କୁ ଜମା ଟ ୪ ୳୶ ୩ ମଧ୍ୟରୁ ପ୍ରତିବାଦୀର । ବି । ଟ ୦ । କୁ ଏ୦-୩୫½ କୁ ଜମା ଟ ୧୶୯ ଅଟେ ନିଲାମ ହେବ ଅଃ ମୂଃ ଟ ୨୦୧ ।

---

ନ ୧୯୬୬ ନମ୍ବର ସନ୍ଦେହ ଓ
ସନ ୧୯୦୮ ମସିହା

ଅର୍ଜୁନ ମହାପାତ୍ର । ସା । ବୁଧିସାହି । ପ୍ର । କୋରଣିଆଁ ବାଦୀ :

( ବ )

୧ ସୋମନାଥ ମହାନ୍ତି ଓ ୨ କାଶୀନାଥ ମହାନ୍ତି ସା । ବାଉଅପଦା ଓରଫ ବୁଧିସାହି । ପ୍ର । କୋରଣିଆଁ ପ୍ରତିବାଦୀ ଦେ :

ଉପରଲିଖିତ ନମ୍ବର ମୋକଦମାରେ ବାଦୀର ପାଉଣା କରଡିକ୍ରୀ ଟଙ୍କା ଅଦାୟ ନିମନ୍ତେ ନିମ୍ନଲିଖିତ ସମ୍ପତ୍ତିମାନ ସନ ୧୯୧୦ ମସିହା ଡିସେମ୍ବର ମାସ ତା ୧୫ ରଖେ ଦିବା ଘ ୧୨ ଟା ସମୟରେ କଟକ ମୁକାମ ଦ୍ୱିତୀୟମୁନସଫି ଅଦାଲତରେ ନିଲାମ ହେବ ।—

୧ ସ : ଡି : ପୁ : ଓ : ସ : ରେ । ମୁ । ଜଗତ୍ସିଂହପୁର । ପ୍ର । ବେଣାହାର । ମୌ । ସାଙ୍ଗ୍ରାମପୁର । ଲ । ବାଯ୍ୟପ୍ରି ସାବକ ମା ୦ । ୬।୵୧୦ କୁ ଜମା ଟ ୧୦ ୧ ପାହି ହାଲ ଅନୁସାରେ ଏ ୦-୦୯ ଡି : ଜମିରୁ ଜମ ଟ ୦ ୵୭୴ ଅଟେ ତହିଁର ସମସ୍ତସତ୍ୱ ନିଲାମ ହେବ

୨ । ପ୍ର । ବେଣାହାର । ମୌ । ସାଙ୍ଗ୍ରାମପୁର ନ ୨୪୦୭୩ ନମ୍ବର ଖ : ବା, । ଲ । ବାହେଲ ସାବକ ମା ୦ । ୫୶ କୁ ହାଲ ଅନୁସାରେ ଏ ୦-୩୧ ଡି : ଅଟେ ଉକ୍ତବୃତ୍ତି ନିଲାମ ହେବ

୩ । ପ୍ର । କୋରଣିଆଁ । ମୌ । ବୁଧିସାହି ନ ୨୮୧୪୦ ନମ୍ବର ଖ : ବା, । ଲ । ବାହେଲ ସାବକ ମା ୧। ୧୨୴ ଯାହାକି ହାଲ ବନ୍ଦୋବସ୍ତ ଅନୁସାରେ ଏ ୧-୮୫ ଡି : ଅଟେ ତହିଁମ-ଧ୍ୟରୁ ସାବକ ଅନୁସାରେ ମ ୧ । ୦ ୴ ଓ ହାଲ ଅନୁସାରେ ଏ ୧ । ୧୫ ଡି : ବୃତ୍ତିର ସମସ୍ତ ସତ୍ୱ ନିଲାମ ହେବ ।—

—*—

ନଂ ୩୧୯ ନମ୍ବର ଡିକ୍ରୀଜାରି ସନ ୧୯୧୦ ମସିହା

କଟକ । ମୁ । ପ୍ରଥମ ମୁନସଫଙ୍କ ଅଦାଲତ

ରମଲାଲଘୃଣ ମହାପାତ୍ର ଓଗେର ନାବାଲଗ ମାନେ ଉକ୍ତ ନାବାଲଗମାନଙ୍କର ବଳରଏ ଅଭି-ଭାବକ ମାତା ଶ୍ରୀମତୀ ଭଲୋତ୍ତମା ଦେବ୍ୟା । ସା । କେଣୀ । ପ୍ର । ସୁକଦେଟ । ଜି । ବାଲେଶ୍ୱର । ଡିକ୍ରୀଦାରମାନେ

[ ବନାମ ]

୧ । ସୀତାନାଥ ନର ନାବାଲଗ ୨ । ଫକୀର ଚରଣ କର ନାବାଲଗ ଉକ୍ତ ନାବାଲଗର ମାତା ମାହାପିକ ରାଧାମଣି ଦାସୀ ୩ । ଖୀରେନ ନାଗ-ସୃଣ କର ନାବାଲଗ ବଳରଏ ଅଭିଭାବକ ମାତା ଯୀଦେଗମଣି ଦାସୀ ଦେଣଦାର

Split by PDF Splitter




# NOTICE

Correspondence be made in English or Bengalee language,

**Amount refunded**

**if unapproved**

# SHAWL.

*Very nicely worked*

Rs 17 to 40 per pair

For lady Rs 8 for sheet

**Malida Chadder Rs 16**

**Check Wrapper ,, 6 to 9**

**Lahori Dhussa Rs 13**

Correspond in English or Bengalee language

**AMIR CHAND &**

*General shawl merchants*

**LAHORE**

ADVERTISEMENT.

WANTED a Civil Hospital Assistant for Kashipur Dispensary on a salary of Rs 40 per mensem. The applicant must have passed the final Examination of the Cuttack Medical School and must know English well. Applications with the testimonials will be received by the undersigned up to the 31st December, 1910.

Dated Kashipur  
The 1st Dec. 1910

U. P. Sing Deb  
Thatt Raja  
Kashipur  
P. O. Kashipur  
Dist Sambalpur

## ବିଜ୍ଞାପନ ।

ଏତଦ୍ଵାରା ସର୍ବସାଧାରଣଙ୍କୁ ଜଣାଇଦେଉଅଛୁଁ ୭ ନଂ ବାଳକୃଷ୍ଣ ସାହୁ । ସା । କଣ୍ଟକମେଣ୍ଟ । ସ୍ । କଟକ ୨/ ହାଡବନ୍ଧୁ ସାହୁ । ସା । ଗୁଣ୍ଡିହାଟ । ସ । କଟକ ନଂ ଗନ୍ଧର୍ବ ସାହୁ । ସା । ସାଗିଆ ସାହି । ସ । କଟକ ୨୪ ଦେବାଗ୍ରାମ ବଂଶ । ସା । କେଶରପୁର । ସ । କଟକ ଏହିକ ଯେ ଅମ୍ଭେମାନେ ଉତ୍କଳ ଦଣ୍ଡୀଦାର କୋମ୍ପାନି ନାମରେ ଏକ ପାଟନରସୀଘ କାର୍ଯ୍ୟ କରୁଥିଲୁଁ କେତେକ ଦିନ ପରେ ଉପରୋକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ବାଳକୃଷ୍ଣ ସାହୁଙ୍କ ମୃତ୍ୟୁ ହେବାରୁ ତାହାଙ୍କ ସ୍ଥାନରେ ତାଙ୍କର ପୁତ୍ର କପିଳ ସାହୁ ନାବାଳଗର ମାତା ମାହାପିସ ମାନବେଓ୍ୟାଙ୍କ ଯୋଗ କର ଉକ୍ତ କାର୍ଯ୍ୟ ଚଳାଉଥିଲୁଁ ଅମ୍ଭମାନଙ୍କ ମଧ୍ୟରେ ମତାନ୍ତର ଘଟିବାରୁ ନ ୪ ମ୍ବର ଉପରୋକ୍ତ ଦେବାଗ୍ରାମ ବଂଶଙ୍କ ଚଳତ ଡସମ୍ବର ମାସ ତା ୩ ରିଖଠାରୁ ହେଉ କରଇ ଅମ୍ଭେ ହାଡବନ୍ଧୁ ସାହୁ ଓ ଗନ୍ଧର୍ବ ସାହୁ ଓ କପିଳ ସାହୁମାନଙ୍କର ଉକ୍ତ କୋମ୍ପାନୀ ବଯାଏ ରକ୍ଷି ଉକ୍ତ କାର୍ଯ୍ୟ ପୂର୍ବାନୁରୂପ ଚଳୁଅ


# ଉତ୍କଳ ଦୀପିକା ।

## The Census.

The next general Census of India will be taken on the 10th March 1911. Formerly people would not submit to enumeration owing to religious prejudices. The counting of heads of people foreboded evil. It was considered horrible and it meant sure death of the person counted. This prejudice was confined not to India alone, but it was shared alike by all countries of Asia and Europe. It was, not till 1749 that a Census on a Scientific basis without any fiscal object in view was undertaken. The first country to undertake it was Sweeden. The first Census in England was taken in 1801. In India although an attempt was made to estimate the population by actual counting of heads in 1867, it was not very successful. The first Census of India on modern lines was taken on the 17th February 1881. Since then every ten years Censuses are taken, the last Census having been taken on the 18th March 1901. Since 1881 there has been a great change in the attitude of the people. We remember when the house-numbering in 1881 commenced the people began to grow suspicious and they thought the operation was connected with some new taxation. Even at the present day illiterate and ignorant people view the operation with suspicion. India is a continent by itself. To take a correct enumeration of the floating population, of the various jungle tribes and have a true record in all its details with regard to religion, age, sex occupation and the like is not an easy affair. Sir Herbert Risley in the last Census Report very rightly said—"An Indian Census is pre-eminently the work of the people of India. If they held aloof or even demanded the most trifling remuneration for their trouble, the whole undertaking would be financially impracticable." During the last census people of all rank and position of life worked cheerfully and without any remuneration and we are glad during the present operation too the people have willingly come forward to help the State in its undertaking to have a correct record. Throughout India the house numbering commenced about the middle of October last and it has been completed on or before the middle of November. A preliminary enumeration will be taken before the 20th February next, so that the task on the 10th March will be considerably light, as each enumerator will have then to take a round and see if his record requires any alteration. From the date of the preliminary enumeration till 10th March (the date of final enumeration) the closest supervision would be exercised by the Supervisors and the Charge Superintendendts as it would hereafter be difficult to eleminate the errors that may creep in.

The Enumerators require a thorough trainidg. It is on them that the correct enumeration greatly depends. Outside towns it is not always possible to get able and intelligent Enumerators. During the last Census queer mistakes were detected examples of which we quote below—

"In Madras, one Enumerator modestly wrote himself down in the schedule as "illiterate" which meant "unable to read and write" Another entered particulars of a saint buried in ancient tomb and pleaded in excuse the common belief in the neighbourhood that the holy man was still alive within his shrine. A

Digitized by srujanika@gmail.com

third finding a Census number on the village temple boldly enumerated the God inside it :—Name :Ganesh, Religion : Hindu, Sex: male; civil condition, married: Age about 200 years, means of subsistance: offerings from the villagers"

Detailed instructions have been issued by Provincial Superintendents as to how the schedules on which the enumeration of the population is to be recorded will have to be filled up. Each schedule consists of 16 heads. Heads 4,8,9,10 and 11 are likely to give the enumerators great trouble as they will prove veritable puzzle to many. These heads relate to Religion and sect; caste and sub-caste or tribe, clan or race: principal occupation: subsidiary occupation; means of subsistance of dependants on actual workers. It would require very great circumspection to fill up these columns. If a Zemindar is also a Government servant or a Pleader, the latter occupation will have to be entered in Col 9 and Zemindar in Col 10—the criterion being which occupation takes up most of his time, not that which brings him the biggest income. All the dependents on pleaders will be shown as pleaders and that of Zemindars as Zemindars in Col 11. The servants and maid-servants will be shown not as dependants but as having independant occupation, that of domestic servants, in Col 9. We have not space enough to deal with the schedules in detail but from what we have said it will be seen that a good deal of care and circumspection will be necessary to fill in the columns. The various sects of the Hindus and the Mahomedans are likely to puzzle the Enumerators and the officers in charge of Census will do well to give them timely instructions.

There has been a controversy as to whether the depressed classes and untouchables should be returned as Hindus. They call themselves Hindus and they ought to be returned as such. The census officers are certainly not competent to decide who is a Hindu and who is not.

---

ଗତ ତା ୧ ରଖେ ଶେଷହେବା ସପ୍ତାହରେ କେବଳ ଟେନାସରମ ଏବଂ ମାନ୍ଦ୍ରାଜ ଦକ୍ଷିଣ-ଭାଗରେ ସାମାନ୍ୟ ବୃଷ୍ଟି ହୋଇଥିଲା । ଯଥା ମାନ୍ଦ୍ରାଜ ୧ ଇଞ୍ଚ ଓ ପୋର୍ଟବ୍ଲେୟର ୬ ଇଞ୍ଚ । ଏତଦ ଛଡ଼ା ଭାରତର ସର୍ବତ୍ର ଆକାଶ ପରିଷ୍କାର ଏବଂ ବାୟୁ ଶୀତଳ ହୋଇଥିଲା ।

---

ଗମୁଗୁଙ୍ଗଡ଼ା ତକସାଲସ୍ଥ ସ୍ଥାନେ କଟକଜିଲା-ବୋର୍ଡ ବ୍ୟୟରେ ଏ୬—୧୯୮ ଡିସିମିଲ ଜମି ଗ୍ରହଣ ହେବାର ସରକାରୀ ବିଜ୍ଞାପନ ଗତ ତା ୩୦ ରିଖ କଲିକତା ଗେଜେଟରେ ବାହାରିଅଛି । ଏ ଜମିର ଦକ୍ଷିଣ ସୀମା ନ ୬ ମ୍ବର ଖାଶାକାଳ ଏବଂ ପଶ୍ଚିମ ସେହି ନାଳର ଗୋଟିଏ ଶାଖା ।

---

ମାନ୍ୟବର ବଙ୍ଗେଶ୍ୱର ବିଧାନ କରିଅଛନ୍ତି କି ଅସ୍ଥି ବ୍ୟୟ ବିବରଣ ଅର୍ଥାତ୍ ବଜେଟ ବିଚାର-କାରଣ ଗୋଟିଏ ଫାଇନାନ୍ସ କମିଟି ଗଠିତ ହେବ ଓ ତହିଁର ନ ୧୬ ଣ ସଭ୍ୟମଧ୍ୟରୁ ନ ୬ ଣ ଗବର୍ଣ୍ଣମେଣ୍ଟ ନିଯୁକ୍ତ କରିବେ ଓ ବାକି ନ ୬ ଣ ବ୍ୟବସ୍ଥାପକ ସଭାର ବେସରକାରୀ ସଭ୍ୟମାନେ ନିର୍ବାଚନ କରିବେ ।

—:※:—

ଗତ ତା ୨୬ ରଖେ ଶେଷହେବା ସପ୍ତାହରେ ଭାରତରେ ପେଲେଗ ରୋଗମୃତ୍ୟୁ ୨୧୪୩ ହୋଇଥିଲା ଯେ ତହିଁମଧ୍ୟରେ ଯୁକ୍ତପ୍ରଦେଶ ୧୨୧୮ ବମ୍ବେଇ ୧୦୬୮ ପଞ୍ଜାବ ୨୯୬ ମଧ୍ୟ-ପ୍ରଦେଶ ୨୮୦ ମହୀଶୂର ୫୩୧ ହାଇଦ୍ରାବାଦ ୫୧୧ ମାନ୍ଦ୍ରାଜ ୪୩୧ ଓ ବଙ୍ଗଳା ୬୯୬ ଥିଲା । ବମ୍ବେଇ, ଯୁକ୍ତପ୍ରଦେଶ ଓ ମାନ୍ଦ୍ରାଜରେ ବୃଦ୍ଧି ଘଟିଥିଲା ଗତ ସପ୍ତାହର ମୋଟ ମୃତ୍ୟୁ ୨୧୦୨ ଥିଲା ।

---

ମାନ୍ୟବର ବଙ୍ଗେଶ୍ୱର ବାହାଦୁର ଗାଇଡ଼ ନାମକ ଜାହାଜରେ ଚଳିତମାସ ତା ୧୧ ରଖେ କଲିକତାରୁ ବାହାରି ତା ୧୬ ରଖେ ପୁରୀରେ ପହୁଞ୍ଚି ସେହିଦିନ ଖାସ ଗାଡ଼ିରେ ଫେରିଯାଇ ତା ୧୩ ରଖେ ହାଉଡ଼ାରେ ପହୁଞ୍ଚିବେ । ତାହାଙ୍କ ସହଧର୍ମିଣୀ ଶ୍ରୀମତୀ ବେକର ସେହି ଜାହାଜରେ ବିଶାଖପଟ୍ଟନ ଯାଏ ଭ୍ରମଣ କରି କଲିକତା ଫେରିଯିବେ ।

---

ଆମ୍ଭମାନଙ୍କ ସୁପରିଚିତ ଓଡ଼ିଶା ବନ୍ଦୋବସ୍ତ କର୍ତ୍ତା ମାନ୍ୟବର ମାଡ଼ଜସ୍ ସାହେବ ଗୁଳ୍ମ ଦିନ ହେଲା କଲିକତା ମିଉନିସିପାଲିଟି ଚେୟାରମେନ ହୋଇ ଇତିମଧ୍ୟରେ ସୌଜନ୍ୟତା ଓ ଦକ୍ଷତା-ହେତୁ ମିଉନିସିପାଲିଟି କର୍ମଚାରିଠାରୁ କରଦାତା ପର୍ଯ୍ୟନ୍ତ ସମସ୍ତଙ୍କର ପ୍ରୀତିଭାଜନ ହୋଇ ଅଛନ୍ତି । ସାହେବ ମହୋଦୟ ଏଠାରେ କାର୍ଯ୍ୟ କରୁଥିବା ସମୟରେ ଦକ୍ଷତା ଏବଂ ମିଷ୍ଟାଳାପ ହେତୁ ସମସ୍ତଙ୍କର ମନ କିଣି ନେଇଥିଲେ ଏବଂ ବର୍ତ୍ତମାନ ସମ୍ବାଦପତ୍ରମାନଙ୍କରୁ ତାଙ୍କର ସଦ୍‌ଗୁଣାବଳୀ ଏବଂ ଯଶୋଗାନ ଶୁଣି ଆମ୍ଭେମାନେ ଅନ୍ତରରେ ସୁଖୀ ହୋଇଅଛୁଁ । ଯେ ଦଳ ସେ ସର୍ବଦା ଦଳ ଏବଂ ବହୁସ ଓ ବହୁଦର୍ଶିତା ସଙ୍ଗେ ତାହା ବୃଦ୍ଧି-ହେବ ।

---

ହିନ୍ଦ—ଇଉରୋପ ଟେଲଗ୍ରାଫ ମହକୁମାର ସନ ୧୯୦୯।୧୦ ସାଲ ବିବରଣୀରେ ପ୍ରକାଶ ଯେ ଏହି ତାରତାର ବସାଇବାରେ ସର୍ବସୁଦ୍ଧା ୧୫-କୋଟି ଟଙ୍କା ମୂଳଧନ ଖରଚ ପଡ଼ିଥିଲା ଯେ ତହିଁ-ମଧ୍ୟରେ ସେହି ବର୍ଷ ୩୧ ହଜାର ଟଙ୍କା ପଡ଼ିଥିଲା ।

ସେହି ସନ ୧୯୦୯।୧୦ ସାଲରେ ସର୍ବ ପ୍ରକାରେ ସମସ୍ତ ଉତ୍ପନ୍ନ ହୋଇଥିଲା ୧୬ ଲକ୍ଷ ୭୬ ହଜାର ଟଙ୍କା ଅର୍ଥାତ୍ ଏହା ତହିଁ ପୂର୍ବବର୍ଷାପେକ୍ଷା ୧ ଲକ୍ଷ ୧୬ ହଜାର ଟଙ୍କା ଅଧିକ ଅଟେ । ସେହି ବର୍ଷ କାର୍ଯ୍ୟ ନିର୍ବାହରେ ବ୍ୟୟ ହୋଇଥିଲା ୧୦ ଲକ୍ଷ ୮୦ ହଜାର ଅର୍ଥାତ୍ ଗତବର୍ଷ ।ପେକ୍ଷା ୪୮ ହଜାର ଟଙ୍କା ଊଣା ସୁତରାଂ ଗତ ବର୍ଷ କେତେକ ୩ ଲକ୍ଷ-ରୁ ଏବର୍ଷର ଲାଭ ପ୍ରାୟ ୬ ଲକ୍ଷ ଟଙ୍କା ହୋଇ-ଅଛି ସୁଖର ବିଷୟ ଅଟେ ।

---

ଗଞ୍ଜାମଗୁଣଦର୍ପଣରେ ଦୁଃଖ ସହିତ ପାଠ କଲୁଁ କି ଗଞ୍ଜାମଜିଲା ସମସ୍ତ ବିଦ୍ୟାଳୟରେ ଓଡ଼ିଆ ଛାତ୍ରମାନେ ଅଧ୍ୟାବେଧନରେ ପଢ଼ିବା ବିଷୟକ ଗବର୍ଣ୍ଣମେଣ୍ଟ ଆଦେଶ ବହୁକାଳ ପ୍ରଚଳିତ ଥିବା-ସ୍ଥଳେ ଖଲିକୋଟ କଲେଜ କମିଟି ଓଡ଼ିଆଛାତ୍ରଙ୍କ-ଠାରୁ ଅନ୍ୟାନ୍ୟ ଛାତ୍ର ପରି ଫୁଗଫିସ ନେବାର ପ୍ରସ୍ତାବ କରିଅଛନ୍ତି । ଛାତ୍ରଗଣ ଏହି ପ୍ରସ୍ତାବ ବିରୁଦ୍ଧରେ ମହାମାନ୍ୟ ଗବର୍ଣ୍ଣର ଏବଂ ଶିକ୍ଷାବିଭା-ଗୀୟ ଡାଇରେକ୍ଟରଙ୍କ ନିକଟରୁ ଆବେଦନ ପଠାଇଅଛନ୍ତି । ଆମ୍ଭେମାନେ ସହସୋଗିଙ୍କ ସହିତ ଏକମତ ହୋଇ କମିଟି ପ୍ରସ୍ତାବ ଅଗ୍ରାହ୍ୟ କରିବାକାରଣ ଗବର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କରୁ-ଅଛୁଁ । କମିଟି କି କାରଣ ଏ ପ୍ରସ୍ତାବ କରିଅଛନ୍ତି ଜଣାଯାଉନାହିଁ । ମାତ୍ର ଗଞ୍ଜାମ ଓଡ଼ିଆଙ୍କ ଅବସ୍ଥା ଓ ମୂର୍ଖତା ଦୃଷ୍ଟିରେ ଶିକ୍ଷା ଲାଭ ନିମନ୍ତେ ସେମାନ-ଙ୍କୁ ବିଶେଷ ସୁବିଧା ଦେବାର ଆବଶ୍ୟକତା ଅଛି ନାହିଁ ଏମନ୍ତ ବୋଲିବାର ସମୟ ଆସି ନାହିଁ ।

—※—

ସନ ୧୯୦୯।୧୦ ସାଲରେ ବନ୍ଧ ଏବଂ ସଫାଇ ନାଳ- ନିର୍ମାଣ ଓ ମରାମତିରେ ୨୫ ଲକ୍ଷ ଟଙ୍କା ବ୍ୟୟ ହୋଇଥିଲା ଯେ ତହିଁ ମଧ୍ୟରେ ଓଡ଼ିଶା ଡିଭିଜନରେ ୩୮୦୪ ଫିଟ ନୂଆବନ୍ଧ ନିର୍ମାଣ ହୋଇ-ଥିଲା ! ଏବର୍ଷ ବଢ଼ି ପ୍ରବଳ ନ ଥିଲା ତେଣୁ ସାମାନ୍ୟ ଘାଇ ଛଡ଼ା ଓଡ଼ିଶା ବନ୍ଧମାନ ଭାଙ୍ଗି ନ ଥିଲା । ମେଦନୀପୁର ଜିଲାରେ ସୁବର୍ଣ୍ଣରେଖା ବଢ଼ି ବନ୍ଧଡେଇଁ ଯାଇଥିଲା । ସେ ହେତୁ ବନ୍ଧ ଉଚ୍ଚକରିବା ଏବଂ ବିଚିତ୍ରପୁର ମହାଲରେ ବନ୍ଧ ନିର୍ମାଣର ମାପ କାର୍ଯ୍ୟ ଶେଷ ହୋଇଅଛି । ଓଡ଼ିଶା ଡିଭିଜନରେ ଆରଶୋଆଳ ସଫାଇ ଖାଲର ଜଳ ବାହାରିଯିବା ବାଟ କବାଟ ପୋଲ ସହିତ ପ୍ରାୟ ୧୫ ଲକ୍ଷ ଟଙ୍କାରେ ନିର୍ମାଣ ହୋଇଅଛି । ଏହା ଛଡ଼ା ଅନେକ ବନ୍ଧରେ ଜମିଦାରଙ୍କ ଖରଚରେ କବାଟ ପୋଲମାନ ନିର୍ମାଣ ହୋଇଅଛି ।

---

ରଜା ଅପୁ ବା ସଦର ସ୍ଥଳ ବ୍ୟବହାର ନିବାରଣ ପ୍ରତି ଗବର୍ଣ୍ଣମେଣ୍ଟଙ୍କ ଦୃଷ୍ଟି ଆକର୍ଷିତ ହୋଇଅଛି

Digitized by srujanika@gmail.com

ଓ ସେ ବିଷୟରେ ବଣିକସଙ୍ଘ ପରାମର୍ଶ ଗବର୍ଣ୍ଣମେଣ୍ଟ ଲୋଡିଅଛନ୍ତି । କଲିକତାବାସିମାନେ ଏ ସମ୍ବାଦ ପ୍ରକାଶ କରି ଆଶା କରିଅଛନ୍ତି ଯେ ବଣିକସମିତି ଏହି ଅନିଷ୍ଟକର ମଦର ବ୍ୟବହାର ନିବାରଣରେ ମତ ଦେବେ । ସଙ୍ଘ ଅବଶ୍ୟ ସୁପରାମର୍ଶ ଦେବେ ମାତ୍ର ସହଯୋଗୀ କଲିକତାର ସ୍ୱଜାତୀମାନଙ୍କ ଯେବେ ମଦର ନିବାରଣ ପକ୍ଷେ ଦୃଢ଼ ପ୍ରତିଜ୍ଞ ହେବାକାରଣ ପ୍ରବର୍ତ୍ତାଇବେ ତେବେ ଅଧିକ ମଙ୍ଗଳ ହେବ ଏବଂ ସେହି ଏକ ଗଣା ଜନସଙ୍ଘରେ ମଦର ବ୍ୟବହାର ବିଶେଷ କରି ଆଙ୍ଗ୍ଲଇଗ କରେ ସୁରୁଦଣ୍ଡ ଦେଲେ ସେଠାରୁ ମଦର ଉଠିଯିବ ଏବଂ ସେହି ଉପାୟ ଅନ୍ୟାନ୍ୟ ସ୍ଥାନ ପ୍ରତି ଆଦର୍ଶ ହେବ । କାର୍ଯ୍ୟରେ ମନୋଯୋଗୀ ନ ହେଲେ ବକ୍ତୃତାରେ କିଛି ଫଳ ନାହିଁ ।

———

ସଞ୍ଜୀବନୀରେ ପାଠ କଲୁଁ ଯେ ଫରାସୀ ରାଜଧାନୀ ପାରିସ ନଗରର ଜଣେ ସ୍ତ୍ରୀ କୃତ୍ରିମ ଚୁରଟ ବା ସିଗାରେଟ ବିକିବା ଅପରାଧ ହେତୁ ୨ ହଜାର ଟଙ୍କା ଅର୍ଥଦଣ୍ଡ ଦେଇଅଛି । ଏହି ମୋକଦ୍ଦମାର ବିଚାରବେଳେ ପ୍ରମାଣ ହେଲା ଯେ ପ୍ରକାଶ୍ୟ ପାରିସ ନଗରେ ନାରକେଳଖୋଳରେ ଏପରି ସିଗାରେଟ ପ୍ରସ୍ତୁତ ହୋଇ ଦେଶ ବିଦେଶକୁ ପଠାଯାଏ । ଆଗେ ଭାରତରୁ ଛତାଳନ୍ତଆ ବିଦେଶ ରପ୍ତାନି ହେଉଥିଲା । ଏବେ ବସ୍ତ୍ରର ଚଳଣା କଟିଅ ଯାଉଅଛି । ନଡ଼ିଆଖୋଳରେ ତମାଖୁ ହେବାର ସମସ୍ତେ ଜାଣନ୍ତି । ମାତ୍ର ପିକା ପ୍ରସ୍ତୁତ ହେବାର ଏବେ ଶୁଣା ଗଲା । ବିଦେଶୀ ଦ୍ରବ୍ୟ ଯାହା ଆମ୍ଭେମାନେ ବ୍ୟବହାର କରୁଅଛୁଁ ତହିଁର ସୀମା ନାହିଁ ତଥାପି ବିଦେଶୀ ମୋହ ଛାଡ଼ୁ ନାହିଁ ବଡ଼ ଦୁଃଖର ବିଷୟ । ଆମ୍ଭେମାନେ ମୂର୍ଖ ହେଲୁଁ ବୋଲି ସିନା ଚତୁର ଲୋକମାନଙ୍କ ଲୁହରେ ପଡ଼ି ନିଜ ଆପଣାର ଦରିଦ୍ରତା ବଢ଼ାଉ ଅଛୁଁ ।

*O—O*

କଲିକତାର 'ଇଣ୍ଡିଆନ ମିରର' ନାମକ ସମ୍ବାଦ ପତ୍ର ୫୦ ବର୍ଷ କାଳ ସୁଖ୍ୟାତିରୂପେ ଜନସେବା ସହିତ ପରିଚାଳିତ ହୋଇଥିବାରୁ ତହିଁ ଉପଲକ୍ଷେ ଗତମାସ ତା ୩ ରଖ ଅପରାହ୍ନ କାଳରେ ସ୍ୱତନ୍ତ୍ର ବଙ୍ଗ ପ୍ରଦେଶର ଲୋକେ ମିଳି କଲିକତା ଟାଉନ ହଲଗୃହରେ ଏକ ଅପରାହ୍ନ ମିଳନ କରିଥିଲେ । ମିଳନ ସ୍ଥଳରେ ଗୀତ ବାଦ୍ୟାଦି ଆମୋଦର ଆୟୋଜନ ହୋଇଥିଲା । ପ୍ରୋକ୍ତ ସମ୍ବାଦ ପତ୍ରର ସମ୍ପାଦକ ରାୟ ନରେନ୍ଦ୍ରନାଥ ସେନ ବାହାଦୁରଙ୍କୁ ଗୋଟିଏ ଉପଯୁକ୍ତ ଅଭିନନ୍ଦନ ପତ୍ର ପ୍ରଦତ୍ତ ହୋଇଥିଲା ଏବଂ ସର ପ୍ରଦ୍ୟୋତକୁମାର ଠାକୁର ମହୋଦୟ ଅଭିନନ୍ଦନ ପତ୍ର ପାଠ କରିଥିଲେ । ବର୍ତ୍ତମାନ ମହାରାଜାଧିରାଜ ସମ୍ପାଦକ ମହୋଦୟଙ୍କ ଗଳଦେଶରେ ପୁଷ୍ପହାର ପ୍ରଦାନ ଦ୍ୱାରା ସମ୍ମାନ ପ୍ରଦର୍ଶନ କରିଥିଲେ ।—ଆମ୍ଭେମାନେ ଏହି ସୁଯୋଗ୍ୟ ସମ୍ପାଦକ ମହୋଦୟଙ୍କ ଦୂରଦେଶରୁ ଭକ୍ତି ଉପହାର ପ୍ରଦାନ କରୁଅଛୁଁ । ଏତାଦୃଶ ଅର୍ଦ୍ଧଶତାବ୍ଦି କାଳ ଯୋଗ୍ୟତା ସହିତ ସମ୍ବାଦ ପତ୍ର ଚଳାଇବା ଅଳ୍ପ ଲୋକଙ୍କ ଭାଗ୍ୟରେ ଘଟିଥାଏ ଏବଂ ଦେଶ ଲୋକେ ଉପଯୁକ୍ତ ଲେଖକଙ୍କ ଏରୂପେ ସମ୍ମାନିତ କରି ଯେ ଦେଶର ଗୌରବ ବଢ଼ାଇଅଛନ୍ତି ବୋଲି ବାହୁଲ୍ୟ ।

—=—

ଏ ନଗରର ସବଜିଜ୍ଜ ମଧୁବନ ଓ ଚଣ୍ଡୀପ୍ରସାଦ ମୌଜା ଚଡ଼ଙ୍ଗ ଜଙ୍ଗଲର କେନ୍ଦ୍ରାପଦର ଜମି ଏବଂ ଚଉଙ୍ଗାହୃଦର କେତେକ ଅଂଶରେ ଏବର୍ଷ ପ୍ରଚୁର ଧାନ ହୋଇଥିଲା । ଗତ ୧୫।୧୦ ଦିନେ କଟାହୋଇ କୃଷକଗଣର ଅନେକ ବର୍ଷର ଅଭାବ ପୂରଣ କରନ୍ତା, ଦୁର୍ଭାଗ୍ୟକ୍ରମେ କେଉଁଠି ୩।୪ଟା ବଣହାତୀ ଆସି ପାଚିଲା ଧାନ ସବୁ ଖାଇ ଯାଉଅଛନ୍ତି । ଗରିବ କୃଷିମାନେ ରାତ୍ରିରେ ଖେତ ପାଖକୁ ଯାଇ ପାରୁ ନାହାନ୍ତି । ସେମାନଙ୍କ ଗ୍ରାମରେ ଜଗିବାର କୁଡ଼ିଆ ସୁଦ୍ଧା ଭାଙ୍ଗି ଦେଇ ଅଛନ୍ତି । ଗରିବ ଚଷାଙ୍କ ଠାରେ ଅସ୍ତ୍ରଆଇନ ପାସ ନ ହେବାରୁ ବନ୍ଧୁକ ନାହିଁ ଯେ ହାତୀମାନଙ୍କୁ ଘଉଡ଼ାଇବେ ଏବଂ ଅନ୍ୟସ୍ଥାନ ବାଣୁଆ ଆଣାଇବାର ସଙ୍ଗତି ନାହିଁ । ଆମ୍ଭେମାନେ ଜିଲ୍ଲା ମାଜିଷ୍ଟ୍ରେଟ ଓ ପୁଲିଶଙ୍କୁ ପ୍ରଜାଗଣର ଏହି ଦାରୁଣ ବିପଦ ନାଶର ବ୍ୟବସ୍ଥା ଶୀଘ୍ର କରିବା କାରଣ ବିନୀତ ପ୍ରାର୍ଥନା କରୁଅଛୁଁ । ସ୍ଥାନୀୟ ପ୍ରେସିଡେଣ୍ଟ ଏ ବିଷୟର ରିପୋର୍ଟ କରିଅଛନ୍ତି କି ନା କହି ନପାରୁଁ । ଦୟାଳୁ କଲମ କଲେକ୍ଟର ଏ ବିଷୟ ମଧ୍ୟ ବୁଝିବେ ।

———

ପଞ୍ଜାବରେ ଅଢ଼ଦାର ସ୍ଥାନେ ଆର୍ଯ୍ୟ ସମାଜର ବାର୍ଷିକ ଅଧିବେଶନ ହେଉଅଛି । ପ୍ରତ୍ୟେକ ସ୍ଥାନରେ ନିୟମାନୁଯାୟୀ ଶିକ୍ଷା ସକାଶେ ଅର୍ଥ ସଂଗ୍ରହ ହୁଏ । ଲାହୋରରେ ଯେଉଁ ବାର୍ଷିକ ଅଧିବେଶନ ହୋଇଥିଲା ତହିଁରେ ଗୋଟିଏ ନୂତନ ବେଦଶିକ୍ଷା କଲେଜ ସକାଶେ ୨୦୦୦୦ ଟଙ୍କା ଏବଂ ଦୟାନନ୍ଦ ଏଂଗ୍ଲୋ ବୈଦିକ କଲେଜ ସକାଶେ ୨୦୦୦୦ ଟଙ୍କା ସଂଗୃହୀତ ହୋଇଅଛି । ଶିକ୍ଷା ହିଁ ସକଳ ଉନ୍ନତିର ମୂଳ ଏବଂ ଆର୍ଯ୍ୟ ସମାଜର ନେତାମାନେ ତାହା ବୁଝି ଅନ୍ୟ କୌଣସି ବିଷୟରେ ଆଡ଼ମ୍ବର ନ କରି ବିଶିଷ୍ଟଜନମାନଙ୍କର ଶିକ୍ଷା ସକାଶେ ଅର୍ଥ ସଂଗ୍ରହ କରି ଦେଶର ପ୍ରକୃତ କଲ୍ୟାଣକର କାର୍ଯ୍ୟରେ ଅଗ୍ରସର ହେବା ପ୍ରଶଂସନୀୟ ।

—※—

ଶ୍ରୀ ରାମଚନ୍ଦ୍ର ରାୟଙ୍କ ପ୍ରକାଶିତ ଓ କଟକ ପ୍ରିଣ୍ଟିଂ କମ୍ପାନୀ ଦ୍ୱାରା ମୁଦ୍ରିତ ଈଶୋପନିଷଦ ପୁସ୍ତକ ଖଣ୍ଡେ ଉପହାରପାଇ କୃତଜ୍ଞ ହେଲୁଁ । ଯେପରି ଟୀକା ଓ ଓଡ଼ିଆ ବ୍ୟାଖ୍ୟା ସହିତ ସେ ଋଗ୍ବେଦ ଓ ଯଜୁର୍ବେଦ ପ୍ରକାଶ କରିଅଛନ୍ତି ସେହି ଶ୍ରେଣୀରେ ଏହି ଉପନିଷଦ ପ୍ରକାଶ ହୋଇଅଛି । ଏଥିର ଅଧିକ ପରିଚୟ ଦେବା ପ୍ରୟୋଜନ ନାହିଁ । ଗ୍ରନ୍ଥ ଯେମନ୍ତ କ୍ଷୁଦ୍ର ମୂଲ୍ୟ ସେମନ୍ତ ଅଳ୍ପ ଯଥା ଏକଅଣା ମାତ୍ର ହୋଇଅଛି ଏବଂ ଏଥିରୁ ବୁଝା ଯାଉଅଛି ଯେ କେବଳ ଧର୍ମ ପ୍ରଚାର ତାହାଙ୍କର ଏକମାତ୍ର ଉଦ୍ଦେଶ୍ୟ । ଭୂମିକାରୁ ଜଣାଯାଏ ସେ କ୍ରମେ ଅନ୍ୟାନ୍ୟ ଉପନିଷଦ ପ୍ରକାଶ କରିବେ । ଓଡ଼ିଆଭାଷାରେ ବେଦ ଓ ଉପନିଷଦ ଟୀକା ଓ ଅର୍ଥ ସହିତ ଏପର୍ଯ୍ୟନ୍ତ ପ୍ରକାଶ ହୋଇ ନ ଥିଲା । ଏଣିକି ଶିକ୍ଷିତ ସମାଜ ପ୍ରସାର ହେଉଥିବା ସଙ୍ଗେ ଏତେ ସୁଲଭ ମୂଲ୍ୟରେ ପ୍ରାପ୍ୟ ଭାରତର ସର୍ବପ୍ରଧାନ ଧର୍ମ ଗ୍ରନ୍ଥ ବେଦାଦିର ଉପନିଷଦାଦିର ସମୁଚିତ ଆଦର ହେବାର ଆମ୍ଭେମାନେ ଏକାନ୍ତ ଆଶା କରୁଁ ।

———

ମାନ୍ଦ୍ରାଜ ସ୍ୱଟ ନଗର ୨ୟ ଶ୍ରେଣୀ ଓକିଲ ଶ୍ରୀ କୋଲାକମାଗ୍ରେଡ ମହାଜନୀ ବେପାର କରିବାଦ୍ୱାରା ଓକାଲତି ଆଇନ ବିରୁଦ୍ଧ ଆଚରଣ କରନ୍ତି । ହେଲୁ ସସପେଣ୍ଡ ହେବା କଥା ଓକିଲ ସମିତି ମାନ୍ଦ୍ରାଜ ହାଇକୋର୍ଟକୁ ଜଣାନ୍ତେ ମାନ୍ୟବର ପ୍ରଧାନ ବିଚାରପତି ଏବଂ ଶ୍ରୀକୃଷ୍ଣସ୍ୱାମୀ ଆୟର ଓ ଏଇଲିଂ ସାହେବ ବିଚାରପତିମାନେ ତଦନ୍ତଦ୍ୱାରା ଓକିଲ ମହାଜନୀ ବ୍ୟବସାୟ କରିବାର ପ୍ରମାଣ ପାଇ ତାହାଙ୍କୁ ଓକାଲତି ବିରୁଦ୍ଧ ଆଚରଣର ଦୋଷୀ କରି ଆଦେଶ ଦେଇଅଛନ୍ତି ଯେ ଯେପର୍ଯ୍ୟନ୍ତ ସେ ମହାଜନୀ ବା ଟଙ୍କା ଋଣ ଦେବା ବ୍ୟବସାୟ ବନ୍ଦ କରିବାର ସନ୍ତୋଷଜନକ ପ୍ରମାଣ ହାଇକୋର୍ଟରେ ନ ଦର୍ଶାଇବେ ସେପର୍ଯ୍ୟନ୍ତ ତାହାଙ୍କୁ ଓକାଲତି ସାର୍ଟିଫିକେଟ ଦିଆଯିବ ନାହିଁ । ଅନେକ ଓକିଲ ଓକାଲତି ବ୍ୟବସାୟ କରିବା ସଙ୍ଗେ ମହାଜନୀ କାରବାର କରିବାଦ୍ୱାରା ଆଇନ ବିରୁଦ୍ଧ ଆଚରଣ କରିବାର ଶୁଣାଯାଏ । ମାନ୍ଦ୍ରାଜ ହାଇକୋର୍ଟର ଏହି ନଜିର ଦେଖି ଭରସା କରୁଁ ସେମାନେ ସାବଧାନ ହେବେ । ଓକିଲର ଚରିତ୍ର ରକ୍ଷାର୍ଥେ ତାହାଙ୍କ ମହାଜନୀ ବେପାର କରିବା ଆଇନରେ ନିଷେଧ ହୋଇଅଛି । ଲୋଭପରବଶ ହୋଇ ଯେ ନିଷିଦ୍ଧ କାର୍ଯ୍ୟ କରେ ସେ ଚରିତ୍ରବାନ୍ ବୋଲାଯାଇ ନ ପାରେ । ଅସଦାଚରଣ ତାହା ପାପର ମୂଳ ।

———

ଆମ୍ଭମାନଙ୍କର ନୂତନ ରାଜପ୍ରତିନିଧି ବଡ଼ଲାଟ ଲର୍ଡ ହାର୍ଡିଞ୍ଜ କଲିକତାରେ ପଦାର୍ପଣ କଲାପରେ

Split by PDF Splitter

Digitized by srujanika@gmail.com

ଷେଠ, ମିଉନିସିପାଲିଟି ଯେଉଁ ଅଭିନନ୍ଦନପତ୍ର ଦାନ୍ କରିଥିଲେ ତହିଁ ଉତ୍ତରରେ ବ୍ୟକ୍ତ କଲେ ଯେ କଲିକତା ପ୍ରାପ୍ତ ପ୍ରକାଣ୍ଡ ଏବଂ ବର୍ଦ୍ଧନଶୀଳ ନଗର ଶାସନକାର୍ଯ୍ୟର ଦକ୍ଷତାଦ୍ୱାରା ଭାରତବର୍ଷରେ ସ୍ୱାୟତ୍ତଶାସନର କାର୍ଯ୍ୟକାରିତାର ପରୀକ୍ଷା ମିଳୁଅଛି । ଏହା ଯଥାର୍ଥ କହେ ମାତ୍ର ମିଉନିସିପାଲ କମିଶନରମାନଙ୍କ ହାତରେ ଯେଉଁ କାର୍ଯ୍ୟ ଦିଆଯାଉଅଛି ତାହା ଗୁରୁତର ଏବଂ ଉଚ୍ଚ ଆଦର୍ଶ ମନେ ରଖି ଯେଉଁମାନଙ୍କର ପ୍ରତିନିଧି ହୋଇ କମିଶନରମାନେ ଆସନ ପ୍ରାପ୍ତହୋଇଅଛନ୍ତି ସେମାନଙ୍କ କଲ୍ୟାଣନିମିତ୍ତ ଏକାନ୍ତ ଆନ୍ତରିକ ସହକାରେ ସମ୍ପୂର୍ଣ୍ଣ ନିଃସ୍ୱାର୍ଥଭାବେ କାର୍ଯ୍ୟ କଲେ ପ୍ରକୃତ ନଗରବାସିର ଉଚ୍ଚ ପଦାନୁରୂପ କାର୍ଯ୍ୟ ହେବ ।-ଏ କଥା ଏହା କଲିକତା କାହିଁକି ଭାରତର ସମସ୍ତ ମିଉନିସିପାଲିଟି ପକ୍ଷେ ଖଟଇ ଆମ୍ଭ ଦେଶର ଲୋକେ ପଦ ପାଇବାପାଇଁ ଲାଳାୟିତ ମାତ୍ର ଗାଦିନସିନ ହେଲାପରେ ଅନ୍ଧର୍ଯ୍ୟ ପତିତ ହୋଇପଡ଼ନ୍ତି ଏବଂ ପଦର ମର୍ଯ୍ୟାଦା ରଖିପାରନ୍ତି ନାହିଁ । ମିଉନିସିପାଲ କମିଶନର ଉପରୋକ୍ତ ନୀତିଗୁଡ଼ିକ ମନେ ରଖି ଅଦମ୍ୟ ଉତ୍ସାହ, ଅକ୍ଳାନ୍ତ ପରିଶ୍ରମ ଏବଂ ସ୍ୱାର୍ଥଶୂନ୍ୟତା ସହକାରେ କାର୍ଯ୍ୟ କରି ଦେଶର କଲ୍ୟାଣ ସାଧନ କରିବେ ।

—*O*—

ଶ୍ରୀ ହରଦ୍ୱାର ସଦସ୍ୟ ଗୋ ମହର୍ଷି ଏବଂ କଂସାରକ ଗୋ ରକ୍ଷିଣୀ ସଭାର ଗୋ ହତ୍ୟା ପାପନାଶିନୀ ହେବା ବିଷୟରେ ଏକ ଦୀର୍ଘ ପତ୍ର ଲେଖି ଗୋରକ୍ଷା ସଭାରେ ଏହି ନିବେଦନ କରିଅଛନ୍ତି ଯେ ପ୍ରାକୃତିକ ଓଡ଼ିଶାର ସମସ୍ତ ଗଡ଼ଜାତରେ ଗୋରକ୍ଷିଣୀ ବନ୍ଦୋବସ୍ତ ହେଉ, ବୃଦ୍ଧ ଅକର୍ମଣ୍ୟ ବା ଦୁର୍ବଳ ଘୋରୁ ଗୋ ଖାଦକ ଓ କଂସେଇମାନଙ୍କୁ ବିକିବାର ନିଷେଧ ହେଉ ଏବଂ ଅକସ୍ମିକ ମୃତ ଗୋରୁଗାଈ ଶବ ପୋତି ଦେବାର ବ୍ୟବସ୍ଥା ହେଉ । ଏଥିରୁ ପୋତିଦେବା ପ୍ରସ୍ତାବ ଅସୁବିଧା ଏବଂ ଅହିତକର ବୋଧହୁଅଇ । ଗୋ ଚର୍ମ ମୂଲ୍ୟବାନ୍ ପଦାର୍ଥ ଏବଂ କୌଣସି ମୂଲ୍ୟବାନ୍ ଦ୍ରବ୍ୟର ଅପଚୟକରିବା ବିଶେଷ ତଥା ସାଧାରଣ କ୍ଷତି ଅଟେ । ଗୋ ଚର୍ମ ଆମ୍ଭ ଗୋପାଳନରେ ବ୍ୟୟହେବା ପ୍ରଶସ୍ତ ବୋଧ କରୁଁ । ଅବଶ୍ୟ ଭାରତରେ ଗୋଜାତିର ଅସୀମ ଉପକାରିତା ବିବେଚନାରେ ସରକାର ଗୋହତ୍ୟା ନିଷେଧ ନ କଲେ ସ୍ଥାୟୀ ଉପକାର ଆଶା ନାହିଁ । ତଥାପି ଲୋକେ ଯେତେଦୂର ପାରନ୍ତି ତାହା କରିବା ଉଚିତ ।

ଶ୍ରୀ ଉଅଜେନ୍ଦ୍ରଲାଲ ସେନାପତି ବାବୁ ଗୋହତ୍ୟା ନିବାରଣ ପ୍ରସଙ୍ଗେ ଏକ ଦୀର୍ଘ ପତ୍ର ଲେଖି ଆଗାମୀ ଉତ୍କଳ ସମ୍ମିଳନୀରେ ତାହା ଆଲୋଚିତ ହେବା ପ୍ରାର୍ଥନା କରିଅଛନ୍ତି । ସମ୍ମିଳନୀ ସମ୍ପାଦକଙ୍କ ନିକଟରୁ ପତ୍ର ଲେଖିବାକୁ ତାହାଙ୍କୁ ଅନୁରୋଧ କରୁଅଛୁ ।

———

ଶ୍ରୀଯୁକ୍ତ ଏସ୍, ପି, ସିଂହ ମହୋଦୟଙ୍କ କନ୍ୟା କୁମାରୀ ସରଳା ସିଂହଙ୍କ ସହିତ ଆମ୍ଭମାନଙ୍କର ସୁପରିଚିତ ଜଜ କେ, ଏଲ, ଗୁପ୍ତ ମହୋଦୟଙ୍କ ପୁତ୍ର ଶ୍ରୀଯୁକ୍ତ ଅଶୋକଚନ୍ଦ୍ର ଗୁପ୍ତଙ୍କ ଶୁଭବିବାହ କଲିକତାଠାରେ ଗତ ନଭେମ୍ବର ମାସ ତା ୨୬ ଦିନରେ ବ୍ରହ୍ମମତରେ ସମ୍ପନ୍ନ ହୋଇଅଛି । କେ, ଏଲ, ଗୁପ୍ତ ମହୋଦୟ ବର୍ତ୍ତମାନ ବଙ୍ଗଦେଶର ଆଇନ ମନ୍ତ୍ରୀ ଅଟନ୍ତି ଏବଂ ତାଙ୍କ ଭାରତଗବର୍ଣ୍ଣମେଣ୍ଟଙ୍କ ଅଧୀନରେ କେତୋଟି ଏକାଉଣ୍ଟାଣ୍ଟ ଜେନେରାଲ୍ ପଦରେ କାର୍ଯ୍ୟ କରୁଅଛନ୍ତି । ଏଭଳି ଯୋଗ୍ୟପାତ୍ର ପାଇବାରେ ଚନ୍ଦ୍ରଶେଖର ସୌଭାଗ୍ୟ- [illegible] ବାଦ ମଣ୍ଡଳୀ [illegible] ସ୍ୱପନ ସୁସଜ୍ଜିତ ହୋଇଥିଲା ଏବଂ ସାଧାରଣ ବ୍ରାହ୍ମସମାଜର ପଣ୍ଡିତ ଶିବନାଥ ଶାସ୍ତ୍ରୀ ମହୋଦୟ ପୌରୋହିତ୍ୟ କାର୍ଯ୍ୟ ସମ୍ପନ୍ନ କରିଥିଲେ । ବିବାହ ମଜଲିସରେ ବର୍ଦ୍ଧମାନର ମହାରଜା, ବର୍ଦ୍ଧମାନ ମହାରାଜାଧିରାଜ, ଭାରତ ସେନାପତି, ସମ୍ମିଳ ହାଇକୋର୍ଟର ପ୍ରଧାନ ବିଚାରପତି ପ୍ରଭୃତି ଅନେକ ସମ୍ଭ୍ରାନ୍ତବ୍ୟକ୍ତି ଉପସ୍ଥିତ ଥିଲେ । ଦେଶ ଲୋକେ ପ୍ରଥମେ ବିଲାତଯାତ୍ରୀ ଯୁବକଦଳଙ୍କୁ ଅକାରଣ ଶାସ୍ତ୍ରର ଦୋହାଇ ଦେଇ ପରିତ୍ୟାଗ କରିବାରୁ ସେମାନେ ସ୍ୱତନ୍ତ୍ର ସମାଜ କରି ସୁନ୍ଦର ଚଳୁଅଛନ୍ତି । ବର୍ତ୍ତମାନ ବିଲାତ ଯାତ୍ରାରେ ଆପତ୍ତି ହୋଇ ନ ଥିବାରୁ ଏମାନଙ୍କୁ ପ୍ରକାଶ୍ୟଭାବେ ସମାଜ ଗ୍ରହଣ କଲେ ଅତିଶୟ ସୁଖର ବିଷୟ ହେବ । ଦେଶ ଲୋକେ ଏହା ଚିନ୍ତା କରି ଦେଖିବେ କି ?

—o*o—

କାଶୀର ପ୍ରଧାନ ଜ୍ୟୋତିଷ ପଣ୍ଡିତ ମହାମହୋପାଧ୍ୟାୟ ସୁଧାକର ଦ୍ୱିବେଦୀ ଗତ ୨୮ ଦିନେ ସ୍ୱର୍ଗାରୋହଣ କରିବା ଅତ୍ୟନ୍ତ ଶୋକସହିତ ପ୍ରକାଶ କରୁଅଛୁ । ଜ୍ୟୋତିଷ ଶାସ୍ତ୍ରରେ ଏହା କାଶୀରେ କାହିଁକି ସମସ୍ତ ଭାରତରେ ସେ ସ୍ୱର୍ଗୀୟ ପଣ୍ଡିତ ବାପୁଦେବ ଶାସ୍ତ୍ରୀ ଙ୍କଠାରୁ ଅଦ୍ୱିତୀୟ ଥିଲେ ଏବଂ ଶାସ୍ତ୍ରିକସ୍ଥାନ ପୂର୍ଣ୍ଣ କରିଥିଲେ । ସେ ସନାତନ ଜ୍ୟୋତିଃ ଶାସ୍ତ୍ରରେ ପ୍ରଗାଢ ପାଣ୍ଡିତ୍ୟ ସଙ୍ଗେ ପାଶ୍ଚାତ୍ୟ ଜ୍ୟୋତିଃଶାସ୍ତ୍ର ପାଠ କରି ୟୁରୋପରେ ଖ୍ୟାତି ଲଭିଥିଲେ । ତାହାଙ୍କର ନାନାଶାସ୍ତ୍ର ଜ୍ଞାନ ବିଚକ୍ଷଣତା, ବିନୀତ ସରଳ ବ୍ୟବହାର ନିରପେକ୍ଷ ଉଦାର ଉପଦେଶ ଓ ସମ୍ଭାଷଣ ସମସ୍ତଙ୍କର ଭକ୍ତି ଓ ପ୍ରୀତି ଆକର୍ଷଣ କରୁଥିଲା । ଅଳ୍ପ ଦିନତଳେ ବିଲାତ ଫେରନ୍ତା ହିନ୍ଦୁଙ୍କୁ ସମାଜରେ ନେବାସମ୍ବନ୍ଧୀୟ ସଭାରେ ସେ ସ୍ପଷ୍ଟ କହିଥିଲେ କି ଯେ ପ୍ରକାରେ ସୈନ୍ୟ ଓ କୁଲିମାନେ ସମୁଦ୍ର ପାରେ ନାନା ଦେଶରେ ବହୁକାଳ ବାସ କରି ସହଜରେ ଫେରିଆସି ସ୍ୱ ସମାଜରେ ଗୃହୀତ ହେଉଅଛନ୍ତି ବିଳାତରେ ପଢ଼ି ଫେରିଆସିବା ଲୋକଙ୍କ ପ୍ରତି ତହିଁରୁ ଭିନ୍ନ ବ୍ୟବହାର କରିବା ଉଚିତ ନୁହେଁ ସାମାନ୍ୟ କିଛି ପ୍ରାୟଶ୍ଚିତ୍ତ କରିବାର ହେଲେ କର ଶିକ୍ଷାର୍ଥୀଙ୍କ ସକାଶେ ନାନା ଦେଶରେ ଅଶ୍ରମ ସ୍ଥାପନ କର ମାତ୍ର ଶିକ୍ଷା ଓ ଉନ୍ନତି ମାର୍ଗରେ ବାଧା ଦେଇ ଦେଶର ଅକଲ୍ୟାଣ କର ନା । କେମନ୍ତ ପ୍ରଶସ୍ତ ହୃଦୟ ଓ ଦେଶ ହିତୈଷିତା ? ବାସ୍ତବରେ ଏପରି ବ୍ୟକ୍ତି ବିୟୋଗ ଅତ୍ୟନ୍ତ ଶୋକର ବିଷୟ । ପୁଣି ତାହାଙ୍କ ସ୍ଥାନ ପୂର୍ତ୍ତିକରିବା ଯୋଗ୍ୟ କେହି ନାହିଁ ଓ କେବେ ହେବ ବୋଲିଯାଇ ନ ପାରେ ; ଈଶ୍ୱର ତାହାଙ୍କ ଆତ୍ମାର ମଙ୍ଗଳ କରନ୍ତୁ ।

———

ଗୋଟିଏ ମଞ୍ଜିରୁ ଛଅ ହଜାର ଗହମ ।

ଫେବେନସଲ ଲେଭର୍ଣ୍ଣି ଉଷିନ୍ତାଉ ଜଣେ ପ୍ରସିଦ୍ଧ କୃଷିତତ୍ତ୍ୱବିତ୍ ପଣ୍ଡିତ ଗହମ ଗଛ ସମ୍ବନ୍ଧରେ ଅନେକ ପରୀକ୍ଷା କରିଅଛନ୍ତି । ସେ ଥରେ ଗୋଟିଏ ଗହମ ମଞ୍ଜି ବୁଣି ତହିଁରୁ କୋଡ଼ିଏ ହଜାର ଗହମ ପାଇଥିଲେ । କିପରିଭାବରେ ସେ ଏହି ଅଦ୍ଭୁତ କାର୍ଯ୍ୟ ସମ୍ପନ୍ନ କରିଥିଲେ ତହିଁର ପ୍ରକ୍ରିୟା ନିମ୍ନରେ ପ୍ରକାଶିତ ହେଲା ।

ସେ ଏକ ବସ୍ତ୍ର ଗଣ୍ଡିର ଗୋଟିଏ ଗୋଲାକାର ଗାତ ଖୋଳିଥିଲେ ଯେ ଯହିଁର ନିମ୍ନଭାଗ କ୍ରମଶଃ ସରୁହୋଇ ଶେଷରେ ସୂଚ୍ୟଗ୍ରପରି ହୋଇଥିଲା । ସେହି ଗର୍ତ୍ତରେ ଗୋଟିଏ ମଞ୍ଜି ପୋତି ତାହାକୁ ପାତଳ ମାଟିଦ୍ୱାରା ଢାଙ୍କି ଦେଇଥିଲେ । ଗଛ ହେଲାକ୍ଷଣି ପୁଣି ତାହା ଅଳପ ମାଟିଦ୍ୱାରା ଢାଙ୍କିଦେଲେ । କିଛିଦିନ ପରେ ମାଟି ଭେଦକରି ଅନେକ ଗୁଡ଼ିଏ ଗୃଷ ବାହାରିଲା; ଏହିସବୁ ଗୃଷକୁ ଅଳପ ମାଟିଦ୍ୱାରା ପୁଣି ଢାଙ୍କିଦେଲେ । ଏହିପରି ମାଟି ଭେଦକରି ଯେତେଥର ଗୃଷ ବାହାରୁଥାଏ, ତେତେଥର ତାହାକୁ ମାଟିଦେଇ ଢାଙ୍କିଦିଅନ୍ତି ! କ୍ରମେ ଯେତେବେଳେ ଗାତଟି ମାଟିରେ ପୂର୍ତ୍ତି ହୋଇଗଲା, ସେତେବେଳେ ସେହି ମାଟିମଧ୍ୟରୁ କୋଡ଼ିଏ ହଜାର ଗଛ ବାହାର ହୋଇଥିଲା ।

ଇଂଲଣ୍ଡର ଏସେକ୍ସ ପ୍ରଗନ୍ନାର ଅନ୍ତର୍ଗତ ଷ୍ଟର୍ଚ୍ଚ ଗ୍ରାମର ଶ୍ରୀମତୀ କେଣ୍ଟିଙ୍କର କୃଷି କାର୍ଯ୍ୟରେ ପରମ ଅନୁରାଗଥିବାରୁ ଅଳ୍ପଦିନ ହେଲା ଜେନାରଲ ଲେଭର୍ଣ୍ଣିଙ୍କର ଅନୁକରଣ କରି ସେ ଗୋଟିଏ ଗହମରୁ ଛଅହଜାର ଗହମଗଛ ପାଇଥିଲେ । ସେ ଦୁଇ ହାତ ବ୍ୟାସର ଗୋଟିଏ ଗୋଲାକାର ଗାତ ଖୋଳି ତହିଁର ଉପରଭାଗ ଚଉଡ଼ା ଓ ନିମ୍ନଭାଗ କ୍ରମଶଃ ସରୁ କରିଥିଲେ । ସେ ଗତ ୧୯୦୯ ସାଲର ମାର୍ଚ୍ଚ ମାସରେ ସେହି ଗର୍ତ୍ତମଧ୍ୟ-

Digitized by srujanika@gmail.com

ରେ ଗୋଟିଏ ଗହମ ମଞ୍ଜି ପୋତି ତହିଁଉପରେ ଏକପ୍ରସ୍ଥ ପତଳା ମାଟି ଘାଡ଼ି ଦେଲେ । ତିନ ସପ୍ତାହ ପରେ ତହିଁରୁ ଛଅଗୋଟି ଗଜା ବାହାରିଥିଲା । ସେହି ଗଜାସବୁକୁ ପୁଣି ମାଟିଦେଇ ଢାଙ୍କି ଦେଇଥିଲେ । ଏହିପରି ଯେତେବେଳେ ଗଜାସବୁ ମାଟିମଧ୍ୟରୁ ଉପରକୁ ଉଠି ଆସିଥିଲା, ସେତେବେଳେ ତାହା ଥରକୁ ଥର ମାଟିଦେଇ ଢାଙ୍କୁଥିଲେ । ଅବଶେଷରେ ତହିଁରୁ ୬୭ ଗଛ ହୋଇଥିଲା ଯେ ମାଟିର ଉପରଭାଗ ଚତ୍ୱର ଢାଙ୍କି ଯାଇଥିଲା । ସନ ୧୯୧୦ ସାଲର ଗ୍ରୀଷ୍ମକାଳରେ ଗହମ ପାଚିଲାରୁ ଶ୍ରୀମତୀ କେନ୍ତି ସେ ସବୁ କାଟି ଆଣିଲେ । ସେ ଗଣନା କରି ଦେଖିଲେ ଯେ ଗୋଟିଏ ମଞ୍ଜିରୁ ପଞ୍ଚାଅଶି ଗୋଟା ପେନ୍ଦା ହୋଇଥିଲା; କୋଡ଼ିଏଟା ପେନ୍ଦାରୁ ବଡ଼ ଓ ପଚାଶଟା ପେନ୍ଦାରୁ ମଧ୍ୟମ ଗହମ ବାହାରିଲା; ପନ୍ଦରଟା ପେନ୍ଦା ଏପର୍ଯ୍ୟନ୍ତ ପାଚିନାହିଁ । ସେହି ସତୁରିଟା ପେନ୍ଦାରୁ ତିନି ହଜାର ଗହମ ମିଳିଅଛି । ଗୋଟିଏ ମଞ୍ଜିରୁ ତିନି ହଜାର ଗହମ ପାଇବା ସହଜ କଥା ନୁହେ ଆମ୍ଭେମାନେ ଆଶା କରୁଁ ଏ ଦେଶର ଶିକ୍ଷିତ କୃଷକମାନେ ଏହା ପରୀକ୍ଷା କରି ଦେଖିବେ ।

ସଞ୍ଜୀବନୀ

---

## ମଦକ ଓ ଭଙ୍ଗ ।

ଏହି ଦୁଇ ମାଦକ ଦ୍ରବ୍ୟ ଅଫିମରେ ପ୍ରସ୍ତୁତ ହୁଏ । ଭଙ୍ଗ ବିଶେଷତଃ ପ୍ରଚଳିତ ନୁହେ । ମାତ୍ର ମଦକ ଭକ୍ତ ଅନେକ ଦେଖିବାରେ ଆସନ୍ତି ଏବଂ ସକଳ ମାଦକ ମଧ୍ୟରେ ମଦକ ଯେମନ୍ତ ଅନାବଶ୍ୟକ ସେମନ୍ତ ଅନେକ ଅନିଷ୍ଟର ମୂଳ । ମଦକ ଘର ବୋଲି ଗୋଟିଏ ପ୍ରଚଳିତ ପ୍ରଥା ଗବର୍ଣ୍ଣମେଣ୍ଟ ବିଶେଷ ସମିତିଦ୍ୱାରା ଅନୁସନ୍ଧାନ କରି ଏହାର ଅନିଷ୍ଟକାରିତା ହୃଦୟଙ୍ଗମ କଲାରୁ ଏକାବେଳେ ଉଠାଇ ଦେଇଅଛନ୍ତି । ମାତ୍ର ଗତ ବାର୍ଷିକ ରିପୋର୍ଟରେ ପ୍ରକାଶ ଯେ ମଦକ ଅଭ୍ୟାସ କମି ନ ଥିଲେହେଁ ବହୁସ୍ଥଳରେ ପ୍ରଚଳିତ ରହିଅଛି ବିଶେଷତଃ ମେଦିନୀପୁର, କଲିକତା, ମୁରସିଦାବାଦ, ପାଟନା, ଭାଗଲପୁର ଏବଂ କଟକରେ ଅଧିକାପର ଜଣାଯାଏ । ମେଦିନୀପୁର ଜିଲ୍ଲା କସିଯାଡ଼ି ଓ ଚନ୍ଦ୍ରକୋଣା ଗ୍ରାମବାସୀ ପ୍ରାୟ ସମସ୍ତେ ମଦକ ସେବୁ ଗୋଟିଏ ଅଥବା ବାଟି ପାଇବା କଷ୍ଟକର । କଲିକତା ମଦକଘଟିବାଲାମାନେ ଅଧିକର ଦାଉ ଏଥିବାରେ ବିବ୍ରତ ହୋଇଅଛନ୍ତି । ମୁରସିଦାବାଦରେ ୯ ଟା ମଦକ ଓ ଭଙ୍ଗ ସେବୀମାନଙ୍କ ଧରା ହୋଇଥିଲା । ବାଙ୍କିପୁର, ପାଟନା, ଦାନାପୁର ଏବଂ ବେହାର ଏ ସମସ୍ତ ନଗରରେ ମଦକ ଓ ଭଙ୍ଗ ଅଧିକ ପ୍ରଚଳିତ । ଭାଗଲପୁର ଏବଂ କଟକରୁ ସମ୍ବାଦ ଆସିଅଛି ଯେ ମଦକ ଓ ଭଙ୍ଗ ପ୍ରସ୍ତୁତ ଓ ବିକ୍ରୟ ଉଠାଇ ଦେବା ସଫଳ ହୋଇନାହିଁ । ଅବକାରୀ କମିଶନର ଲେଖିଅଛନ୍ତି ଓ ଏହି କୁ-ଅଭ୍ୟାସ ଦମନପ୍ରତି ସେ ମନୋଯୋଗୀ ଅଛନ୍ତି ମାତ୍ର ସେ ଉପାୟ ଅବଲମ୍ବନ କରୁଅଛନ୍ତି ବା କରିବେ ତାହା ଲେଖି ନାହାନ୍ତି । ବରଂ କଟକ ଓ ଭାଗଲପୁର ସମ୍ବନ୍ଧରେ ଯାହା ଲେଖିଅଛନ୍ତି ତହିଁରୁ ଅନୁମାନ ହୋଇପାରେ ଯେ ପୁନର୍ବାର ମଦକଘଟି ନାଶ କରିବା ତାହାଙ୍କର ଅଭିପ୍ରାୟ । ଆମ୍ଭେମାନେ ଏକାନ୍ତ କାମନା କରୁଁ ଯେ ସରକାର ପୁନର୍ବାର ମଦକଘଟି ଫିଟାଇବାର ଆଦେଶ ଦେବେ ନାହିଁ । ତହିଁରେ ଅନିଷ୍ଟ ଭିନ୍ନ ଇଷ୍ଟ ଲାଭ ହେବନାହିଁ ଏବଂ ଫଉଜଦାରୀ ଅପରାଧ ଅନେକ ବଢ଼ିବ । ଆମ୍ଭେମାନେ ପୂର୍ବେ କହିଅଛୁଁ ଯେ ମଦକ ଅଭ୍ୟାସ ଅନାବଶ୍ୟକ ଏବଂ ମଦକମାନେ ଅଳ୍ପ ଖାଇ ତାହା ଅନାୟାସରେ ଛାଡ଼ି ପାରନ୍ତି । ଏପରି ମାଦକ ଦ୍ରବ୍ୟ କୌଣସିରୂପେ ପ୍ରଶ୍ରୟ ପାଇବାର ଯୋଗ୍ୟ ନୁହେ । ବାସ୍ତବରେ ମଦକ ଦମନ କରିବା ଅସାଧ୍ୟ ନୁହେ । କେବଳ ଅବକାରୀଶାଖା ଓ ପୁଲିସ ପଦସ୍ଥଙ୍କ ତ୍ରୁଟି ଓ କେତେକଙ୍କର ଅନ୍ୟାୟ ଲାଭ ହେତୁ ଗୁପ୍ତ ମଦକଘଟିମାନ ଏହିପ୍ରକାର ଅବାଧେ ଚାଲୁଅଛି । ପୁଲିସ ପଦସ୍ଥମାନଙ୍କ ମଧ୍ୟରେ ମଦକ ଖାଇବା ବ୍ୟକ୍ତି ନିତାନ୍ତ ବିରଳ ନୁହେ । କୌଣସି ସ୍ଥଳରେ ଶତ ପ୍ରାୟ ପାଞ୍ଚ ସାତ ଜଣ ମଦକ ଖାଇବା ନିଷେଧ ହେଲେ ଓ ପଦସ୍ଥମାନେ ସେ ଘରପ୍ରତି ଶକ୍ତ ଦୃଷ୍ଟି ରଖିଲେ ଦମନ ହେବା ବିଳମ୍ବ ହେବନାହିଁ । ମଦକ ଖାଇବା ଲୋକଙ୍କୁ ଅବକାରୀ ଓ ପୁଲିସ ପଦର ଅଯୋଗ୍ୟ ବିବେଚନା କରି ବାହାର କରିଦେଲେ ଅଳ୍ପଦିନରେ ସୁଫଳ ଫଳିବ । ସରକାର ଦମନ କରି ପାରିବେନାହିଁ ଏମନ୍ତ ବୋଲିବା ବୃଥା ଅଟେ ।

---

## ପରଗଣା ବନ୍ଦୋବସ୍ତର କଥା ।

ପରଗଣା ବନ୍ଦୋବସ୍ତର କାର୍ଯ୍ୟ ଯେଉଁପରିଭାବେ ଚାଲୁଅଛି ତହିଁରେ ଉଭୟ ଜମିଦାର ଓ ରୟତଙ୍କ ମଧ୍ୟରେ ନାନାପ୍ରକାର ଆନ୍ଦୋଳନ ଲାଗି ରହିଅଛି । ଉପସ୍ଥିତ କେତେକ ବିଷୟ ବିଚାର କରିବା କାରଣ ଉତ୍କଳ ଜମିଦାର ସଭାପକ୍ଷରୁ ବାବୁ ଯୋଗେନ୍ଦ୍ରନାଥ ବସୁ ପ୍ରଭୃତି କେତେ ଜଣ ଜମିଦାର ଡାଇରେକ୍ଟର ମେକ୍‌ଫର୍ସନ ସାହେବଙ୍କ ସହିତ ଗତ ପୂର୍ବ ମଙ୍ଗଳବାର କଥାବାର୍ତ୍ତା କରିଥିଲେ । ସାହେବ ମହୋଦୟଙ୍କୁ ବର୍ତ୍ତମାନ ଖସଡ଼ାଲିପିରେ ଅନେକ ଭୁଲ ଲେଖା ଯାଉଥିବାର ଦେଖାଇ ଦେବାରେ ସେ କହିଲେ ଯେ କେବଳ ଲେଖା ଭୁଲ ଥିବାର ଜମିଦାରମାନେ ଆବେଦନ କଲେ ତାହା ସଂଶୋଧନ କରି ଦିଆଯିବ ମାତ୍ର ଯେଉଁ ଭୁଲ ସଙ୍ଗେ ସ୍ୱାର୍ଥସ୍ୱତ୍ୱ କଳହର ସମ୍ପର୍କ ଥିବ ତାହା ଅଦାଲତରେ ମୀମାଂସିତ ହେବ । ବନ୍ଦୋବସ୍ତ କର୍ତ୍ତା ଟେଲର ସାହେବ ଭୁଲ ସଂଶୋଧନ ସମ୍ବନ୍ଧେ ଜମିଦାରମାନଙ୍କ ରିପୋର୍ଟମତ କାର୍ଯ୍ୟ କରିବାକୁ ଅନିଚ୍ଛୁକ ହୋଇ ପ୍ରକାଶ କଲେ ଯେ ତାହାହେଲେ ଏତେ ସଂଶୋଧନ ଦରଖାସ୍ତ ପଡ଼ିବ ଯେ ସେ କାର୍ଯ୍ୟ ଉଠାଇ ପାରିବେ ନାହିଁ । ମାତ୍ର ଡାଇରେକ୍ଟର ତହିଁରେ ଐକ୍ୟ ନ ହୋଇ ଜମିଦାରମାନଙ୍କ ରିପୋର୍ଟ ଗ୍ରହଣ କରିବାକୁ ଆଦେଶ ଦେଇ ସଂଖ୍ୟା ଅତ୍ୟନ୍ତ ଅଧିକ ହେଲେ ତାଙ୍କୁ ରିପୋର୍ଟ କରିବାକୁ ବୁଝାଇ ଦେଲେ । ଲଖରାଜ ବାଜ୍ୟାପ୍ତିଦାରଙ୍କ ସମ୍ବନ୍ଧେ ଏହିପରି ସ୍ଥିର କଲେ ଯେ ଯେଉଁଠାରେ ବାଜ୍ୟାପ୍ତିଦାର ସମ୍ପୂର୍ଣ୍ଣ ଜମି କବ୍‌ଜା କରିଥିବ ଜମିଦାରଙ୍କ ସିରସ୍ତାରେ ନାମ ଦାଖଲ ଖାରିଜ କରିନ ନ ଥିବ ସେଠାରେ ଖରିଦଦାରଙ୍କ ନାମ ଖସଡ଼ାଲିପିର ଦ୍ୱିତୀୟ ଘରେ ଲେଖି ଦଖଲ କଲମରେ ନାମ ଦାଖଲ ଖାରିଜ କରିନ ଥିବାର ଲେଖାଯିବ ଆଉ ଯେଉଁଠାରେ ଅଂଶିକ କବ୍‌ଜା ହୋଇଥିବ ସେଠାରେ ଖରିଦଦାରର ନାମ ଅନ୍ୟ ସରିକଦାରଙ୍କ ସହିତ ଲେଖାଯିବ ଯେ କେବଳ ଖରିଦଦାରର ଖଣ୍ଡ ଜମା ଖସଡ଼ାଲିପିରେ ଚଢ଼ିବ ନାହିଁ । ଅନେକ ସ୍ଥଳେ ରୟତମାନେ ଜମିଦାରଙ୍କ ବିନା ମଞ୍ଜୁରୀରେ ଆପଣା ଖତରୁ ଅଧିକ ଜମି ଚାଷ କରୁଥିବା ଏବଂ ଅନାବାଦୀ ଜମି ଉଠିଆ କରୁଥିବାର ସାହେବ ମହୋଦୟଙ୍କୁ ବୁଝାଇ ଦିଆଯିବାରୁ ସେ ଆଦେଶ କଲେ ଯେ ସେପରି ସ୍ଥଳେ ଗୋଟିଏ ଉପଯୁକ୍ତ ଏବଂ ନ୍ୟାୟସଙ୍ଗତ ସଲାମୀ ନିର୍ଦ୍ଦିଷ୍ଟ କରାଯାଇ ସେହି ପ୍ରଜାଙ୍କଠାରୁ ଆଦାୟ କରି ଜମିଦାରଙ୍କୁ ବା ସମସ୍ତଙ୍କୁ ପରି କର୍ମଚାରୀଙ୍କୁ ଦେଇ ତାଙ୍କର ମଞ୍ଜୁରୀ ନିଆଯାଇ ତାଙ୍କ ନାମ ଖସଡ଼ାଲିପିରେ ଲେଖାଯିବ ଏବଂ ଏଥିର ସରକ୍ୟୁଲର ଆସିଷ୍ଟାଣ୍ଟ କର୍ମଚାରୀମାନଙ୍କୁ ଦିଆଯିବାର ପ୍ରକାଶ କଲେ । ଲଖରାଜ ବାଜ୍ୟାପ୍ତିଦାରମାନେ ସିକମି ପ୍ରଜାଙ୍କ ଖଜଣା ପାଉ ନ ଥିବାର ଶୁଣାଯିବାରୁ ତାହା ବର୍ତ୍ତମାନ ତାଙ୍କୁ ଦିଆଯିବାର ସାହେବ ମହୋଦୟ ପ୍ରକାଶ କଲେ ଏବଂ ସର୍ବସାଧାରଣ ଲେଖା ବିଷୟରେ କଥା ପଡ଼ିବାରୁ କହିଲେ ଯେ ଯେଉଁଠାରେ ଚୂଡ଼ାନ୍ତ ପ୍ରଚାର ( Final publication ) ହୋଇଯାଇଅଛି ସେଠାରେ ମୋକଦ୍ଦମା କରି ତାହା କଟାଇବାକୁ ହେବ କାରଣ ବନ୍ଦୋବସ୍ତ କର୍ମଚାରୀଙ୍କର ସେପରି ଭୁଲ ସଂଶୋଧନ କରିବାର ଅଧିକାର ନାହିଁ ମାତ୍ର ଯେଉଁଠାରେ ଚୂଡ଼ାନ୍ତ ପ୍ରଚାର ହୋଇନାହିଁ ସେଠାରେ ଡାଇରେକ୍ଟରଙ୍କ ହାଲ ସର୍କ୍ୟୁଲର ଅନୁଯାୟୀ କାର୍ଯ୍ୟ ହେଉଅଛି । ଏଠାରେ ବନ୍ଦୋବସ୍ତ କର୍ମଚାରୀ ପ୍ରକାଶ କଲେ ଯେ ଜମିଦାରମାନଙ୍କର ଏଥିର ଆଉ ଶୁଣାଣି ରହିବ ନାହିଁ । ଅବଶେଷରେ ଯେଉଁ ସାମାନ୍ୟ ଲଖରାଜ ଜମି ସମ୍ବନ୍ଧେ

Split by PDF Splitter
Digitized by srujanika@gmail.com

ଜମିଦାରମାନେ ସେଡ଼ସେସ ଅଦାୟ କରୁଅଛନ୍ତି ସେହି ଜମିନ ନ ଧରୁଥିବା ଲାଖରାଜଦାରଙ୍କ ନାମ ଏହି ପ୍ରସ୍ତୁତ ଜମିଦାରମାନଙ୍କ ଦଥଯିବା ଏବଂ ତାହା ତ ହେଲେ ଜମିଦାରମାନେ ବାକି ସେଡ଼ସେସ ଅଦାୟ ସକାଶେ ନାଲିଶ ଇତ୍ୟାଦିରେ ଅସୁବିଧା ପଡ଼ୁଥିବାର ଜଣାଇବାରୁ ସାହେବ ମହୋଦୟ ଲାଖରାଜଦାରଙ୍କ ନାମର ତାଲିକା ଜମିଦାରଙ୍କ ଦଥଯିବାର ଆଦେଶ ଦେଲେ । ଏହିରୂପେ ଜମିଦାର ଓ ଡାଇରେକ୍ଟରଙ୍କ ସାକ୍ଷାତ୍ କାର୍ଯ୍ୟ ଶେଷ ହେଲା । ସାହେବ ମହୋଦୟ ଜମିଦାରମାନଙ୍କର ସୁବିଧା ଭଲ ସଦ୍ଭାବରେ ମନୋଯୋଗପୂର୍ବକ ଶୁଣିଥିବାରୁ ଆମ୍ଭେମାନେ ତାଙ୍କୁ ଧନ୍ୟବାଦ ଦେଉଅଛୁଁ । ପ୍ରଜାଙ୍କ କଥାଟି ଶୁଣିବା ଶାସନ କର୍ତ୍ତାଙ୍କ ଧର୍ମ ଏବଂ ବର୍ତ୍ତମାନ ଶାସନ ନୀତିର ସମ୍ପୂର୍ଣ୍ଣ ଅନୁଗତ । ଭୂସଂଶୋଧନ କରିବା ଏ ବନ୍ଦୋବସ୍ତର ଉଦ୍ଦେଶ୍ୟ ମାତ୍ର ତହିଁର କୌଣସି ବନ୍ଦୋବସ୍ତ ହୋଇନାହିଁ ଓ ଜମିଦାରମାନଙ୍କର ଅବେଦନମାତ୍ର ବନ୍ଦୋବସ୍ତ କଚେରୀରେ ପଡ଼ି ରହିଅଛି । ଲାଖରାଜ ବାଜ୍ୟାପ୍ତି ଜମି ଅଂଶିକ ବା ସମ୍ପୂର୍ଣ୍ଣ ଖରିଦ କରି ଯେଉଁମାନେ ଜମିଦାରଙ୍କ ସିରସ୍ତାରେ ନାମ ଦାଖଲଖାରଜ ନ କରାଇଲେ ଅଇନାନୁସାରେ ସେମାନଙ୍କର ଜମିଦାରଙ୍କ ବିରୁଦ୍ଧେ କୌଣସି ଦାବି ହୋଇ ନ ଥିବାରୁ ସ୍ୱତ୍ୱଲିପିର ଦ୍ୱିତୀୟ ସରେ ତାଙ୍କର ନାମ ଲେଖିବା ଆଦୌ ଉଚିତ ନୁହେ ଏବଂ ଦଶମ ସରେ ଜମିଦାରଙ୍କ ସିରସ୍ତାରେ ଦାଖଲ ଖାରଜ ହୋଇ ନ ଥିବାର ଉଲ୍ଲେଖ ଅନର୍ଥ୍ୟ ଅଟଇ କାରଣ ସ୍ୱତ୍ୱଲିପି ଅନୁସାରେ ଜମିଦାର ସ୍ୱତ୍ୱଲିପି ମାନ୍ୟ କରିବାକୁ ବାଧ୍ୟ ଏବଂ ଦଶମ ସର ସେଥିସକାଶେ ହୋଇନାହିଁ । ସ୍ୱତ୍ୱାଧିକାରୀ ବା ପ୍ରଜାର ସ୍ୱତ୍ୱ ନିଦର୍ଶନହିଁ ଦଶମ ସରର ମୁଖ୍ୟ ଉଦ୍ଦେଶ୍ୟ ମାତ୍ର ଯାହାର ସ୍ୱତ୍ୱ ଅଇନାନୁଯାୟୀ ଜମିଦାର ମାନ୍ୟ କରିବାକୁ ବାଧ୍ୟ ନୁହନ୍ତି ତାଙ୍କୁ ଉକ୍ତ ସରେ ଲେଖି ଗୋଳମାଳ ଘଟାଇବାରେ କି ପ୍ରୟୋଜନ ଅଛି ? ମଧ୍ୟ ସେପରି ଦ୍ୱିତୀୟସର୍ବଲ କଥା ଅଦାଲତରୁ ସ୍ଥିରହେବାକୁଁ ଯୁକ୍ତିସଙ୍ଗତ । ଏ ସ୍ଥଳରେ ପୁଣି ଜମିଦାରଙ୍କ କଡ଼ିଷ୍ଟ କରୁମ ଦେଇ ତାଙ୍କଠାରୁ ମହସୁଲ ଲେଖାଇ ଥିଲେ ତାଙ୍କ ନାମ ସ୍ୱତ୍ୱଲିପିରେ ପୂରଣ ହୋଇପାରିବାର ଆଦେଶ ଦେଇଥିଲେ ସମୁଚିତ ହୋଇଥାନ୍ତା । ଅନାବାଦୀ ଓ ଅଧିକ ଜମି ମାପ ଯାଇଥିବ ସମ୍ବନ୍ଧରେ ଡାଇରେକ୍ଟର ସାହେବଙ୍କ ମତର ସମ୍ପୂର୍ଣ୍ଣ ନ୍ୟାୟସଙ୍ଗତ ଏବଂ ଅନେକ ଦିନର ଆନ୍ଦୋଳନ ଏହି ଅଢ଼ୁଆ ପ୍ରକାରରୂପେ ମୀମାଂସା କରିଥିବା ହେତୁ ଆମ୍ଭେମାନେ ତାଙ୍କୁ ସାଧୁବାଦ ଦେଉଅଛୁଁ । ଲାଖରାଜ ବାଜ୍ୟାପ୍ତିଦାରଙ୍କ ସେପରି ଖଣ୍ଡଅଦ କଥା କିଛି ପାଇଲୁଁ ନାହିଁ । ବନ୍ଦୋବସ୍ତ ଖଣ୍ଡଅଦରେ ଯୁକ୍ତ ଅନେକ ସ୍ଥାନରେ ଏମନ ରୟତଙ୍କୁ ସିକମି ବୋଲି ଲେଖିବାଦ୍ୱାରା ବାଜ୍ୟାପ୍ତିଦାରଙ୍କୁ ରୟତ ସ୍ୱୀକାର କରାଯାଇଅଛି । ଏହା ଠିକ୍ କି ? ସର୍ବସାଧାରଣ ସମ୍ବନ୍ଧ ପ୍ରଥମ ଆଦେଶ ଯଥାର୍ଥ ଅଟେ । ଯେଉଁଠାରେ ବୃତ୍ତାନ୍ତ ପ୍ରସ୍ତୁତ ହୋଇନାହିଁ ସେଠାରେ ବନ୍ଦୋବସ୍ତ କର୍ତ୍ତା ଆପଣା ଭୁଲ କାଟି ଦେବା ଉଚିତ ମାତ୍ର ସେ ସମ୍ବନ୍ଧେ କି ସରକୁଲର ହୋଇଅଛି ଆମ୍ଭେମାନେ ନ ଜାଣୁଁ କିମ୍ବା ଜମିଦାରମାନଙ୍କୁ ତାହା ଜଣାଇ ଦିଆ ଯାଇନାହିଁ । ବୋଧହୁଏ ଅଳ୍ପଦିନ ତଳେ କେତେକ ଜଣ ଆସିଷ୍ଟାଣ୍ଟ କର୍ମଚାରୀ ଏ ବିଷୟ ତଦନ୍ତ କରୁଥିଲେ ଏବଂ ସେମାନଙ୍କ ତଦନ୍ତ ଉପରେ ନିଷ୍ପତ୍ତି ହେବା ବିଷୟ ଏଥିରୁ ବୁଝିବାକୁ ହେବ । ଏହା ଭଲ କି ମନ୍ଦ ସରକୁଲର ନ ଜାଣିଲେ ବୋଲିଯାଇ ନ ପାରେ । ଫଳତଃ "ସର୍ବସାଧାରଣ" ଛୁଇଁଥିବା ସ୍ଥାନ ସକାଶେ ଜମିଦାରମାନଙ୍କୁ ଅଦାଲତର ଆଶ୍ରୟ ନେବାକୁ ହେବ ଏବଂ ବନ୍ଦୋବସ୍ତ କର୍ମଚାରୀ ମଧ୍ୟ ଅଦାଲତର ଡିକ୍ରୀ ଅନୁସାରେ ବୃତ୍ତାନ୍ତ ପ୍ରସ୍ତୁତ ହୋଇ ନ ଥିବା ସ୍ଥାନରେ ସୁଦ୍ଧା ସଂଶୋଧନ କରିବାକୁ ପଶ୍ଚାତ୍ ପଦ ।

---

# ସାପ୍ତାହିକସମ୍ବାଦ ।

## କଲିକତା ଗେଜେଟ୍ ।

ମାନ୍ୟବର ମିଷ୍ଟର ଜି, ଏ, ଷ୍ଟିଭେନସନ ମୁର ସାହେବ କଲ ଗବର୍ଣ୍ଣମେଣ୍ଟ ଡେପୁଟିସେକ୍ରେଟେରୀ ପଦରେ ବାହାଲ ହେଲେ

ମିଷ୍ଟର ଡବ୍ଲ୍ୟୁ, ଏଚ; ସର୍ଭେ ସେଟ୍‌ଲମେଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ହେଲେ ।

ଗବର୍ଣ୍ଣମେଣ୍ଟ ଓଡ଼ିଆ ଟ୍ରାନସ୍‌ଲେଟରଙ୍କ ପ୍ରଥମ ଆସିଷ୍ଟାଣ୍ଟ ବାବୁ ଅଭୟ ଚରଣ ଦାସଙ୍କ ନିମନ୍ତେ ଓଡ଼ିଆ ଟ୍ରାନସ୍‌ଲେଟର ହେଲେ ।

ବାବୁ ସର୍ବେଶ୍ୱର ସିଂହ ରେଭେନ୍ୟୁ ଡିପାର୍ଟମେଣ୍ଟ ମୁକ୍ତ ହୋଇ କଟକ ଜିଲ୍ଲାରେ ସଂସ୍ଥାପିତ ହେଲେ ।

ମିଷ୍ଟର ଜେ ଏ ଟେଲର ଅସିଷ୍ଟାଣ୍ଟ ମାଜିଷ୍ଟ୍ରେଟ କଟକରେ ସଂସ୍ଥାପିତ ହେଲେ ଓ ଜ୍ୟଏଣ୍ଟ ମାଜିଷ୍ଟ୍ରେଟ କ୍ଷମତା ପାଇଲେ ।

୨ୟଶ୍ରେଣୀ ସୁପରଭାଇଜର ବାବୁ ନିବାରଣଚନ୍ଦ୍ର ଘୋଷ ଅଣ୍ଡରସେକ୍ରେଟେରୀ ରାଜସ୍ୱ ବିଭାଗରୁ ମହାନଦୀ ଡିଭିଜନକୁ ବଦଳି ହେଲେ ।

କଟକରେ ମ ହରତ ଦର ସେ ୧୩/ ଚାଉଳ ପ୍ରଥମରେ ସେ ୧୫ ର ଅନୁପାତରେ ସେ ୨୫/ ପ୍ରଥମରେ ସେ ୧୬/ ସମ୍ବଲପୁରରେ ସେ ୧୫ ର ଘଣ୍ଟା ତ ମଧ୍ୟରେ ତାଳଚେର ବାଲେଶ୍ୱର ୧୨ ଟେଙ୍କାନାଳରେ ସର୍ବୋଚ୍ଚ ସେ ୨୭ ର ଏବଂ ମାଜିରିଜ ଓ ଖଣ୍ଡପଡ଼ାରେ ସର୍ବନିମ୍ନ ସେ ୧୪ ର ।

---

## ସ୍ଥାନୀୟ ସମ୍ବାଦ ।

ଅସ୍ମାନଙ୍କ କଲେକ୍ଟର ସାହେବ ବାଙ୍କି ଗସ୍ତ ପରେ ଗତ ସତ ବୁଧବାର କେନ୍ଦ୍ରାପଡ଼ା ସଫର୍ ଯାଉଅଛନ୍ତି ।

ଏ ସପ୍ତାହରେ ଏ ନଗରରେ ପ୍ରବାସ ଟର୍ମିଣ ଏବଂ ଶୀତ ସ୍ଥଳ ପଡୁଅଛି । ସାଧାରଣ ସ୍ୱାସ୍ଥ୍ୟ ଭଲ ଅଛି ।

ଗତ ରବିବାର ବଡ଼ଦଣ୍ଡ ନୂତନ ଗର୍ଲସ ପାଠଶାଳାରେ ଅପଦ୍ୱାବାଦ କଲେଜ ଛାତ୍ର ସ୍ୱଦେଶ ମହାରାଜ ଦାସଙ୍କ ସଭାପତି ଶ୍ରୀଯୁକ୍ତ ଏସ ବି ବସୁ ଏମ୍ଏ, ବାବୁ ଜଗନ୍ନାଥ ପଟ୍ଟନାୟକ ବାବୁ ପୂର୍ଣ୍ଣଚନ୍ଦ୍ର ଘୋଷ ଓ ବାବୁ ତ୍ରିଲୋଚନ ଦାସ ମହାଶୟମାନେ ପ୍ରବନ୍ଧ ବକ୍ତୃତା ଦେଇଥିଲେ ।

ଏ ନଗରରେ ମେଳ କର ଏ ସପ୍ତାହରେ ବଡ଼ ଶୀତ ଜଣାଗଲା । ଶୁଣିଲୁଁ କଲେକ୍ଟର ସାହେବ ତଥା ମଧ୍ୟରେ ସ୍ୱତନ୍ତ୍ର କେତେକ ବସ୍ତି ଏବଂ ସୂତାବାଲିର ଏକାଠି ରହି-ବେକ ସଙ୍ଗେ ବେଶ ପଥ କରାଇବାକୁ ଚେଷ୍ଟା କରିଲ ପାଇ-ଅଛନ୍ତି । ପୁଣ୍ୟ ସବୁ ଏ ଉପରୁ ।

କଟକ ହାଇସ୍କୁଲର ସମସ୍ତ ଛାତ୍ର ସ୍ୱର ମେଡେଲ ସାହେବ ଏ ନଗରକୁ ଅସି ଗତ ସୋମବାର ଜେନେରାଲ ହାସପାତାଳ ପରିଦର୍ଶନ କରିଥିଲେ ।

ମୋହମ୍ମଦ ମାନାଖାନରେ ନିଜ ସ୍ୱଶ୍ରମରେ ଥାନାକୁ ନେବା ସୁବାସ ଶୁଣାଯାଏ । ଦେଖିବା ଏ ବର୍ଷ ବନ୍ୟାରେ ଏଥର କଣ ଉପାୟ କରୁଅଛନ୍ତି କି ? ନୂଆ ଦୈନିକ ବନ୍ଦୋବସ୍ତ ହେବାରୁ ଏପରି ଘଟିବା ସାଧାରଣ ଲୋକ ।

ଆଉମୁକ୍ତା ଦରବାର ମହାରାଜ ସିଂହ ବାହାଦୁର ବିଧ ସଭାରେ କରିବା ପାଇଁ ଯାଇ ଅନେକ ଦିନ ହେଲା ଗଲେ । ବର୍ତ୍ତମାନ ହାଇକୋର୍ଟରେ ମୋକଦ୍ଦମା ଖର୍ଚ୍ଚ ହୋଇ ମହାରାଜ ସିଂହ ସା ୭ ସହସ୍ର ଟଙ୍କାବନ୍ଧ ପାଇଅଛନ୍ତି

ସାଃ ଲୁଃ

ମହାରାଜ ସିଂହ ଦେଶର ହୋଇଥିବ । ସ୍ୱଗତ ଉଦ୍ୟୋଗରେ ପୂର୍ବତନ ଠାକୁର ବଡ଼ଦୋଉ ଗଲ ତାଙ୍କ ସଙ୍ଗେ ଥିଲେ ୨ ଶ ସୁନା ଅଲଙ୍କାରରେ ଅବିବାହିତ ୮ ଜଣ ସୁନା ତାହାଙ୍କ ମାତ୍ର ମାତି ପଡ଼ାଇଲେ । ତ ୨ ଶ ଥାଇ ପଡ଼ୁଅଛନ୍ତି । ସାଃ ଲୁଃ

ଉଛାମରେ ସବୁ ଗୋଟିଏ ଅଭାବ ନ ଥିଲା । ସବୁ ତ ସେ ଅଭାବ ନୂତନ ସ୍ଥାପିତ ହୋଇଅଛି ଏବଂ ସେ ବାବୁର ଦଳ ସୁରକ୍ଷା ସମ୍ପୂର୍ଣ୍ଣ ଓ, ଉଦାସ ପତ୍ରରୁ ସକଳ ଦେ ପାଉଅଛନ୍ତି । ବାଃ ସାଃ ତାଃ

ତାଲଚେର ବନ୍ଦୋବସ୍ତ ସନ୍ଧ୍ୟ ହୋଇ ମୌଜା ମୌଜାର କଲୁପିତ ହେଉଅଛି । ଏ ବର୍ଷ ନଗରରେ, ଉଜ୍ଜେନ୍ଦ୍ର, ଚେତନ ଏହି ପ୍ରଜା ଦୁଇଟି ହେବ । ଖଃ ବାଃ

ଆନନ୍ଦ ହେଉ ତାଳେଶ୍ୱର ସମେତ ନ ମିତବାର ଦେଶ ତାଳଚେର ସଙ୍ଗ ସଙ୍କେତ ପୋଲ ଘାଟ ସୋପାନ ଉଦାର ବନ୍ଦୋବସ୍ତ କରୁଅଛନ୍ତି । ଖଃ ବାଃ

ପୁରାତନ ସମୟରୁ ଶାସନ ଦ୍ୱାରା ଶ୍ରୀ ଜଗନ୍ନାଥ ମିଶ୍ର ଅସିବାରେ ୪୧୭ ବର୍ଷ ରାଜଗୀ ବାଦଶାହ୍ ହାତ ଦେବ ସବୁ ଜାଗା କର ଶୁଣି ବାଦଶାହ ଦେବା ନାମନାରେ ତିଅଣ ସାରା ବୁଝାଅଛନ୍ତି । ଜଣେକେତେ ଓଡ଼ିଆ ସବୁ ତାହାଙ୍କ ଶିକ୍ଷାସକାଶେ ସର୍ବ ସାହାଯ୍ୟ ସମ୍ଭୀତାର କରୁଅଛନ୍ତି । ତାଙ୍କର ସହୃଦୟ ଓ ଉନ୍ନତି ସମ୍ପାଦ ଧନ୍ୟବାଦ ।

ଗାଃ ଗୁଃ ପଃ

ବାଲେଶ୍ୱର ସହରର ବିଶେଷ କମନ୍ତେ ଅସୁସ୍ଥତା ମାତ୍ର ୭୧୨ ଜଣ ଦେହାନ୍ତ ଘଟିବା ବଣି ଦେଲେଗାଛରେ ମସୁଲମାନ, ଗଙ୍ଗାପୁର, ମେଦିନୀପୁର ଓ ୨ ଉତ୍କଳାକୁ ବାହୁନେବା ହେତୁ ବାଲେଶ୍ୱର ସହରବାସି ମାନେ ହେଜାର ଛଡ଼ର ମାତ୍ର ମୁଲ-କରେ ନ ପାଇ ନାନା କ୍ଲେଶଭୋଗ କରୁଅଛନ୍ତି । ଦେଶମାନେ ସହର ଛଡ଼ ମୋଟରରର ମାତ୍ର ଭଣିତେଷ୍ଟି ଏପରି ଚୁପହୋଇନାହିଁ । ଓଃ ନଃ

ସାହେବେମାନ୍ତ ବଡ଼ା ଶ୍ରୀ ପୁରୁଷୋତ୍ତମ ଦେବ ଦେଶର ସଙ୍କଟିକ କାଉନ୍ସିଲର ବିରୁଦ୍ଧରେ ସମ୍ପାଦ ଏବଂ ତଦନ୍ତ ଛଡ଼ଣ କରି ଅଦାଲତରେ ନାଲିସ କରିଥିଲେ । ସେ ମୋକଦ୍ଦମା ଜଜସାହେବଙ୍କ ବିଚାରରେ ଡିସମିସ ହୋଇଅଛି । ସାହେବେମାନ୍ତ ପ୍ରଭ ଦର୍ଶ ଏବ ପ୍ରକାଶ୍ୟ ସଙ୍ଗରେ

Split by PDF Splitter
Digitized by srujanika@gmail.com

Split by PDF Splitter



ଶ୍ରୀ ରଜା ସୂର୍ଯ୍ୟଶୋଭନ ଦେବଙ୍କର ଜମିଦାରମାନେ ଏହିରେ ଯାଦବ ସମ୍ବର୍ଦ୍ଧନା ପୂର୍ବକ ଅନେକ ପ୍ରକାର କରିଅଛନ୍ତି ।

ବା: ସୁ: ଦା ।

## ଯାଜପୁର ସମ୍ବାଦ ।

ଏ ବର୍ଷ ମାସ ତା ୨୮।୦ ରେ ଏଠା ଭାଦ୍ର ଓ ଲ ସ୍ତରରେ ମାଇଲର ଉର୍ଦ୍ଧ୍ୱରେ ଓ ଫାରେ ଥର୍ମମିଟର ଥିଲା, ସୂର୍ଯ୍ୟ ହୋଇଥିବା ସମୟରେ ୭୦ ଣ ଉର୍ଦ୍ଧ୍ୱରେ ୭ ୬ ଣ ଓ ଫାରେ ଥର୍ମମିଟରରେ ୭୮ ଣ ମୋଟ ୭ ୯୦ ଣ ହୁଏ ସନ୍ଧ୍ୟା ବେଳରେ ୫ ଘଣ୍ଟା ବରଷାର ମାସ ତା ୭- ଣରେ ବହୁ ଗ୍ରୀଷ୍ମରେ ୭ ୧୮ ଣ ଉଷ୍ଣ ବେଶର ଥର୍ମମିଟର ଉତ୍ତାପ ହୋଇ ଅଛି ।

ଏ ବର୍ଷ ବର୍ଷାକାଳ ଆଦ୍ୟ ଭଗରେ ଯେପରି ବାଙ୍ଗ ହୋଇଥିଲା ଏବର୍ଷ ତଦ୍ରୂପ ସ୍ଥାନରେ କେଳିରେଖାର ଅବସ୍ଥାନ ଗ୍ରାମରେ ସେହିପରି ହୋଇଅଛି ।

ଗତ ତା ୨ ରେ ଶେଷ ବୃଷ୍ଟିମାନେ ହେଲୁ ଧାନ ଧୋଇ- ଯିବା ସମୟରେ ଏକ ବାଘ ଦେଖି ପ୍ରାୟ ୪୦।୫୦ ଜଣ ଘଟି ବାହାରେ ଯୋଗାଡ଼ ସେ ଜଙ୍ଗଲମଧ୍ୟକୁ ପଳାଇ ଗଲା ଏପରି ବାଘ ଅନେକ ସମୟରେ ଦେଖା ଯାଉ ।

ଶ୍ରୀଯୁକ୍ତ ସବ୍ ପୁଣ୍ଡି ଚନ୍ଦ୍ର ମୌସବ ବାହାଦୁର ଏଠା ସବ ଡିଭିଜନ ଅଫିସର ପ୍ରାୟ ଛଅ ବର୍ଷ ସର୍ବାନ୍ତ ଉନ୍ନ ତରତ ହେବାରୁ ଅନେକ ଲୋକ ଦୁଃଖିତ ଅଛନ୍ତି ।

ଅନେକ ଲୋକ ନୂତନ ସରକାରଙ୍କ ଅଧୀନ ବାବା ହେତୁ ଅଭାବରେ ଏଠା ଅନେକ ରେଜେଷ୍ଟ୍ରୀ ଦ୍ରବ୍ୟ ଅନେକ ବାଦ ଯାଇ ଅଛି ।

ଖାଇବା ହେତୁ ଅମଦାନୀ ହେଉ ନ ଥିବାରୁ ଧାନ ଚାଉଳ ଦର ବହୁତ ବୃଦ୍ଧି ହୋଇ ଅଛି ।

## ପୁରୀ ସମ୍ବାଦ ।

ଜୋଡ଼ବନ୍ଧ ସାହିରେ ଜଣେ ବୃଦ୍ଧା ସ୍ତ୍ରୀଲୋକ ଭୂତାବା- ଧାରେ ବୈଶାଖ ଅଗ୍ନି ଲଗି ଘରର ଜାଳ ପୋଡ଼ି ଯିବାରୁ ପଢ଼ି ମୃତ ହୋଇଅଛି ।

ଉକ୍ତ ସାହିରେ ମର୍ଜ୍ଜନ ଦ୍ୱାର ଯାତ୍ରୀ ଉତ୍ପୀଡ଼ନରେ ଜଣ ଘରର ଦାନ ଲଗିବା ଅପରାଧରେ ବାବୁ ଅଲଙ୍କ ଦାସ ମୈତ୍ର ଙ୍କ ମାଜିଷ୍ଟ୍ରେଟରେ ମାସ କଠିନ ପରିଶ୍ରମ ସହିତ କାରାବାସ ଦଣ୍ଡ ଆଦେଶ କରିଥିବାରୁ ବର୍ତ୍ତମାନ ଜାମିନରେ ଅଛି ।

ଅଯାଚିତ ସମାଚାରମ୍ଭା ଜଳାଶୟ ଗଭ ଶୁଖିବାରୁ ଅନେକ ବଡ଼ ଜଳଚର ମରା ପଡ଼ି ଯାନ୍ତି ଏବଂ ବର୍ଷା ବିଲମ୍ବିତ ହୋଇ ଦେଶବାସୀ ଅନେକମାନଙ୍କରେ ବ୍ୟସ୍ତ ହୋଇ- ଥିଲେ ।

ଏ ବର୍ଷ ପୂର୍ବ ବେଳ ରେ ୭୪ ଣ ମାଇଲର ୭୬ ଣ ଉର୍ଦ୍ଧ୍ୱରେ ଏବଂ ୭ ୨୨ ଣ ଫାରେ ଥର୍ମମିଟର ଉଷ୍ଣତା ହେଉଥିଲେ ।

ପଶ୍ଚିମଦେଶୀୟ ଏକଦଳ ବାହାନ ସାଳଙ୍କ ଦଳରେ ବ୍ରଜଧାମ ଦମଙ୍କା ଯାତ୍ରୀଗଣ ବହୁତ ବ୍ରତ ବନ ଯେବ ଭୂତ ହେଉଅଛନ୍ତି ।

ଦୁଇ ତିନିଦିନ ହେବ ଶୀତ ହେବ ଭଳି ପଡ଼ୁଅଛି । ସାମାନ୍ୟ ଜର ହେବା ଅନ୍ୟ ରୋଗର ପ୍ରାଦୁର୍ଭାବ ନାହିଁ ।

## ସାଧାରଣ ସମ୍ବାଦ ।

ଲାଟ୍ ସାହେବ କୁହି ବିଷୟର ଉପଦେଶ ସାହେବ ଗ୍ରନ୍ଥରେ ସରଳତା ସମସ୍ତେ ସମଲୋଚନ ଅବର୍ଣ୍ଣ ବି–

ଶେଷ ମାନେଜର ପିଟର୍ସନ ସାହେବ ସଙ୍ଗେ ନ ମିଶ ସାହେବ ଜୋଡ଼ି ଦିନ ତାବର ସାକ୍ଷାତ କରିଥିବା ଯୋଗରେ ଡାଇରେକ୍ଟର ସାହେବ ଭାଷାର ବେତନ ବା ହେଉଅଛନ୍ତି ପିଟର୍ସନ ସାହେବ ଗାନ୍ଧି ସାହେବ ନ ଥାଇ ମିଳଣି ସହିତ ଏକ ପିଠଦି କରୁ ସାହେବ ଗ୍ରହଣ ପତ୍ରରେ କଥିତ ହୁଏ । ତାହାଙ୍କ ଅଧିନରେ ଏ ବୈଶକ୍ ଷେଠ, ରେଜିଷ୍ଟରବୋର୍ଡ ନ ହେବ ତବନ୍ତ ହେଉଅଛି ଏବଂ ସବର୍ଣ୍ଣମେଣ୍ଟ ମନୋଯୋଗ ଆକର୍ଷିତ କରିଅଛି ।

କାଶ୍ମୀର ପ୍ରାନ୍ତରେ ଗତ ବର୍ଷର ମାସର ଶେଷରେ ସିଙ୍ଗ ହୋଟାଳ ହୋଇ ଯୋଡ଼ିଏ ତାହାର ଦୁର୍ଭିକ୍ଷ ଦ୍ୱାରା ୫୦୦ ଜଣଙ୍କ ବୁଭୁକ୍ଷୁଙ୍କ ସମ୍ବାଦ ମିଳଇ । ସୁତରାଂ ସେଠାର ଦୁର୍ଭିକ୍ଷ ଏବଂ ଯୋଗ ହେବାର ଜନ୍ମ ହୋଇଥିବାର ମଧ୍ୟ କଥିତ ହୁଏ ।

ଶ୍ରୀ ବଗୋପାଳଲ ଗୋସ୍ୱାମୀ ବାହାଦୁର ବଙ୍ଗଳା ମନ୍ତ୍ରୀ ସଭାର ସଦସ୍ୟ ନିଯୁକ୍ତ ହେବାରେ ବାଙ୍ଗଳାପତ୍ର ସମ୍ପାଦକ ତାହାଙ୍କର ସଦସ୍ୟ ପଦ ତ୍ୟାଗ କଲେ । ସେହି ପଦ ନଇଁ ଦ ସଦାରେ ଏକଜଣ ଉଠାଇ ବଢ଼ାବାରଣ ଶାଳୀବର ବଙ୍ଗେଶ୍ୱର ବର୍ତ୍ତମାନ ଜନ ବିଲାତିପାଣି ସମ୍ପର୍କ ସମ୍ବନ୍ଧ- ଭାଗ ଦେଇଅଛନ୍ତି ଆଗାମୀ ମାସ ତା ୧୪ ଦିନରେ ବର୍ତ୍ତମାନ କମିଶନର ଦଶ୍ୱାଡ଼ନର ଫଳ ଜଣାଇବେ ।

ଅଗଷ୍ଟ ମାସ ପ୍ରଥମରେ ଅଚାଳମୋନ ଡକାୟତ ସ୍ୱଭାବେ ଏଣିକି ମିଳିବାନ ଏକପରପାରମ୍ପ ପଥାନ ବେଦହଳ ଉକା ପ୍ରତ୍ୟୟର ଯାଉ ଥାନ୍ତି । ପ୍ରଥମବର୍ଷରେ ବ୍ରୋତ,ଉଠ ଦେଶୀୟ ବା ମୁସଲ୍‌ମାନ୍ ବେହି ଏହା ହଡ଼ାଇ ପାଉଲେ ପାଇବେ । ଉଦ୍ଧାର ଛାଡ଼ ପଚାଶ' ଦକ୍ଷିଣ ଦେଇଅଛି ।

ଶୀମାନ୍ତ ପ୍ରଦେଶର ପ୍ରଧାନ କମିଶନ ସାହେବ କଲି- କତା ପରପୁର ତନ୍ତ୍ରସ୍ଥ ଗାନାକ ଯୋଡ଼ିଏ ବନ୍ଧୁକଗୁଳ ! ପାନ- କରୁ ଅଛନ୍ତି । ଏହା ଗୋଟିଏ ନୂତନ ବୃତ୍ତ ଅଛି ।

ରବର ଅସୁରଲଣ୍ଡ ବାସୀ ବଲଦ୍ୱ ସାହେବ ମୌଲ- ମିଲରେ ବୌଦ୍ଧ ଧର୍ମରେ ଦୀକ୍ଷିତ ହୋଇ ଧର୍ମରେ ଛାମ ଗ୍ରହଣ କରି ଅଛନ୍ତି ଏବଂ ବୌଦ୍ଧଧର୍ମ ପ୍ରଚାର ଉପଲକ୍ଷେ କଲୁଭାରେ ଗାଁ, ଜିସୁ ପ୍ରଗୁରଙ୍କ ବିରୁଦ୍ଧ କଥା କହିବା ହେତୁ ମାଜିଷ୍ଟ୍ରେଟଙ୍କ ବିଚାରରେ ଏକବର୍ଷ ପାଇଁ ଏବଂହଜାର ଟଙ୍କା ଗୁଣଦଣ୍ଡ ହେଉ ଅଛନ୍ତି ।

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଶ୍ରୀ ରାମଚନ୍ଦ୍ର ତ୍ରିପାଠୀ | ଗୋପ | ୫ ୩ ୯ |
| ,, ଶ୍ରୀ ଗଦାଧର ସାମଲ | ସତ୍ୟବାଦୀମାପୁର | ୫ ୩ ୯ |
| ,, ଶ୍ରୀ ଗୋବିନ୍ଦଚନ୍ଦ୍ରପାଣିଗ୍ରାହୀ | କଲିକତା | ୮ ୩୯ |
| ମୁନସି ସେଖଫକୀରୁଦ୍ଦିନ ହୋସେନ | କୋଗଇ | ୮ ୧୨ |
| ମୁନସି ଫାଜଲମହମ୍ମଦ | ସୁନାଗଲା | ୫ ୩୯ |
| ବାବୁ ଶ୍ରୀ ମଦନମୋହନ ପଟ୍ଟନାୟକ | କଟକ | ୫୧୯ |
| ,, ଶ୍ରୀ ଦାମୋଦର ପଟ୍ଟନାୟକ | କଟକ | ୫ ୧୯ |
| ,, ଶ୍ରୀ କ୍ଷେତ୍ରବାସୀ ସ୍ୱାଇଁ | ମୁକୁନ୍ଦପୁର | ୮ ୩୯ |
| ,, ଶ୍ରୀ ପୀତବାସ ପଟ୍ଟନାୟକ | କଟକ | ୮ ୧୯ |
| ,, ଶ୍ରୀ ଶ୍ୟାମସୁନ୍ଦର ପୃଷ୍ଟି | କଟକ | ୮ ୧୯ |
| ,, ଶ୍ରୀ କୃଷ୍ଣଚନ୍ଦ୍ର ନନ୍ଦ | କଟକ | ୮ ୩୯ |
| ,, ଶ୍ରୀ ପ୍ରାଣବନ୍ଧୁ ଦେ | କେନ୍ଦୁଝର | ୮ ୩୯ |
| ,, ଶ୍ରୀ ସୀତାରାମ ମେହେର | ବଲାଙ୍ଗିର | ୫ ୩୯ |
| ,, ଶ୍ରୀ ସତ୍ୟବାଦୀ ମିଶ୍ର | ଯୋଡ଼ଭୁଙ୍ଗା | ୮ ୬୯ |
| ,, ଶ୍ରୀ ଚନ୍ଦ୍ରାମଣି ପଟ୍ଟନାୟକ | କଟକ | ୮ ୧୯ |
| ଭିଉଲସ୍ସମ୍ ଗଉଲ | କଟକ | ୮ ୧୯ |
| ବାବୁ ଶ୍ରୀ କେଦାରଚନ୍ଦ୍ର ସାମନ୍ତସିଂହ | ସଥିଲା | ୮ ୩୯ |
| ,, ଶ୍ରୀ ଶ୍ରୀଧର ଖୁଣ୍ଟିଆ | ପୁରୀ | ୫ ୩୯ |
| ,, ଶ୍ରୀ ଭଗବାନ ପଟ୍ଟନାୟକ | ଜଗତ୍‌ପୁର | ୫ ୩୯ |
| ,, ଶ୍ରୀ ପ୍ରାଣକୃଷ୍ଣ ମହାନ୍ତି | ପୁରୀ | ୮ ୬୯ |
| ,, ଶ୍ରୀ କୃଷ୍ଣପ୍ରସାଦ ଚୌଧୁରୀ | ଫକୀରପୁର | ୮ ୧୨ |
| ,, ଶ୍ରୀ ହରେକୃଷ୍ଣ ଦେଓ | ଲୁଣାମାଣ୍ଡ | ୮ ୦୧ |
| ,, ଶ୍ରୀ ରାମଚନ୍ଦ୍ର ମଙ୍ଗରାଜ | ଉପପଡ଼ା | ୫ ୩୯ |
| ମହନ୍ତ ଶ୍ରୀ ରାମନାରାୟଣ ଦାସ | କଟପା | ୮ ୩୯ |
| ବାବୁ ଶ୍ରୀ ପୂର୍ଣ୍ଣଚନ୍ଦ୍ର ଦାସ | କେନ୍ଦ୍ରାପଡ଼ା | ୫ ୧୯ |

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେ- ମାନେ ଦାୟୀ ନୋହୁଁ ।

ପରମମାନନୀୟ ଶ୍ରୀଯୁକ୍ତ " ଉତ୍କଳଦୀପିକା "
ସମ୍ପାଦକ ମହୋଦୟ ସମୀପେଷୁ ।
ମହାଶୟ !

ଅନେକ ସମ୍ବାଦପତ୍ରମାନଙ୍କରେ ଅପରଣଙ୍କର ପତ୍ରି- କାରେ ବଙ୍ଗୀୟ ଓ ହିନ୍ଦୁସ୍ଥାନୀ କାୟସ୍ଥମାନଙ୍କର ମିଳନର ସୂତ୍ରପାତ ହେଉଥିବାର ପାଠ କରି ସମ୍ପୃ- ର୍ଣ୍ଣୋଲାସ୍ତି ଅନନ୍ଦିତ ହୋଇଅଛି । ଅଧୀନ କହେ ବଙ୍ଗଦେଶୀୟ କାୟସ୍ଥମାନେ ବଙ୍ଗୀୟ କାୟସ୍ଥ ଏବଂ ପଶ୍ଚିମାଞ୍ଚଳର ଲାଲ କାୟସ୍ଥମାନେ ହିନ୍ଦୁସ୍ଥାନୀ କାୟସ୍ଥର ଅନ୍ତର୍ଭୁକ୍ତ ଅଟନ୍ତି । ଉଭୟ ଦେଶାନ୍- ଯାୟୀ ଏମାନଙ୍କର ଗୋତ୍ର, ଆଚାର, ପ୍ରଥା, ପଦବୀ ଭିନ୍ନ ହୋଇଅଛି ସନ୍ଦେହ ନାହିଁ । ଏମାନଙ୍କର ପରସ୍ପର ମିଳନ ଉଭୟଙ୍କ ମଧ୍ୟରେ ଯେ ଶୁଭପ୍ରଦ ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ । ପଶ୍ଚିମରେ ଲାଲ କାୟସ୍ଥ, ବଙ୍ଗଦେଶରେ ବଙ୍ଗୀୟ କାୟସ୍ଥ ଏବଂ ଉତ୍କଳରେ ଉତ୍କଳୀୟ କାୟସ୍ଥ ( ମହାନ୍ତି କରଣ ପ୍ରଭୃତି ) ଏକ ଶ୍ରେଣୀଭୁକ୍ତ ଅଟନ୍ତି, ବର୍ତ୍ତମାନ ଅବସ୍ଥାରେ ହିନ୍ଦୁସ୍ଥାନୀ ଓ ବଙ୍ଗୀୟ କାୟ- ସ୍ଥମାନଙ୍କର ପରସ୍ପର ମିଳନ ଯେତେଦୂର ସମ୍ଭବ ଆଶା କରୁଯାଏ, ଉତ୍କଳରେ କାୟସ୍ଥମାନଙ୍କ ସହିତ ମିଳନ ସେତେଦୂର ଆଶା କରଯାଏନାହିଁ । ହିନ୍ଦୁ- ସ୍ଥାନରୁ ଅନେକ ଲାଲ କାୟସ୍ଥ ଓ ବଙ୍ଗଦେଶରୁ ଅନେକ ବଙ୍ଗୀୟ କାୟସ୍ଥ ଏ ଉତ୍କଳଦେଶରେ ବହୁଦିନରୁ ବାସ କରଅଛନ୍ତି । ବର୍ତ୍ତମାନ ବଙ୍ଗୀୟ କାୟସ୍ଥ ତୁଳନାରେ ଉତ୍କଳରେ ହିନ୍ଦୁ- ସ୍ଥାନୀ ଲାଲ କାୟସ୍ଥ ସବିଶେଷରୂପେ ଅଭ୍ୟନ୍ତରରେ ଅବସ୍ଥାନ କରୁଅଛନ୍ତି । ତଥାପି ଏହି କଟକ ନଗ

Digitized by srujanika@gmail.com

ସ୍ଥଳେ ଆମ୍ଭେମାନେ ବଙ୍ଗୀୟ ଓ ହିନ୍ଦୁସ୍ଥାନୀ କାୟସ୍ଥ ଭ୍ରାତାମାନଙ୍କର ଚିରସୌହାର୍ଦ୍ଦ୍ୟ ବାଲ୍ୟାବସ୍ଥାବଧି ଦେଖି ଆସୁଅଛୁଁ। ବର୍ତ୍ତମାନ ଓଡ଼ିଶାରେ ବଙ୍ଗୀୟ ଓ ହିନ୍ଦୁସ୍ଥାନୀ କାୟସ୍ଥ ଭାଇମାନଙ୍କୁ ଅନୁରୋଧ କରୁଅଛୁଁ ଯେ ସେମାନେ ପରସ୍ପର ମିଳିତ ହୋଇ ଏହି କଟକ ନଗରରେ ଆପଣାମଧ୍ୟରେ ଗୋଟିଏ ସଭା ସ୍ଥାପନ କରି ପରସ୍ପରମଧ୍ୟରେ ଅଗ୍ନିମ୍ନ ସୂତ୍ରରେ ଆବଦ୍ଧ ହେବାକୁ ଚେଷ୍ଟା କରନ୍ତୁ। ପ୍ରଥମେ ଯେଉଁ ସତ୍‌କାର୍ଯ୍ୟ କରଯାଏ, ସେଥିରେ ପାଞ୍ଚଜଣଙ୍କର ବାଧା ହୁଏ। କିନ୍ତୁ ତାହା କ୍ରମେ ବୃଦ୍ଧିହୋଇ ଶୁଭଫଳ ପ୍ରଦାନ କରେ। ଅତଏବ ଅନୁରୋଧ କରୁଁ ଯେ ବଙ୍ଗଦେଶ ସଦୃଶ ଆମ୍ଭମାନଙ୍କର ଏହି ଉତ୍କଳଭୂମିରେ କଟକନଗରରେ ବଙ୍ଗୀୟ କାୟସ୍ଥ ଓ ହିନ୍ଦୁସ୍ଥାନୀ କାୟସ୍ଥମାନେ ମିଳିତ ହୋଇ ଆପଣା ମଧ୍ୟରେ ଏକତା ସ୍ଥାପନ କରିବାଦ୍ୱାରା ସମାଜର ସଙ୍କୀର୍ଣ୍ଣତା ଦୂର କରିବାକୁ ଯତ୍ନବାନ୍ ହେବେ। ଇତି।

କଟକ }
୬।୧୨।୧୦ } ଶ୍ରୀ ଲାଲ ଦ୍ୱାରିକାନାରାୟଣ ରାୟ
କୃଷ୍ଣପ୍ରିୟା କୁଟୀର କଟକ।

---

ମହାଶୟ !

ମୁଁ ଗତ କାଲି ୩ ଟା ସମୟରେ ମହାମାନ୍ୟ ବଡ଼ଲାଟ ଦରବାରରେ Imperial League member ହୋଇ ଉପସ୍ଥିତ ହୋଇଥିଲି ଅନେକ ବଡ଼ଲୋକଙ୍କ ସହିତ ଆଳାପ ହେଲା। କେହି M Das ଙ୍କ କଥା ପଚାରୁଥିଲେ ଜମିଦାର ସଭା ଓ Imperial League ସଭାର ଯେତେ ସଭ୍ୟବୃନ୍ଦ ଆସିଥିଲେ। ଉତ୍କଳରୁ କେତେକ ସମ୍ଭ୍ରାନ୍ତବ୍ୟକ୍ତି ଆହୂତ ହୋଇଥିଲେହେଁ ମୋ ଛଡ଼ା ଆଉ କେହି ଆସି ନାହାନ୍ତି। ଏପରି ଅବସାଦ ଉତ୍କଳର ଭାବୀ ଉନ୍ନତି ଓ ଗୌରବର ସୁଲକ୍ଷଣ ନୁହେ

ମହାମାନ୍ୟ ବଡ଼ଲାଟ ମହୋଦୟଙ୍କର ଉପସ୍ଥିତ ସଦସ୍ୟମଣ୍ଡଳୀଙ୍କ ପ୍ରତି ସୌଜନ୍ୟତା ଅତି ଅପୂର୍ବ ଓ ପ୍ରୀତିକର। ମହାମାନ୍ୟ ବଡ଼ଲାଟ ମହୋଦୟ ସାଦରେ ସମସ୍ତଙ୍କର ଏବଂ ପରସ୍ପର ଲେଇ ସୌମ୍ୟମୂର୍ତ୍ତିରେ ଦଣ୍ଡାୟମାନ ହୋଇ କର ଗ୍ରହଣରେ ଅଭ୍ୟର୍ଥିତ କରୁଥିଲେ। ମୋତେ ଚହ୍ଲାଇଲେ ଜଣା ହେଉଥିଲା, ନାରାୟଣଭୂମି ଜଗନ୍ନାଥଙ୍କ କ୍ଷେତ୍ରରେ ଛିଡ଼ା ହୋଇ କୃପା କଟାକ୍ଷ ଲାଭ କରୁଅଛୁ। * ତାରିଖ States man ପତ୍ରରୁ ବିସ୍ତାରିତ ବିବରଣ ଅବଗତ ହେବେ ମୋ ନାମଟା Bholanath Samlal Rai misprint ହୋଇ ଯାଇଅଛି। ପ୍ରଣତ

କଲିକତା }
୭।୧୨।୧୦ } ଶ୍ରୀ ଭୋଳାନାଥ ସାମନ୍ତରାୟ।

ମହାଶୟ !

ଅଳ୍ପକୁ ଦେଢ଼ବର୍ଷ ହେବ ବାରିପଦା ହାଇସ୍କୁଲସ୍ଥିତ ଯୁବକ ସମିତିର ଉଦ୍ୟୋଗ ବାଳକମାନଙ୍କଦ୍ୱାରା, ଏହି ସ୍କୁଲରୁ ଉତ୍ତୀର୍ଣ୍ଣ ଜଣେ ଦରିଦ୍ର ଛାତ୍ରକୁ ସାହାଯ୍ୟ କରିବାପାଇଁ ଗୋଟିଏ 'ଫଣ୍ଡ' ସ୍ଥାପିତ ହୁଏ। ଏହି ଫଣ୍ଡ କ୍ରମେ ବୃହଦାକାର ଧାରଣ କରି "ପୁଅର ଫଣ୍ଡ" ଆଖ୍ୟା ପ୍ରାପ୍ତ ହୋଇଅଛି। ଏଥିରୁ କେତେକ ସ୍ଥାନର ଦରିଦ୍ର ବିଦ୍ୟାର୍ଥୀମାନେ ମାସିକ ସାହାଯ୍ୟ ପାଉଥାନ୍ତି। ଚଳେ ତାହାର ହିସାବ ଦିଆଗଲା।

୧। କାପାନଗର ବଙ୍ଗାଳିଗ୍ରାମ ଜ ୧ ଣ ଟ ୨୧
୨। ରେଭେନ୍ସା କଲେଜର ଛାତ୍ର ଜ ୩ ଣ ଟ ୧୬୧
୩। କଟକ ଜିଲ୍ଲା ସ୍କୁଲ ଛାତ୍ର ଜ ୧ ଣ ଟ ୨୧
୪। ବାରିପଦା ହାଇସ୍କୁଲ ଛାତ୍ର ଜ ୨ ଣ ଟ ୪୧
୫। ବାରିପଦା ହଷ୍ଟେଲ ଛାତ୍ର ଜ ୧ ଣ ଟ ୧୧

ମୋଟ ଟ ୨୪୧

ସ୍ଥାନୀୟ ଓଡ଼ିଆ ବଙ୍ଗାଳୀ ଭଦ୍ରଲୋକ ଏବଂ କେତେକ ଛାତ୍ର ଏହି ଫଣ୍ଡକୁ ମାସିକ ଚାନ୍ଦା ଦିଅନ୍ତି। ଯୁବକ ସମିତିର ସଭ୍ୟମାନେ ଏହି ଚାନ୍ଦା ପ୍ରତିମାସ ଆଦାୟ କରିଥାନ୍ତି। ଯୁବକ ସମିତି ସଭ୍ୟ ଏହି "ପୁଅର ଫଣ୍ଡ" ଚଳାଇବାପାଇଁ ସ୍ଥାନୀୟ ଜ ୫ ଣ ଭଦ୍ରଲୋକଙ୍କଦ୍ୱାରା ଗୋଟିଏ "ଏଡ୍ଭାଇଜରି କମିଟି" ସ୍ଥାପିତ ହୋଇଅଛି। ୩ୟସ୍ଥାନ ୧୬ଶ ସଂଖ୍ୟା "ଉତ୍କଳବାର୍ତ୍ତା"ର ସମ୍ପାଦକୀୟ ସ୍ତମ୍ଭରେ ପ୍ରକାଶିତ ହୋଇଅଛି ଯେ ସଦର କାନୁନ୍‌ଗୋ ବାବୁ ଯଦୁମଣି ପଟ୍ଟନାୟକ ଏହାର ପ୍ରଷ୍ଠା-ପ୍ରତିଷ୍ଠାତା ଓ ପ୍ରଧାନ ଉଦ୍ଯୋକ୍ତା। "ବାର୍ତ୍ତା" କେବଳ ଏତିକି କହି ନୀରବ ନାହାନ୍ତି, ଯଦୁମଣି ବାବୁଙ୍କ ଶିରରେ ଅଜସ୍ର ଧନ୍ୟବାଦ ଢାଳି ଦେଇଅଛନ୍ତି। 'ବାର୍ତ୍ତାର' ସମ୍ପାଦକ ମହାଶୟ ଏପରି ସମ୍ବାଦ କାହିଁ ପାଇଲେ ତାହା ଆମ୍ଭେମାନେ କହିପାରୁ ନାହିଁ। ତେବେ ଯଦୁମଣି ବାବୁ ଯେ ଏ 'ଯୁବକସମିତି'ର ହିତାକାଂକ୍ଷୀମାନଙ୍କ ମଧ୍ୟରୁ ଅନ୍ୟତମ ତାହା ଆମ୍ଭେମାନେ ସ୍ୱୀକାର କରୁନାହୁଁ। ଏପରି ଗୋଟିଏ "ପୁଅର ଫଣ୍ଡ" ସ୍ଥାପନ କରିବା କଥା ପ୍ରଥମେ ଯଦୁମଣି ବାବୁଙ୍କ ମଥାରୁ ଯାଇ ନଥିଲା। ତେବେ ସେ ଏହାର ସ୍ରଷ୍ଟା ହେଲେ କପରି ? ଏପରି କରିବାଦ୍ୱାରା ଏହି "ପୁଅର-ଫଣ୍ଡ"ର ପ୍ରକୃତ ଉଦ୍ୟମଶୀଳ କାର୍ଯ୍ୟକାରିମାନଙ୍କ ( ଯୁବକ ସମିତିର କତିପୟ ସଭ୍ୟଙ୍କ ) ଉତ୍ସାହରେ ବାଧା ଦିଆଗଲା ନାହିଁ କି ? ଯାହାହେଉ ପ୍ରକୃତ କାର୍ଯ୍ୟକାରୀ ଉତ୍ସାହୀ ଯୁବକଦଳ ଏହି ପତ୍ର ପାଠ କରି ନିରୁତ୍ସାହ ନ ହୋଇ ପୂର୍ବବତ୍ ଏହି ପବିତ୍ର ଅନୁଷ୍ଠାନ ସୁସମ୍ପାଦନରେ ଅଗ୍ରସରହେବେ

ବାରିପଦା }
ତା୩୦।୧୧।୧୦ } ବଶମ୍ବଦ
ଶ୍ରୀ ଷଷ୍ଠୀ ବନ୍ଧୁ


# ବିଜ୍ଞାପନ।

ଅତ୍ୟାଶ୍ଚର୍ଯ୍ୟ ମ୍ୟାଜିକ ଲଣ୍ଠନ।




ହାଁ ବାବୁ ଲୋକଠବାର ମ୍ୟାଜିକଲଣ୍ଠନ ଦେବ ଏକମାତ୍ର ଆମଦାନୀ କରିଅଛୁଁ।

ମ୍ୟାଜିକ ଲଣ୍ଠନ ଅତ୍ୟାଶ୍ଚର୍ଯ୍ୟ ଯନ୍ତ୍ର। ଏହି ଲଣ୍ଠନଦ୍ୱାରା ନାନା ପ୍ରକାର ଚମତ୍କାର ଦେଶ ନାନା ଦେଶର ଅଦ୍ଭୁତ ଆକାରର ମନୁଷ୍ୟ ଜୀବ, ବ୍ୟାଘ୍ର, ବନ, ଜଙ୍ଗଲ, ପର୍ବତ, ନଦୀ ପ୍ରଭୃତି ସମୁଦ୍ର ଓ ସମୁଦ୍ର ସ୍ଥିତ ପ୍ରକାଣ୍ଡ ଜାହାଜ ସେହି ସକଳ ଯାହାଜ ଝଡ଼ରେ ପଡ଼ି ଭୟାନକ ଆନ୍ଦୋଳିତ ହେଉଅଛି ଇତ୍ୟାଦି ସ୍ପଷ୍ଟ ଦେଖାଯାଏ। ସମୁଦ୍ର ଭିତରୁ ପ୍ରକାଣ୍ଡ ଦୈତ୍ୟ ଗୋଟିଏ ଲୋକକୁ ନେଇ ଉଠୁଅଛି ଏବଂ ନାନା ପ୍ରକାରର ଫୁଲ ଇତ୍ୟାଦି ସୁନ୍ଦରରୂପେ ଦେଖାଯାଏ। ଏହି ମ୍ୟାଜିକ ଲଣ୍ଠନଦ୍ୱାରା ବାଜି ଦେଖାଇ ବେଶ ଦୁଇପଇସା ଉପାର୍ଜ୍ଜନ କରଯାଏ। ମୂଲ୍ୟ ୧ ନଂ ଖୁବ ବଡ଼ ସାଇଜ ଟ ୧୧୧, ମାସୁଲ ଟ ୧। ୧୨ ଖଣ୍ଡ କାଚ ୪୮ ପ୍ରକାର ଛବି ସହିତ। ମୂଲ୍ୟ ୨ ନଂ ମଝିଲା ସାଇଜ ଟ ୬୧, ମାସୁଲ ଟ ୧। ୧୨ ଖଣ୍ଡ କାଚ ୪୮ ପ୍ରକାର ଛବି ସହିତ ୩ ନଂ ଛୋଟ ସାଇଜ ଟ ୪। ମାସୁଲ ଟ ୧୵ ୧୨ ଖଣ୍ଡ ଛବି ସହିତ।

---

ବିନାପାସରେ ମେଜିକ ବନ୍ଧୁକ ବ୍ୟବହାର କରନ୍ତୁ।

---



ଆମ୍ଭେମାନେ ଏହି ମେଜିକ ବନ୍ଧୁକ ନୂଆ ଆମଦାନୀ କରିଅଛୁଁ. ଏହା ଲୋକଙ୍କୁ ଠକାଇବାର ବା ଛୁଆମାନଙ୍କର ଖେଳିବାର ବନ୍ଧୁକ ନୁହେ ଏଥିରେ ନିଆଁ ନ ଦେଇ ହିଂସ୍ରକ ଜନ୍ତୁ ଯଥା; ବାଘ ଭାଲୁ ପକ୍ଷୀ ମାଛ ଇତ୍ୟାଦି ନାନାପ୍ରକାର ଜନ୍ତୁ ଶିକାର କରଯାଏ। ଏହା ୫୦୦ ଶତ ଖେଟ ଉପରେ ଖାଇବେ। ପ୍ରତ୍ୟେକର ମୂଲ୍ୟ ଟ ୬। ଖେଟ୍ ଡାକମାସୁଲ ଓ ଭି, ପି, ଟ ୧୧

Split by PDF Splitter




# NOTICE

Correspondence be made in English or Bengalee language.

**Amount refunded**

**if unapproved**

# SHAWL.

*Very nicely worked*

Rs 17 to 40 per pair

For lady Rs 8 for sheet

**Malida Chadder Rs 16**

**Check Wrapper ,, 6 to 9**

**Lahori Dhussa Rs 13**

Correspond in English or Bengalee language

**AMIR CHAND & SON**

*General shawl merchants*

LAHORE



## ବିଜ୍ଞାପନ ।

### କଟକ ପ୍ରିଣ୍ଟିଂ କମ୍ପାନିଙ୍କର

## ନୂତନ ପଞ୍ଜିକା ।

ଶକାବ୍ଦାଃ ୧୮୩୩ ସନ ୧୩୧୮ ଓ ୧୩୧୯ ସାଲ ଇଂରାଜୀ ସନ ୧୯୧୧ । ୧୯୧୨ ମସିହାର ପୂର୍ବପର ପ୍ରକାଶିତ ହୋଇ ବିକ୍ରୟ ହେଉଅଛି । ଏହି ପଞ୍ଜିକା ଉତ୍କଳର ପଞ୍ଜିକାମାନଙ୍କ ମଧ୍ୟରେ ସର୍ବାପେକ୍ଷା ପ୍ରାଚୀନ, ବୃହତ୍, ଉତ୍ତମ କାଗଜରେ ମୁଦ୍ରିତ ଏବଂ ବିଶୁଦ୍ଧ ବ୍ୟବସ୍ଥାଯୁକ୍ତ ଅଟେ । ସର୍ବତ୍ର ଏହି ପଞ୍ଜିକାର ଅଧିକତର ଆଦର ଏବଂ ଅଧିକତର ଗ୍ରାହକ । ଏହାର ବିଶୁଦ୍ଧତା ସମ୍ବନ୍ଧେ ଅଧିକ ବୋଲିବା ବାହୁଲ୍ୟ ଅଟେ ।

| | |
|---|---|
| ବଡ଼ପଞ୍ଜିକା | ଟ ୮। |
| ଶ୍ରେଷ୍ଠପଞ୍ଜିକା | ଟ ୦୧୬ |

ଯେଉଁମାନେ ବିକ୍ରୟ କରିବାକୁ ଅଧିକ ସଂଖ୍ୟାରେ ନେବେ ସେମାନେ ଯଥେଷ୍ଟ କମିଶନ ପାଇବେ ।

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟେରୀ



## ଧୋରେ ବାଇା ଧୋ ।

( ଶିଶୁ ସଙ୍ଗୀତ । )

ଶ୍ରୀଯୁକ୍ତ ଗୋପାଳଚନ୍ଦ୍ର ପ୍ରହରାଜ ବି-ଏଲଙ୍କ ପ୍ରଣୀତ ।

ବାଳକ ବାଳିକାଙ୍କୁ ଉପହାର ଦେବାପାଇଁ ଏଭଳି ପୁସ୍ତକ ଓଡ଼ିଆ ଭାଷାରେ ଦ୍ୱିତୀୟ ନାହିଁ । ପ୍ରତ୍ୟେକ ଗୃହସ୍ଥ ଗୃହର ଶିଶୁମାନଙ୍କୁ ଏହି ପୁସ୍ତକରୁ ଖଣ୍ଡିଏ ଲେଖାଏଁ ଦେଇ ସେମାନଙ୍କ ଆନନ୍ଦ ଓ କୌତୁକ ବର୍ଦ୍ଧନ କରନ୍ତୁ ।

ମୂଲ୍ୟ ଦୁଇଅଣା ମାତ୍ର
ପ୍ରାପ୍ତିସ୍ଥାନ—ଉତ୍କଳ ସାହିତ୍ୟ ଅଫିସ,
ବାଲୁବଜାର କଟକ ।


## ବିଜ୍ଞାପନ ।

ଆଗାମୀ ଜାନୁୟାରୀ ମାସରେ କଟକ ଟ୍ରେନିଂ ସ୍କୁଲର ନୂତନ ବର୍ଷର କାର୍ଯ୍ୟାରମ୍ଭ ହେବ, ପ୍ରଥମବର୍ଷୀୟ ଶ୍ରେଣୀରେ ପ୍ରବେଶାର୍ଥୀମାନଙ୍କୁ ଗ୍ରହଣ କରିବା ପୂର୍ବରୁ ପରୀକ୍ଷା କରାଯିବ । ଏହି ପରୀକ୍ଷା ସାହିତ୍ୟ, ବ୍ୟାକରଣ, ରଚନା, ପାଟୀଗଣିତ, ଜ୍ୟାମିତି ଓ ଭୂଗୋଳ ଏହି ବିଷୟମାନଙ୍କରେ ହେବ । ଯୋଗ୍ୟତାନୁସାରେ ପ୍ରବେଶାର୍ଥୀମାନଙ୍କ ମଧ୍ୟରୁ ୧୯ ଜଣଙ୍କୁ ସରକାରୀ ବୃତ୍ତି ଦିଆଯିବ । ବୟସ ୧୬ ବର୍ଷରୁ ନ୍ୟୂନ ହେଲେ କାହାରିକୁ ଏ ବିଦ୍ୟାଳୟରେ ଗ୍ରହଣ କରାଯାଏ ନାହିଁ ।

ପ୍ରବେଶାର୍ଥୀମାନେ ପ୍ରଯୋଜନୀୟ ସାର୍ଟିଫିକେଟ ସହିତ ଆଗାମୀ ଜାନୁୟାରୀମାସ ୩ ତାରିଖରେ କଟକ ଟ୍ରେନିଂ ସ୍କୁଲରେ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ଉପସ୍ଥିତ ହେବେ ।

କଟକ
୧୫-୧୨-୧୯୧୦ } C. M. Moharana.
ହେଡ ଟ୍ରେନିଂ ସ୍କୁଲ ହେଡମାଷ୍ଟର


A VERY GOOD OPPORTUNITY FOR NOTORISTS

## ବିଜ୍ଞାପନ ।

For Sale For Sale

୧ ଗୋ ୪ ଟି ସିଲଣ୍ଡର, ସେଗ୍ମେଟ ( ଅର୍ଥାତ୍ ଅସ୍ଥାୟୀ ଯନ୍ତ୍ର ) ଓ ବେଟରୀ, ୧୪-୧୬ ହର୍ସ ପାୱର ଥିବାର ଏକ "ଆର୍ଗାଇଲ" ମୋଟରକାର ( Argyl Motor Car ), ଦେଢ଼ବର୍ଷ ହେଲା ବ୍ୟବହୃତ ଥିବାର, ମାତ୍ର ସମ୍ପ୍ରତି ନୂତନ ହୋଇଅଛି, ନ ଜଣ ବସିବାକୁ ସ୍ଥାନ ଅଛି, ହୁଡ଼ ଅର୍ଥାତ୍ ଉପର ଟୋପ ସହିତ ଦାମ ଏକ୍ସଟ୍ର ୭୫୦୦ ଟା ( ସାତ ହଜାର ପାଞ୍ଚ ଶ ଟଙ୍କା )

୨—ଗୋ ୨ ଟି ସିଲଣ୍ଡର, ସେଗ୍ମେଟ ଓ ବେଟାରୀ ଥାଇ ୮-୧୦ ହର୍ସ ପାୱର ଥିବାର ଏକ "ଡାରକ" ମୋଟର କାର ( Darracg Motor Car ), ସୁମାର ଦଶମାସ ହେଲା ବ୍ୟବହୃତ ଥିବାର, ସମ୍ପ୍ରତି ନୂତନ ହୋଇଅଛି, ୩ ଜଣ ବସିବାକୁ ସ୍ଥାନ ଅଛି, ହୁଡ଼ ସହିତ ଦାମ ଏକ୍ସଟ୍ର ୪୮୦୦ ଟା ( ଚାରିହଜାର ଆଠଶ ଟଙ୍କା ) ।

ଯେଉଁ ଲୋକେ ଉକ୍ତ କାର ନେବାକୁ ଇଚ୍ଛା କରନ୍ତି ନିମ୍ନଲିଖିତ ଠିକଣାକୁ ପତ୍ର ଦେଇ ଅବଶିଷ୍ଟ ରୋଗବାର୍ତ୍ତା ପାଇବେ । ଅଳ୍ପ ମୂଲ୍ୟରେ ଭଲରୂପେ ଚାଲୁଥିବା କାର ପାଇବାକୁ ଏହି ଭଲ ସୁଯୋଗ ଅଟେ ।

X. Y. Z.
Co. A. P. Patar Esq, Ba. B L.
High Court Vakil,
Berhampore,
Ganjam Dt.



## ଈଶୋପନିଷତ୍ ।

ମୂଳମନ୍ତ୍ର, ସଂସ୍କୃତଟୀକା ଓ ସରଳ ଉତ୍କଳ ବ୍ୟାଖ୍ୟା ସହିତ ଶ୍ରୀ ରାମଶଙ୍କର ରାୟ କର୍ତ୍ତୃକ ପ୍ରକାଶିତ ହୋଇ କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଦରବାର କଲେକ୍ଟ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି ।

ମୂଲ୍ୟ ଏକଅଣା


Digitized by srujanika@gmail.com

ସରକାରୀ ଜଙ୍ଗଲ ପରୀକ୍ଷକ ଶ୍ରୀଯୁକ୍ତ ଟ୍ରୁପ ସାହେବଙ୍କ ପ୍ରକାଶିତ ରିପୋର୍ଟ ଅବଲମ୍ବନ କରି ଶ୍ରୀଯୁକ୍ତ ବନମନ୍ତ୍ରବର୍ତ୍ତ ଲେଖିଅଛନ୍ତି ଯେ ଗଞ୍ଜାମ ବିଶାଖପଟ୍ଟନ, ନିମ୍ନଗୋଦାବରୀ, କୃଷ୍ଣା ଏବଂ ତରମୂଲ ଜଲ ସନ୍ନିହିତ ଜଙ୍ଗଲରେ ଦିଆସିଲାଇ କାଠ ଓ ବାକସ ତିଆରିଯୋଗ୍ୟ କାଠ ପ୍ରଚୁର ପରିମାଣରେ ପ୍ରାପ୍ତ ହେବାହେତୁ ଦିଆସିଲାଇ କାରଖାନା ସ୍ଥାପନର ଉପଯୁକ୍ତ ସ୍ଥାନ ଅଟେ । ଇଷ୍ଟଲକୁଣ୍ଡାରେ ଏହି କାରଖାନା ସ୍ଥାପନର ଅନେକ ସୁବିଧା ଅଛି । ମାତ୍ର ରେଲବେ ନିକଟ ନ ଥିବାହେତୁ ମାଲ ପଠାଇବା ସୁବିଧା ନାହିଁ । କଳମହଲ, ଦିଆସିଲାଇ କାରଖାନା ବସାଇବାର ସର୍ବାପେକ୍ଷା ଉପଯୁକ୍ତ ସ୍ଥାନ । ଏଠାରୁ ଡଙ୍ଗାବାଟେ ଦୂର ଜଙ୍ଗଲକାଠ ଆସିବାର ଏବଂ ରେଲବାଟେ ମାଲ ଯିବାର ବିଶେଷ ସୁବିଧା ଅଛି । ଏଠାରେ କଅ ଜାତି କାରଖାନା ହେଲେ ସଫଳତାର ହେବାପ୍ରତି ସନ୍ଦେହ ନାହିଁ ।

———

ବାସନ୍ତୀ ନାମକ ଏକଶିଶି ମୂଲ୍ୟରେ ଲଗାଇବା ତେଲ କଲିକତା ଗଣେଶ କେମିକାଲ କାରଖାନା ମାନେଜର ବାବୁ ଭୂପେନ୍ଦ୍ରନାଥ ମଜୁମଦାରଙ୍କଠାରୁ ଉପହାର ପାଇବାର କୃତଜ୍ଞତା ସହ ସ୍ୱୀକାର କରୁଅଛୁ । ଏ ତେଲର ବର୍ଣ୍ଣ ଯେମନ୍ତ ସୁନ୍ଦର ସୁଗନ୍ଧ ସେମନ୍ତ ମଧୁର । ଗୁଣ ଅବଶ୍ୟ ବହୁକାଳ ପରୀକ୍ଷା ସାପେକ୍ଷ । କଥିତ ହୁଅଇ ଏହା ମୂଳ ନଡ଼ିଆତେଲ ଓ ଯେ ସମସ୍ତ ଦ୍ରବ୍ୟ ଏଥିରେ ମିଶିଅଛି ସେ ସମସ୍ତ କେଶ ବଢ଼ିବା, ଲମ୍ବା ଅକାଳପକ୍ୱତା ନିବାରିବା ଏବଂ ମସ୍ତିଷ୍କ ଶୀତଳ ରହିବା ଅନୁକୂଳ ଅଟେ । ଗତ ବର୍ଷର ପୂର୍ବବଙ୍ଗ ଅନ୍ତର୍ଗତ ଧୁବୁଡ଼ି ପ୍ରଦର୍ଶନୀ ଏହାକୁ ସର୍ବୋଚ୍ଚ ପୁରସ୍କାର ସ୍ୱର୍ଣ୍ଣପଦକ ପ୍ରଦାନ କରିଅଛନ୍ତି । ମୂଲ୍ୟ ପ୍ରତି ଶିଶି ଏକଟଙ୍କା । କଲିକତା ଦରଜୀପଡ଼ା ନ ୨୬ ନମ୍ବର ନୀଳମଣିମିତ୍ର ଷ୍ଟ୍ରିଟରେ ମିଳିବ । ଯେଉଁମାନେ ସୁବାସ ତେଲ ବ୍ୟବହାର କରନ୍ତି ଏ ତେଲ ଥରେ ବ୍ୟବହାର କରିବା କାରଣ ଅନୁରୋଧ କରୁଅଛୁ ।

—※—

ବଙ୍ଗଳା କୃଷି ବିଭାଗର ଗତ ନଭେମ୍ବର ତା ୩୦ ରିଖରେ ଶେଷହେବା ବର୍ଷର ରିପୋର୍ଟରୁ ରେଶମକୃଷି ସମ୍ବନ୍ଧରେ ଗବର୍ଣ୍ଣମେଣ୍ଟଙ୍କ ଚେଷ୍ଟା ଅକ୍ଷୁଣ୍ଣଭାବେ ରହିଥିବା ପ୍ରକାଶ ପାଏ । ରେଶମ ଶିଳ୍ପୋନ୍ନତି କାର୍ଯ୍ୟର ପ୍ରଧାନସ୍ଥାନ ବରହମପୁର ଏବଂ ସେଠାରେ ମଧ୍ୟସ୍ଥଳୀ ରେଶମ କାରଖାନା ସ୍ଥାପିତ ହୋଇଅଛି । ମୁରସିଦାବାଦ, ବୀରଭୂମ ଓ ମେଦିନୀପୁର ଜିଲ୍ଲାରେ ପ୍ରଧାନତଃ ରେଶମରକାର୍ଯ୍ୟ ହୁଏ । କାର୍ଯ୍ୟର ତତ୍ତ୍ୱାବଧାନ ସକାଶେ ଗୋଟିଏ କମିଟି ସ୍ଥାପିତ ହୋଇଅଛି ଏବଂ କମିଟି ବିଶୁଦ୍ଧ ବିଜ ଯୋଗାଇ ରେଶମ ପ୍ରସ୍ତୁତ କରିବାର ଚେଷ୍ଟା କରୁଅଛନ୍ତି । ରେଶମୀ କୀଟର ଏକ ପ୍ରକାର ରୋଗ ଅଛି ଯେ ତହିଁରେ ଅନେକ ମରିଯାନ୍ତି । ଏହି ରୋଗ ନିବାରଣର ଯଥୋଚିତ ଚେଷ୍ଟା ହେଉଅଛି ଏବଂ ତାହା ସଫଳ ହେଲେ ଉନ୍ନତିରେ ବାଧା ହେବ ନାହିଁ । ରେଶମ ବିଷୟ ଶିକ୍ଷା ଦେବା କାରଣ ବରହମପୁରଠାରେ ଗୋଟିଏ ବିଦ୍ୟାଳୟ ସ୍ଥାପିତ ହୋଇଅଛି ଏବଂ ମାସିକ ଟ ୮ଙ୍କା ମୂଲ୍ୟର ୬ଗୋଟି ବୃତ୍ତି ଦିଆଯାଇଥିବାରୁ ନ ୬ ଜଣ ଛାତ୍ର ପଢ଼ୁଅଛନ୍ତି ।

———

କଲିକତା ବିଶ୍ୱବିଦ୍ୟାଳୟ ସନ ୧୯୧୩ ସାଲ ମାଟ୍ରିକୁଲେସନ ବା ପ୍ରବେଶିକା ପରୀକ୍ଷାର ପାଠ୍ୟ ପୁସ୍ତକ ସମ୍ବନ୍ଧର ତାଲିକା ଗତ ତା ୬ ରିଖ କଲିକତା ଗେଜେଟରେ ପ୍ରକାଶିତ ହୋଇଅଛି । ତହିଁରେ ଓଡ଼ିଆ ଭାଷାର ନିମ୍ନଲିଖିତ ପୁସ୍ତକମାନ ନିର୍ବାଚିତ ହୋଇଅଛି । ଯଥାଃ—ମୃତ୍ୟୁଞ୍ଜୟ କାବ୍ୟଶାଟଙ୍କ ପ୍ରବନ୍ଧ ପାଠ ଏବଂ ମଧୁସୂଦନ ରାଓଙ୍କର ପ୍ରବନ୍ଧ ମାଳା ।

ସେହିବର୍ଷ ଇଣ୍ଟରମିଡିଏଟ ପରୀକ୍ଷା ସକାଶେ ନିମ୍ନଲିଖିତ ଓଡ଼ିଆ ପୁସ୍ତକମାନ ନିର୍ବାଚିତ ହୋଇଅଛି । ଯଥାଃ— ବାଛନ ସଟୀକାଯୁକ୍ତ ଅନୁବାଦିତ ସ୍ୱରୂପାଠ ଅଷ୍ଟମ ସ୍କନ୍ଧ, ରାମଶଙ୍କର ରାୟଙ୍କ, ଦବାଞ୍ଚି ସେନା, ଶଶିଭୂଷଣ ରାୟଙ୍କ ଦାକ୍ଷିଣାତ୍ୟ ଭ୍ରମଣ ଏବଂ ଗୋବିନ୍ଦଚନ୍ଦ୍ର ମହାପାତ୍ର ଅନୁବାଦିତ ମହାଭାରତ ଆଦିପର୍ବ (ଉପକ୍ରମଣିକା ଓ ପର୍ବସଂଗ୍ରହାଧ୍ୟାୟ)

ସେହିବର୍ଷ ବି, ଏ, ପରୀକ୍ଷାର ଓଡ଼ିଆ ପାଠ୍ୟ ପୁସ୍ତକ ଯଥାଃ—ରାଧାନାଥ ରାୟ ମହାଯାତ୍ରା ୧ ଠାରୁ ୪ ଅଧ୍ୟାୟ ଯାଏ ଏବଂ ବାଛନ ସଟୀକାଯୁକ୍ତ ଅନୁବାଦିତ ରଘୁବଂଶ ।

———

ଗଞ୍ଜାମ ଗୁଣଦର୍ପଣରେ ପ୍ରକାଶ ଯେ ଛତ୍ରପୁର ନିକଟ ମୁନିସିପେଣ୍ଟ ଗ୍ରାମନିବାସୀ ଶ୍ରୀ ଗଙ୍ଗାଧର ସାହୁ ସ୍ୱଦେଶ ହିତକାମୀ ବ୍ୟକ୍ତି ମଧ୍ୟରେ ଅନ୍ୟତର । ସେ ଗବର୍ଣ୍ଣମେଣ୍ଟ ସ୍କୁଲରେ ଶିକ୍ଷକ ଥିବା ହେତୁ ଶିକ୍ଷାଦାନ କାର୍ଯ୍ୟରେ ପ୍ରବୀଣତା ଲାଭ କରିଅଛନ୍ତି ଏବଂ ଚିକିତ୍ସାରେ ମଧ୍ୟ ଯୋଗ୍ୟ ଅଟନ୍ତି । ନିଜ ଗ୍ରାମରେ ଶିକ୍ଷା ବିସ୍ତାରାର୍ଥ ସେ ପ୍ରଜାବନ୍ଧୁ ଅବୈତନିକ ବିଦ୍ୟାଳୟ ନାମରେ ଗୋଟିଏ ବିଦ୍ୟାଳୟ ସ୍ଥାପନ କରି ଓଡ଼ିଆ ଇଂରାଜୀ ଓ ସଂସ୍କୃତ ୮ ମ ଷ୍ଟାଣ୍ଡର୍ଡ ବା ୪ ର୍ଥ ପର୍ଯ୍ୟନ୍ତ ଶିକ୍ଷାଦାନ ବ୍ୟବସ୍ଥା କରିଅଛନ୍ତି ଏବଂ ସରକାରୀ କାର୍ଯ୍ୟ ତ୍ୟାଗକରି ନିଜେ ସେହି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହୋଇଅଛନ୍ତି ପରନ୍ତୁ ଛାତ୍ରଗଣର ପୀଡ଼ା ହେଲେ ବିନା ପାରିଶ୍ରମିକରେ ଚିକିତ୍ସାକରିବା ଭାର ନେଇଅଛନ୍ତି । ସାଧାରଣ ହିତରେ ଏପରି ଅନୁରାଗ ଓ ତ୍ୟାଗ ସ୍ୱୀକାର ଅଜଦାନ ବଳି ବୋଲିବାକୁ ହେବ । ସାହୁ ମହାଶୟଙ୍କର ସାଂସାରିକ ଅବସ୍ଥା ଆମ୍ଭେମାନେ ନ ଜାଣୁ ମାତ୍ର ତାହାଙ୍କର ଚିତ୍ତ ଯେ ଅତ୍ୟନ୍ତ ଉନ୍ନତ ଏବଂ ସେ ଜଣେ ଆଦର୍ଶ ହିତୈଷୀ ଏଥିରେ ଦ୍ୱିରୁକ୍ତି ନାହିଁ । ଉତ୍କଳରେ ଜଣକେତେ ଏପରି ନିଷ୍ଠାବାନ ହିତକାମୀ ବାହାରିଲେ ଦେଶର ଦୁର୍ଗତି ଓ ଦରିଦ୍ରତା ଶୀଘ୍ର ଦୂରହେବ । ଈଶ୍ୱର ଉତ୍କଳରେ ସେହିପରି ଶୀଘ୍ର ଉପସ୍ଥିତ କରନ୍ତୁ ।

———

ଉତ୍କଳସମ୍ମିଳନୀର ବାର୍ଷିକ ଅଧିବେଶନ ଆସନ୍ତା ତା ୩୦ ରିଖ ହେବାର ଶୁଣା ଯାଉଅଛି । ଏଥିକୁ ଅଉ ଦି ୧୩ ଦିନ ଅଛି ମାତ୍ର ଏପର୍ଯ୍ୟନ୍ତ ଅଭ୍ୟର୍ଥନା ସମିତି କୌଣସି ବିଜ୍ଞାପନ ନ ଦେବା ହେତୁ ଅନେକ ଲୋକ ବ୍ୟସ୍ତ ହୋଇ ପତ୍ର ଲେଖୁଅଛନ୍ତି । ଏଥର ସଭାପତି କିଏ ହେବେ ଏବଂ କେଉଁମାନେ କି ନିୟମରେ ପ୍ରତିନିଧି ବା ଦର୍ଶକରୂପେ ଉପସ୍ଥିତ ହୋଇ ପାରିବେ ଅଭ୍ୟର୍ଥନା ସମିତି କିଛି ଜଣାଇ ନାହାନ୍ତି ; ପୂର୍ବରୁ ନ ଜାଣିଲେ ଦୂରସ୍ଥାନ ନିବାସିମାନଙ୍କ ଇଚ୍ଛା ଥିଲେ ମଧ୍ୟ ଯୋଗ ଦେବାର ଅସୁବିଧା ଘଟିପାରେ । ଅଧିବେଶନରେ ଯୋଗଦାନ ଏବଂ ଯାହାଙ୍କର ଏ ନଗରରେ ବସା ନାହିଁ ସେମାନଙ୍କର ଅବସ୍ଥାନାଦି ବିଷୟରେ ଗତ ତା ୬ ରିଖ ଗଞ୍ଜାମ ଗୁଣଦର୍ପଣ ପ୍ରକାଶିତ 'ଉତ୍କଳ ସମ୍ମିଳନୀ ପ୍ରସଙ୍ଗ' ପ୍ରବନ୍ଧ ପାଠ ଓ ବିବେଚନା କରିବାକୁ ଆମ୍ଭେମାନେ ଅଭ୍ୟର୍ଥନା କମିଟିକୁ ଅନୁରୋଧ କରୁଅଛୁଁ । ତହିଁରେ କେତେଗୁଡ଼ିଏ ଯୁକ୍ତିସଙ୍ଗତ ପ୍ରସ୍ତାବ ଅଛି ଯାହା କାର୍ଯ୍ୟରେ ପରିଣତ ହେବା ବାଞ୍ଛନୀୟ ।

———

ଜଣେ ମାର୍କଣ୍ଡପ୍ରସାଦ ଦାସ ବାଲେଶ୍ୱରର କଲେକ୍ଟର ସମୀପରେ ଗୋବିନ୍ଦ ପାତ୍ର ଓଗେର ନାମରେ ଅପିଲ କରିବାରୁ କଲେକ୍ଟର ସାହେବ ଡେପୁଟୀ କଲେକ୍ଟର ମୌଲବୀ ନସିରୁଦ୍ଦିନଙ୍କ ଡିକ୍ରି ରଦ କରି ବାଦୀ ମାର୍କଣ୍ଡପ୍ରସାଦର ଦାବି ଡିକ୍ରି କରିଥିଲେ । ପ୍ରତିବାଦିମାନେ ତହିଁ ବିରୁଦ୍ଧରେ ହାଇକୋର୍ଟରେ ଅପିଲ କରି ଡେପୁଟି କଲେକ୍ଟର ଶୁଣାଣିର ନକଲ ସମ୍ବନ୍ଧରେ ନିଷ୍ପତ୍ତି କରିଥିବା ହେତୁ କଲେକ୍ଟର ସାହେବଙ୍କ ସମୀପରେ ଅପିଲ ଅଚଳ ଥିବାର ଦର୍ଶାଇବାରୁ ରୁଲ ଜାରି ହୋଇଥିଲା । ଶୁଣାଣି ସମୟରେ ଅପରପକ୍ଷର ଓକିଲ ବାବୁ ସୁରେଶଚନ୍ଦ୍ର ଚକ୍ରବର୍ତ୍ତୀ ଆପତ୍ତି କଲେ ୧୮୫୯ ମସିହାର ଦଶଆଇନ ଗୋଟିଏ ଏବଂ … ୫ ଆଇନ ଥିବାର ତାହା ତହିଁ

Split by PDF Splitter
Digitized by srujanika@gmail.com

Split by PDF Splitter



ଅର୍ଥ ଦେବାକୁ ହେବ ଏବଂ ଉକ୍ତ ଅଧିକ ଅନୁ-ଖାରେ ସରକାର ନଗଦ ବଢ଼ାଇବା କମ୍ପା ପରି-ବର୍ତ୍ତନ କରିବାର ପ୍ରାର୍ଥନା ହୋଇ ନ ଥିବାରୁ କଲେକ୍ଟର ସାହେବଙ୍କ ଅପିଲ ଶୁଣିବାର ସମ୍ପୂର୍ଣ୍ଣ ଅଧିକାର ଥିଲା । ଉଭୟ ପକ୍ଷର ବକ୍ତୃତା ଶୁଣି କମିସନର ଉଡ୍‌ବ୍ରୋଫ ଏବଂ କାରଣ୍ଡଫ ମହୋଦୟ-ମାନେ ରୁଲ ଖାରଜ କରି ବାସ ଖର୍ଚ୍ଚା ସହିତ ୨ମୋହର ଓ ହଲ ଫିସ ପାଇବାର ଆଦେଶ ଦେଇଅଛନ୍ତି ।

—୦✱୦—

କଲିକତା ବଡ଼ବଜାରର ନୂତନ ଡାକଘରର ରେଜିଷ୍ଟ୍ରି କରଣୀ ଶଶେନ୍ଦ୍ରନାଥ ମୁଖୁର୍ଯ୍ୟ ନାମରେ ଦୁଇହଜାର ଟଙ୍କା ଅସୁସାତ୍ କରିଥିବା ହେତୁ ୧୮୯୮ ମସିହାର ୬ ଆଇନର ୫୨ ଦଫା ଓ ଦଣ୍ଡବିଧି ଆଇନର ୪୦୯ ଦଫା ମତେ ଅଭି-ଯୋଗରେ ସେ ଦୋଷଯୁକ୍ତ ହୋଇଥିଲେ । ଗତ ମାସ ୯ ତାରିଖ ହାଇକୋର୍ଟରେ ମୋକଦ୍ଦମା ପଡ଼ନ୍ତେ ନୂତନ ଷ୍ଟାଣ୍ଡିଂ କାଉନ୍‌ସେଲ ବି, ସି, ମିତ୍ର ମହୋଦୟ ମୋକଦ୍ଦମା ଉଠାଇନେବାର ଅଭିମତ ପ୍ରକାଶ କରିବାରୁ ବିଚାରପତି ଡି ମହୋଦୟ ତହିଁରେ ଐକ୍ୟ ହୋଇ ଅଧିମତ ଜୁରିର ମତ ଗ୍ରହଣ ପୂର୍ବକ ଅଭିଯୁକ୍ତଙ୍କୁ ମୁକ୍ତି ପ୍ରଦାନ କରିଅଛନ୍ତି ! ଆସାମୀପକ୍ଷ ବାରିଷ୍ଟର ତହୁଁରେ ପ୍ରକାଶ କଲେ ଯେ ମାଜିଷ୍ଟ୍ରେଟ ସାହେବ ଏ ଭଳି ମୋକଦ୍ଦମାରେ ଗତ ଫିବୃୟାରି ମାସ ତା୨୧ରି-ଖଠାରୁ ୭ ମାସ କାଳ ହାଜତ ରଖିଥିଲେ ଏବଂ ଯେଉଁ ମୋକଦ୍ଦମା ଦୋଷଯୁକ୍ତ ହୋଇଥାନ୍ତା ତହିଁରେ ଅନଧିକ ସାଧାରଣ ସମୟ କେତେ ନଷ୍ଟ ହେଲା । ମାଜିଷ୍ଟ୍ରେଟମାନଙ୍କ କାର୍ଯ୍ୟ ଦେଖିଲେ, ପ୍ରକୃତରେ ନିତାନ୍ତ ଅସହ୍ୟ ହୋଇପଡ଼େ । ଧୀର-ସ୍ଥିରେ ଆଇନ ସଙ୍ଗତ ପ୍ରମାଣ ବୁଝି ବିଚାର କରି-ବାକୁ ଅବଶ୍ୟ କେତେ ହାକିମ ଅକ୍ଷମ ଅଛନ୍ତି ।

—୦✱୦—

ସଞ୍ଜୀବନୀର ଏକ ପ୍ରେରିତପତ୍ରରେ ପାଠକଙ୍କୁ ଓ ହୁଗୁଲି ଜିଲ୍ଲା ବୈଚଗ୍ରାମର ଧନାଢ୍ୟ ଜମିଦାର ବାବୁ ବିହାରୀଲାଲ ମୁଖୁର୍ଯ୍ୟା ପୈତୃକ ଧନର ସୁବ୍ୟବହାର ଦ୍ୱାରା ଜମିଦାରୀ ପ୍ରଭୃତି ଅନେକ ସମ୍ପତ୍ତି ବଢ଼ାଇ ନାନା ହିତକାର୍ଯ୍ୟରେ ବ୍ୟୟ କରୁଥିଲେ । ତାହାଙ୍କର ସନ୍ତାନାଦି ନ ହେବାରୁ ପୋଷ୍ୟପୁତ୍ର ନ କରି ଉଇଲଦ୍ୱାରା ସମସ୍ତ ଗବର୍ଣ୍ଣ-ମେଣ୍ଟ ହସ୍ତରେ ଅର୍ପଣ କରିଗଲେ । ସେହି ସମ୍ପ-ତ୍ତିର ମୂଲ୍ୟ ୬୬ ଲକ୍ଷ ଟଙ୍କା ଓ ବାର୍ଷିକ ଆୟ ୨୨ ହଜାର ଟଙ୍କା । ତାହାଙ୍କ ମୃତ୍ୟୁ ପରେ ଗବର୍ଣ୍ଣମେଣ୍ଟ ସ୍ୱରୂପ ସେହି ସମ୍ପତ୍ତିର ଭାର ନେଇ ତାହାଙ୍କ ନସାରେ ସମାରୋହ ସହିତ ତାହାଙ୍କ ଲୟର ଜନ୍ମ୍ୟୋତ୍ସବ ଓ ପତ୍ନୀର ସଦାବର୍ତ୍ତରେ ଶତ ଶତ ଲୋକଙ୍କୁ ଭୋଜନ, ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ଶତ ୨ ବାଳକ ଶିକ୍ଷା ଓ ଦାତବ୍ୟ ଚିକିତ୍ସାଳୟରେ ବ୍ୟୟ ବିନା ରୋଗ ପ୍ରତିକାର ହେଉଅଛି । ଏହା ଛଡ଼ା ସୁନ୍ଦର ସଡ଼କ ଇତ୍ୟାଦି ନିର୍ମାଣ ଓ ସଂସ୍କାର ହେଉଅଛି । ବଂଶ ରକ୍ଷାକମନ୍ତେ ପୋଷ୍ୟପୁତ୍ର କରିବା କର୍ତ୍ତବ୍ୟ ହୋଇପଡ଼େ ଏବଂ ପୁତ୍ର ଅନନ୍ୟ ହୋଇ ଅନେକ ସ୍ଥଳେ ବିପରୀତ ଘଟିବା ଦେଖାଯାଏ । ମହାତ୍ମା ବିହାରୀଲାଲ ବଂଶରକ୍ଷାର ଯେଉଁ ଅଭିନବ ବାଟ ଦେଖାଇଲେ ତହିଁରେ ଚିରକାଲ ନିଷ୍ଠୟ ବଂଶ ରକ୍ଷା ହେବ ଏବଂ କୁଫଳର ଆଶଙ୍କା ନାହିଁ । ଯେତେ ଅଧିକ ଲୋକ ଏହି ପଥର ଅନୁଗାମୀ ହେବେ ଦେଶପକ୍ଷରେ ସେତେ ଭଲ ।

—✱—

ପୁନା ନିବାସୀ ପଣ୍ଡିତ ଲକ୍ଷ୍ମଣଚନ୍ଦ୍ର ପଣ୍ଡ୍ୟା ଓ ତାହାଙ୍କ ସ୍ତ୍ରୀ ଶ୍ରୀମତୀ ହରିପ୍ରିୟାଦେବୀ କେତେକାଳ ହେଲା ଖ୍ରୀଷ୍ଟିୟାନଧର୍ମ ଅବଲମ୍ବନ କରି ଭାରତ-ବାଟରେ ଧର୍ମପ୍ରଚାର କାର୍ଯ୍ୟ କରୁଥିଲେ । ସମ୍ପ୍ରତି ଆର୍ଯ୍ୟସମାଜର ଶୁଦ୍ଧି ବ୍ୟବସ୍ଥାକ୍ରମେ ସେହି ଦମ୍ପତି ଜଳନ୍ଧରସ୍ଥ ଶାଖାସମାଜ ତାହାଙ୍କୁ ସଙ୍କୀର୍ଣ୍ଣ ପ୍ରାୟଶ୍ଚିତ୍ତ କରି ପୁଣି ହିନ୍ଦୁଧର୍ମରେ ପ୍ରବେଶ କରା-ଇଅଛନ୍ତି । କଲିକତା କାଳୀଘାଟରେ ପ୍ରାୟଶ୍ଚିତ୍ତ କ୍ରିୟା ହୋଇଥିଲା ଏବଂ ଅନେକ ହିନ୍ଦୁ ତହିଁରେ ଯୋଗ ଦେଇଥିଲେ । ଏଡୁକେସନ ଗେଜେଟ ଏ ସମ୍ବାଦ ପ୍ରକାଶକରି ଲେଖିଅଛନ୍ତି ନ ପରିବର୍ତ୍ତନ ନିଜଭିତରେ ପ୍ରୟୋଜନ । ଚଞ୍ଚଳଚିତ୍ତଙ୍କୁ ଦମନ କରି ତାହାଙ୍କୁ ସୁବାଟେ ଆଣିବା ମନୁଷ୍ୟର ଲକ୍ଷ୍ୟ ହେବା ଉଚିତ । ସେହି ଚେଷ୍ଟାଦ୍ୱାରା ଧର୍ମ ଶିକ୍ଷା ହୁଅଇ, ଧର୍ମ ପରିବର୍ତ୍ତନ ଇଚ୍ଛା ହୁଏ ନା । ସବୁ ଧର୍ମ ଭଲ ଓ ମୁକ୍ତିଦେ ମନ ଏହାହିଁ ପ୍ରକୃତ କଥା ଏଥିଉପରେ ଆମ୍ଭମାନଙ୍କର ଅଧିକ କିଛି ବକ୍ତବ୍ୟ ନାହିଁ । ଏକ ସମୟରେ ବ୍ରାହ୍ମଧର୍ମ ଅନେକ ହିନ୍ଦୁ ଖ୍ରୀଷ୍ଟିୟାନ ହେବା ବାଟ ବନ୍ଦ କରିଥିଲା ବର୍ତ୍ତମାନ ଆର୍ଯ୍ୟଧର୍ମ ଧର୍ମାନ୍ତର ଗ୍ରହଣ କରିଥିବା ହିନ୍ଦୁମାନଙ୍କ ପ୍ରାୟଶ୍ଚିତ୍ତ କରି ସ୍ୱଧର୍ମକୁ ଫେରାଇ ଆଣିବାର ସୁବିଧା କରିଅଛନ୍ତି ସୁଖର ବିଷୟ ଅଟେ । ପରନ୍ତୁ ହିନ୍ଦୁ ବ୍ରାହ୍ମଣ ପଣ୍ଡିତଗଣ ଏ ଦିଗରେ ଅଗ୍ରସର ନ ହେବା ଦୁର୍ବଳତା ନୁହେଁ କି?

———

ଗତମାସ ତା ୯ ରଖ ଶୁକ୍ରବାରଦିନ ବେଥୁନ କଲେଜରେ କଲିକତାର ଗୁରୁଶଯ୍ୟ ବିଧବାମାନଙ୍କ ଶିଳ୍ପ ବିଦ୍ୟାଳୟ ଏବଂ ସୁନ୍ଦର ଶିଳ୍ପମେଳା ବସି-ଥିଲା । ଅନିବାର୍ଯ୍ୟ କାରଣ ଯୋଗେ ମାନ୍ୟବର ଲେଫ୍‌ଟେନାଣ୍ଟ ମହୋଦୟଙ୍କ ପତ୍ନୀ ଆସି ନ ପାରିବାରୁ ଇତ୍‌ସାଟେନଙ୍କ ସ୍ତ୍ରୀ ପ୍ରଧାନ ବିଚାରପତିଙ୍କ ପତ୍ନୀ ଲେଡି ଜେନ୍‌କିନ୍‌ସ ମହୋଦୟାଙ୍କ କର୍ତ୍ତୃକ ସମ୍ପନ୍ନ ହୋଇଥିଲା । କମିଟିପକ୍ଷରୁ ଉଲଟକ୍ଷ ସାହେବ ମହୋଦୟ ହିନ୍ଦୁ ବିଧବାଙ୍କ ସାହାଯ୍ୟରେ ଉଭୟ ଦେଶୀୟ ଏବଂ ୟୁରୋପୀୟ ମହିଳାମାନେ ଏକ ଯୋଗରେ ସହାନୁଭୂତି ଦେଖାଇଥିବା ମଧ୍ୟ ଲେଡି ଜେନକିନ୍‌ସ ମହୋଦୟା ମେଳା ଉଦ୍‌ଘାଟନ କରିବାକୁ ସ୍ୱୀକୃତ ହୋଇଥିବାରୁ ତାଙ୍କ ଧନ୍ୟବାଦ ଦେବାର ପ୍ରସ୍ତାବ କରନ୍ତେ ଶ୍ରୀମତୀ ମହୋଦୟା ଉତ୍ତର କଲେ ଯେ ବିଦ୍ୟାଳୟର ଛାତ୍ରୀଙ୍କ ଉତ୍ସାହ ଏବଂ ବିଦ୍ୟାଳୟର ସଂରକ୍ଷଣ କାର୍ଯ୍ୟରେ ସମସ୍ତେ ମେଳାରେ ଉପସ୍ଥିତ ହୋଇ ଅଛନ୍ତି ଏବଂ ଏ ସମୟରେ ଅନ୍ୟ ଅନେକ ପ୍ରକାର ସାହାଯ୍ୟର ଦାବୀ ଉପସ୍ଥିତ ହେଲେହେଁ ବାଳ-ବିଧବାମାନଙ୍କ ଶିକ୍ଷା ଓ ସାହାଯ୍ୟାର୍ଥ ନୂତନ ଶିଳ୍ପ ସମିତି ବିଦ୍ୟାଳୟ ସହାନୁଭୂତିର ଉପଯୁକ୍ତପାତ୍ର ଏ ସମିତିଦ୍ୱାରା କୌଣସି ପ୍ରଚଳିତପ୍ରଥା ଅଥବା ସମ୍ପ୍ରଦାୟର ମତ ଉଲ୍ଲଙ୍ଘିତ ହୋଇ ନାହିଁ ଏବଂ ତାହାର ମତର ବିରୋଧୀ କାର୍ଯ୍ୟ ଏ ବିଦ୍ୟାଳୟ ଦ୍ୱାରା କରା ନ ହୁଏ କମ୍ପା ଏ ବିଦ୍ୟାଳୟର ଅବାସ ଗୃହରେ ରହିଲେ ଜାତି ବା ମର୍ଯ୍ୟାଦା ନ ଯାଏ ପରେ କମେଟିକି ଧନ୍ୟବାଦ ଦେଇ ମେଳା ଉଦ୍‌-ଘାଟନ କଲାରୁ ବିଦ୍ୟାଳୟର ତଥା ସାହାଯ୍ୟାର୍ଥ ଅନ୍ୟ ଲୋକଙ୍କ ପ୍ରେରିତ ନାନାପ୍ରକାର ଦ୍ରବ୍ୟ ପ୍ରଦର୍ଶିତ ଓ ବିକ୍ରୀତ ହୋଇଥିଲା । ମେଳାରେ ଭଲ ଦ୍ରବ୍ୟମାନଙ୍କର ଭଲ ସ୍ଥାନ କରୁଥିଲ ଓ ତହିଁର ଉପ ସଜ୍ଜନ ଘରରେ ୟୁରୋପୀୟ ଏବଂ ଦେଶୀୟ ଉଚ୍ଚପଦସ୍ଥା ସମ୍ଭ୍ରାନ୍ତ ମହିଳାମାନଙ୍କ କର୍ତ୍ତୃକ ସୁସ୍ଥିତ ହୋଇଥିବା ବଡ଼ ପ୍ରୀତିକର ଅଟଇ ଏମାନଙ୍କ ସକାଶେ ଉପଯୁକ୍ତ ଜଳପାନର ମଧ୍ୟ ବନ୍ଦୋବସ୍ତ ହୋଇଥିଲା । ପ୍ରୀତି ଓ ପ୍ରଗତିର ମିଳନ ଏହି ରୂପେ ସହଜରେ ସମ୍ଭବପରରେ ଏବଂ ବାଳବିଧବାଙ୍କ ସମସ୍ତ ଅକାରଣ ନଷ୍ଟ ନ ହୋଇ ଏରୂପେ ବ୍ୟୟିତ ହେବା କର୍ତ୍ତବ୍ୟ ।

—✱୦✱—

ଗତ ମାସ ତା ୧୦ ରିଖ ଗତ ଶନିବାରଦିନ ଅଷ୍ଟଗ୍ରାମ ହାଇସ୍କୁଲର ପୁରସ୍କାର ବିତରଣୋତ୍ସବ ଯଥା ସମାରୋହରେ ସୁସମ୍ପନ୍ନ ହୋଇ ଯାଇଅଛି । ଏତଦୁପଲକ୍ଷେ ସ୍କୁଲ ହଲ୍‌ଟି ( Hall ) ପୁଷ୍ପ ପଲ୍ଲବ ଏବଂ ପତାକାଦିଦ୍ୱାରା ସୁନ୍ଦରରୂପେ ସୁସଜ୍ଜିତ ହୋଇଥିଲା । ପ୍ରାତଃ ପ୍ରାୟ ସ ୯ ଟିକା ସମୟରେ ଏ ଜିଲାର ଇନ୍‌ସ୍ପେକ୍ଟର୍ ଲ୍ୟୁକ୍ତ ଉଗରଟନ ସାହେବ ମହୋଦୟ ସ୍କୁଲ ଦ୍ୱାରରେ ପ୍ରବେଶ କଲାମାତ୍ରେ ସ୍କୁଲ ବାଳକମାନେ ଡ୍ରିଲକ୍ରୀଡ଼ା ( Drill ) ପ୍ରଦର୍ଶନଦ୍ୱାରା ତାଙ୍କର ଅଭ୍ୟର୍ଥନା କରିଥିଲେ ଯଥାସମୟେ ସାହେବ ମହୋଦୟ ସଭାପତିର ଆସନ ଅଲଙ୍କୃତ କଲେ ପର ସ୍କୁଲର ହେଡ଼ମାଷ୍ଟର ବାବୁ ଶ୍ରୀରାମଚନ୍ଦ୍ର ପଟ୍ଟନାୟକ ସ୍କୁଲର

Digitized by srujanika@gmail.com

Split by PDF Splitter



ବାର୍ଷିକ ବିବରଣୀ ପାଠ କଲେ । ତହିଁରେ ସ୍କୁଲର ସର୍ବ ଉଚ୍ଚଶ୍ରେଣୀରୁ ଗତ ମାଟ୍ରିକୁଲେସନ ପରୀକ୍ଷାରେ ଯେଉଁ ପରୀକ୍ଷାର୍ଥୀ ସମସ୍ତେ ଉତ୍ତୀର୍ଣ୍ଣ ହୋଇଥିବା, ବର୍ତ୍ତମାନ ସ୍କୁଲର ଛାତ୍ରସଂଖ୍ୟା ୧୯୦ ମଧ୍ୟରୁ ଶତାଧିକ ହିନ୍ଦୁ ଥିବା, ସ୍କୁଲର ମସ୍ଜିଦ ବ୍ୟୟର ଅଧିକାଂଶ ଛାତ୍ରମାନଙ୍କ ଦରମାହି ଉପରେ ନିର୍ଭର କରୁଥିବା, ସ୍କୁଲ ସଂଲଗ୍ନ ଛାତ୍ରାବାସ ନିତାନ୍ତ ଅପ୍ରଚୁର ଥିବା ଏବଂ ଛାତ୍ରମାନଙ୍କ ହେସ୍ ସ୍ୱ ଚାନ୍ଦାଦ୍ୱାରା 'ଛାତ୍ରକ୍ରୀଡ଼ାଦଳ' ( Students' Athletic Club ) ନାମରେ ନୂତନ ଏକ କ୍ରୀଡ଼ାସମିତି ପ୍ରତିଷ୍ଠିତ ହୋଇଥିବା ବିଷୟମାନ ଉଲ୍ଲେଖ ଥିଲା । ତହୁଁ ପରେ ଦୁଇଗୋଟି ମୁସଲମାନ ଛାତ୍ର ଇଂରେଜୀରେ କଥୋପକଥନ କଲା ପରେ ଦୁଇଗୋଟି ଛୋଟ ହିନ୍ଦୁବାଳକ ସ୍ୱର୍ଗୀୟା ମହାରାଣୀ ଭିକ୍ଟୋରିଆଙ୍କ ଗୁଣାନୁବାଦପୂର୍ଣ୍ଣ ଗୋଟିଏ ଓଡ଼ିଆ ସଙ୍ଗୀତ ଓ ଗୋଟିଏ ମୁସଲମାନ ବାଳକ ପାରସୀ ଭାଷାର ଏକ ସଙ୍ଗୀତ ଗାନ କଲା ପରେ ଅଭ୍ୟାସ ପାଠ ଶେଷ ହେଲା । ତଦନ୍ତେ ସଭାପତି ମହୋଦୟ ସ୍କୁଲର ପୂର୍ବ ୨ ବର୍ଷର ସୁଫଳ ଏବଂ ବଙ୍ଗଦେଶୀୟ ଛାତ୍ରସମାଜରେ ଯେପରି ରାଜଭକ୍ତି ସ୍ଥଳରାଜ ଦୋଷ ଦୃଷ୍ଟ ହୁଏ ତାହା ଓଡ଼ିଶାପ୍ରଦେଶସ୍ଥ ଛାତ୍ରମଣ୍ଡଳୀରେ ପ୍ରବେଶ କରି ନ ଥିବାରୁ ଆନନ୍ଦ ପ୍ରକାଶ କରି ଛାତ୍ରମାନଙ୍କର ବିଦ୍ୟାଶିକ୍ଷା ସଙ୍ଗେ ୨ ନୀତିଶିକ୍ଷାର ଆବଶ୍ୟକତା ଏବଂ ସ୍କୁଲର ବାହାରେ ଶ[illegible]ନେ ଯେପରି ସଦ୍‌ବ୍ୟବହାର କରନ୍ତି ତତ୍ପ୍ରତି ଶିକ୍ଷକମାନଙ୍କର ଦୃଷ୍ଟି ଆକର୍ଷଣ କରି ଶେଷରେ ସ୍କୁଲ ସଂଲଗ୍ନ ଛାତ୍ରାବାସର ଉନ୍ନତି ନିମନ୍ତେ ହେଡ଼ମାଷ୍ଟର ଓ ସ୍ଥାନୀୟ ସବଡିଭିଜନ ଅଫିସର ମହୋଦୟଙ୍କର ଦୃଷ୍ଟି ଆକର୍ଷଣ କଲେ । ପରେ ସଭା ଭଙ୍ଗ ହେଲା ।

———

ଓଡ଼ିଆ କାୟସ୍ଥସଭା ।

ଏଠା କାୟସ୍ଥସଭାର ତତ୍ତ୍ୱାବଧାନରେ ପରଗନ୍ତ ନୂତନ କାୟସ୍ଥ ବୋର୍ଡିଂକୁ ସଭାର ସଭାପତି ଶ୍ରୀଯୁକ୍ତ ଗୌରୀଶଙ୍କର ରାୟ ଦେବବର୍ମା ମହାଶୟ କଟକ ସହରରେ ଥିବା ତାଙ୍କର କାୟସ୍ଥ ବୋର୍ଡିଂଘର ଇତ୍ୟାଦି ସହିତ ଲାଖରାଜ ବାହାଲି ୧୯—୦୨୨୦ ଡେସିମଲ ଓ ଖାସ ମହାଲ ବାବଦ ୪—୩୨୩୪ ଡେସିମଲ ଜମି ଓ ତଦୁପରିସ୍ଥ ପକ୍କାଘର ଇତ୍ୟାଦି ସହିତ ଟ ୨୨୦୦ ଙ୍କାର ସମ୍ପତ୍ତି କାୟସ୍ଥ ବୋର୍ଡିଂ ସଂରକ୍ଷଣାର୍ଥ ଦାନ କରି ବିଧିମତେ ଦସ୍ତାବିଜ ରେଜେଷ୍ଟ୍ରୀ କରି ଦେଇଅଛନ୍ତି । ଉକ୍ତ ଦସ୍ତାବିଜ ଅନୁସାରେ ସେହି ଜମି ଉପରେ ବାବୁ ମହୋଦୟଙ୍କର ଯେଉଁ ପକ୍କାକୋଠା ଇତ୍ୟାଦି ଅଛି ତହିଁରୁ ମାସିକ ଟ ୫୧୯ଙ୍କା ଭଡ଼ା ଏବଂ ଅନ୍ୟ ଉତ୍ସମାନଙ୍କଠାରୁ ବାର୍ଷିକ ଟ ୨୧୪ ଶତଣା ଅଦାୟ ହୁଏ । ଏଠା କାୟସ୍ଥସଭାର ସଭାନୁସାରେ ରେଜେଷ୍ଟ୍ରୀ ହୋଇଅଛି ଏବଂ ବାବୁ ମହୋଦୟ ସଭାକୁ ଏପରି ମହତ୍ ଦାନ ଦେଇ ଆପଣାର ମହତ୍ତ୍ୱ ଏବଂ ଦେଶର ଗୌରବ ବଢ଼ାଇ ଅଛନ୍ତି । ଦାତା ପ୍ରଚଳିତ ହିନ୍ଦୁଧର୍ମାନୁଯାୟୀ ବୋର୍ଡିଂବାସୀ ପିଲାମାନଙ୍କୁ ଧର୍ମ ଓ ନୀତି ଶିକ୍ଷା ଦେବାର ସର୍ତ୍ତ କରିଅଛନ୍ତି ପୁଣି ତିନିଗୋଟି ଗରିବ ପିଲାର ଗ୍ରାସାଚ୍ଛାଦନ, ସ୍କୁଲବେତନ ପ୍ରଭୃତି ସମସ୍ତ ବ୍ୟୟ ନିର୍ବାହ ଉତ୍ତାରୁ ଯାହା ବଳିବ ତାହା ଏହି ବୋର୍ଡିଂ ଘର ଓ ତଦନ୍ତର୍ଗତ ଅନ୍ୟ ଘର ସ୍ଥାନାନ୍ତରେ ଶିଳ୍ପବିଦ୍ୟା ପଢ଼ିବା ନିମନ୍ତେ ବୃତ୍ତି ଦାନରେ ବ୍ୟୟ ହେବାର ନିୟମ କରିଅଛନ୍ତି । ପରିଶେଷରେ ଦାନପତ୍ରରେ ଏ କଥା ମଧ୍ୟ ଲେଖାଅଛି କି ଯଦ୍ୟପି କୌଣସି କାଳରେ କାୟସ୍ଥସଭା ତାଙ୍କର ଇଚ୍ଛା ଅନୁସାରେ କାର୍ଯ୍ୟ କରିବାକୁ ତ୍ରୁଟି କରନ୍ତି ତେବେ ସେହି ଦାନ ସମ୍ପତ୍ତି ଅଥବା ତହିଁର ମୂଲ୍ୟ ଦାନ ଆଇନ ବିଧାନାନୁସାରେ କୌଣସି ସରକାରୀ ବିଦ୍ୟାଳୟଦ୍ୱାରା ଓଡ଼ିଶା ଛାତ୍ରଗଣର ଉପକାରାର୍ଥେ ବ୍ୟୟ ହେବ । ଏହି ଦାନପତ୍ର ଗତ ଅକ୍ଟୋବର ମାସ ତା ୫ ରିଖରେ ସମ୍ପାଦନ ଏବଂ ସେହିଦିନ ରେଜେଷ୍ଟ୍ରୀ ହୋଇଅଛି । ଦାତାଙ୍କ ସଦଭିପ୍ରାୟ ଅନୁସାରରେ ସଭା ସ୍ୱଜାତୀୟ ପିଲାମାନଙ୍କର ଶିକ୍ଷାଦିର ସୁବନ୍ଦୋବସ୍ତ କରିବାଦ୍ୱାରା ଏ ମହତୀ କୀର୍ତ୍ତି ଚିରକାଳ ସମୁଜ୍ଜ୍ୱଳ କରି ରଖନ୍ତୁ ଏବଂ ଓଡ଼ିଶା ସମସ୍ତ କାୟସ୍ଥମାନେ ସ୍ୱ ୨ କ୍ଷମତା ଅନୁସାରେ ସଭାର ଉଦ୍ଦେଶ୍ୟ ସାଧନରେ ଅଗ୍ରସର ହେଉନ୍ତୁ ଏହାହିଁ ଆମ୍ଭମାନଙ୍କର ଏକାନ୍ତ କାମନା ।

—※—

ଲୋକସଂଖ୍ୟାରେ ଅସ୍ପୃଶ୍ୟଜାତି ।

ଭାରତ ଲୋକସଂଖ୍ୟା ଆଗାମୀ ମାର୍ଚ୍ଚମାସରେ ହେବାର ଆୟୋଜନ ଦେଖି ସ୍ୱାର୍ଥସିଦ୍ଧି ଅଭିପ୍ରାୟରେ ଭିନ୍ନ ୨ ସମ୍ପ୍ରଦାୟର ଲୋକେ ଉଦ୍ୟୁକ୍ତ ହୋଇଅଛନ୍ତି । ଇତିମଧ୍ୟରେ ଲୋକସଂଖ୍ୟା କମିଶନର ଗିଟ ସାହେବ ଅଭିପ୍ରାୟ ପ୍ରକାଶ କରି ଅଛନ୍ତି ଯେ ଅସ୍ପୃଶ୍ୟ ଜାତିର ଲୋକମାନଙ୍କୁ ହିନ୍ଦୁ ବୋଲି ଲେଖାଯିବ ନାହିଁ । ଏ ଯେଉଁ ସମ୍ବାଦପତ୍ରଯୋଗେ ସାଧାରଣ ଗୋଚର ହୋଇଅଛି । ସାହେବ ମହୋଦୟଙ୍କ ବିଚାର ଆମ୍ଭମାନଙ୍କୁ ଭ୍ରମାତ୍ମକ ବୋଲି ଜଣାଯାଏ । ହିନ୍ଦୁ ମଧ୍ୟରେ ବ୍ରାହ୍ମଣଠାରୁ ଚଣ୍ଡାଲ ଯାଏ ନାନାଜାତି ଅଛନ୍ତି । କେତେକ ଶ୍ରେଣୀର ଲୋକେ ନୀଚବୃତ୍ତିରେ ଦିନପାତ କରିବା ଏବଂ ସଦାଚାରସମ୍ପନ୍ନ ନୋହିବାରୁ କେତେକଙ୍କ ହାତରୁ ପାଣି ଛୁଇଁବା ଏବଂ କେତେକଙ୍କୁ ସ୍ପର୍ଶ କରିବା ନିଷେଧ ଅଛି । ଯେଉଁମାନେ ଅସ୍ପୃଶ୍ୟ ସେମାନଙ୍କୁ ମନ୍ଦିର ବାରଣ ଥିଲେ ସୁଦ୍ଧା ସେମାନେ ହିନ୍ଦୁ ଦେବଦେବୀ ମାନନ୍ତି । ଉତ୍କଳର ସର୍ବପ୍ରଧାନ ଏବଂ ସମସ୍ତ ଭାରତବାସୀ ହିନ୍ଦୁଙ୍କ ସମ୍ମାନିତ ଜଗନ୍ନାଥ ଦେବଙ୍କ ମନ୍ଦିର ମଧ୍ୟକୁ ଅସ୍ପୃଶ୍ୟଜାତି ଯାଇ ନ ପାରିବାହେତୁ ସିଂହଦ୍ୱାରରେ ପତିତ ପାବନ ମୂର୍ତ୍ତି ପ୍ରତିଷ୍ଠିତ ହୋଇଅଛି ଯେ ଅସ୍ପୃଶ୍ୟ ଲୋକେ ସେହି ପତିତପାବନ ରୂପୀ ଜଗନ୍ନାଥ ମୂର୍ତ୍ତି ଦେଖି ମୁକ୍ତି ଲାଭ କରନ୍ତି ଏ ଅସ୍ପୃଶ୍ୟ ଜାତି ଲୋକେ ସେହି ମୂର୍ତ୍ତି ଦର୍ଶନ ଆପଣା ପାପ ବିମୋଚନ କରୁଅଛନ୍ତି । ଅସ୍ପୃଶ୍ୟ ଜାତି ହିନ୍ଦୁ ନଥିବା ସାହେବ ମହୋଦୟ କରୁଥିବା ବିଶ୍ୱାସ କଲେ ଆମ୍ଭମାନଙ୍କ କ୍ଷୁଦ୍ର ବୁଦ୍ଧିର ଅଗୋଚର ଏମନ୍ତ ଗୁରୁତର ବିଷୟରେ ସର୍ବସାଧାରଣଙ୍କ ମତାମତ ନେଇ ନିଷ୍ପତ୍ତି କରିବା ଉଚିତ । ପଞ୍ଜାବ ହିନ୍ଦୁମାନେ ପତ୍ରିକା ପ୍ରକାଶ କରିଅଛନ୍ତି ମୁସଲମାନମାନେ ଅସ୍ପୃଶ୍ୟ ଜାତୀୟ ଲୋକଙ୍କୁ ହିନ୍ଦୁ ମଧ୍ୟରେ ନ ଗଣିବା ନିମନ୍ତେ ଭାରତ ଗଭର୍ଣ୍ଣମେଣ୍ଟଙ୍କୁ ଆବେଦନ କରିଅଛନ୍ତି । ହିନ୍ଦୁ ମଧ୍ୟରୁ ଏହି ଜାତି ଅନ୍ତର ହେଲେ ହିନ୍ଦୁ ସଂଖ୍ୟା ଊଣା ହୋଇଯିବାଦ୍ୱାରା ମୁସଲମାନ ପ୍ରତି ଅନୁପାତ ଅଧିକ ହେବ ନାହିଁ । ହିନ୍ଦୁମାନେ ଅସ୍ପୃଶ୍ୟ ଜାତିର ଲୋକଙ୍କୁ ଉନ୍ନତ କରିବାକୁ ପ୍ରୟାସୀ ନ ହେବାରୁ ସିନା ମୁସଲମାନ ତଥା ଖ୍ରୀଷ୍ଟିୟାନମାନେ ଏ ସୁଯୋଗ ପାଇଛନ୍ତି ଏବଂ ଅସ୍ପୃଶ୍ୟ ଲୋକେ କ୍ରମେ ୨ ଫାଟି ଯାଉଅଛନ୍ତି । ହିନ୍ଦୁମାନେ ଧୀରସ୍ଥିରରେ ବିଚାର କରି ଯେଉଁ ଅସ୍ପୃଶ୍ୟ ଲୋକେ ସଦାଚାରସମ୍ପନ୍ନ ହୋଇ ଶିକ୍ଷାଲାଭ କରୁ ଅଛନ୍ତି ସେମାନଙ୍କ ସ୍ପର୍ଶ କଲେ କିବୁ ଗୋଳ ହେଉଯିବ । ତଥାପି ଲୋକସଂଖ୍ୟା କମିଶନର ମହୋଦୟଙ୍କ କାର୍ଯ୍ୟ ଆମ୍ଭମାନଙ୍କ ସମୀଚୀନ ଥିବାର ଜଣା ଯାଉ ନାହିଁ । ଆମ୍ଭେମାନେ ଭରସା କରୁଁ ଗଭର୍ଣ୍ଣମେଣ୍ଟ ଏ ବିଷୟ ବିଚାର କରି ଅସ୍ପୃଶ୍ୟ ଜାତିଙ୍କୁ ଲୋକସଂଖ୍ୟା କାଗଜରେ ହିନ୍ଦୁ ବୋଲି ଲେଖିବା ନିମନ୍ତେ ଉଚିତ ଆଦେଶ ଅଚିରେ ପ୍ରଦାନ କରିବେ ।

———

ପ୍ରାଦେଶିକ ସ୍ମୃତି ସଭା ।

ପରଲୋକଗତ ଭାରତସମ୍ରାଟ ସପ୍ତମ ଏଡ଼ୱାର୍ଡଙ୍କ ସ୍ମୃତିରକ୍ଷା କେଉଁ ବିଶେଷ ଉପାୟରେ ହୋଇପାରେ ତାହି ବିବେଚନା କରିବାକାରଣ ଷ୍ଟେଟଲଟ ମହୋଦୟଙ୍କ ବେଲଭେଡିୟରର ଗୃହରେ ଗତମାସ ତା ୨୯ ରିଖରେ ଗୋଟିଏ ସଭା ହୋଇଥିଲା । ମାନ୍ୟବର ଷ୍ଟେଟଲଟ ମହୋଦୟ ସଭାପତିର ଆସନ ଗ୍ରହଣ କରିଥିଲେ ଏବଂ ବର୍ଦ୍ଧମାନର ମହାରାଜାଧିରାଜ, ମୁର୍ଶିଦାବାଦର ନବାବ ପ୍ରଭୃତି ଦେଶୀୟ ଏବଂ ଅନେକ ୟୁରୋପୀୟ ମାନ୍ୟଗଣ୍ୟ ବ୍ୟକ୍ତି ସମୁପସ୍ଥିତ ଥିଲେ । ସଭାର କାର୍ଯ୍ୟାରମ୍ଭରେ ସଭାପତି ମହୋଦୟ ବ୍ୟକ୍ତ କଲେ ଯେ ହାଇକୋର୍ଟର ପ୍ରଧାନ ବିଚାରପତି ସର

Digitized by srujanika@gmail.com

ଇରେକ୍ସ କେନେଡ୍‌ସ ମହୋଦୟଙ୍କ ସଭାପତି-ତ୍ୱରେ ଯେଉଁ କାର୍ଯ୍ୟକାରୀ କମିଟି ପୂର୍ବ ଅଧି-ବେଶନର ପ୍ରସ୍ତାବମତେ ନିଯୁକ୍ତ ହୋଇଥିଲା ସେ କମିଟିରୁ ସମ୍ପ୍ରଦାୟଙ୍କ ଏଥି ସମ୍ମିଳିତରୂପେ ନିବେ-ଦିତ ହୋଇ ପ୍ରଥମେ ସମ୍ରାଟ ମହୋଦୟଙ୍କ ଅଶ୍ୱା-ରୋହୀ ମୂର୍ତ୍ତି ସବେ ଚୌରିଙ୍ଗିଆ ଓ ଡଲହୌସୀସ୍କ-ୟର ଏବଂ ଚୌରଙ୍ଗୀସମ୍ବନ୍ଧୀୟ ମୂଳ କର୍ତ୍ତୃପକ୍ଷ । ଏବଂ ନିଜସ୍ୱର ସମ୍ପ୍ରଦାୟ ପ୍ରଦେଶ ସନ୍ନି-କଟେ ଉଦ୍ୟାନସ୍ଥିତ ମେମୋରିଆଲ ନିର୍ମାଣ-ଦ୍ୱାରା ସ୍ମୃତିରକ୍ଷାର ବିଧାନ କରିବାର ସ୍ଥିର ହୋଇଅଛି । ସଭାପତି ମହୋଦୟ ଅନୁମାନ କହିଲେ ଯେ ଏହାଦ୍ୱାରା ଏ ପର୍ଯ୍ୟନ୍ତ ପଚିଶଲକ୍ଷ ଟଙ୍କା ଉଠି-ଅଛି ଯେ ତହିଁ ମଧ୍ୟରୁ ଦେଢ଼ଲକ୍ଷ ଟଙ୍କା ଅଶ୍ୱାରୋହୀ ମୂର୍ତ୍ତି ଓ ମେମୋରିଆଲ ନିର୍ମାଣରେ ଖର୍ଚ୍ଚ ହୋଇ ଯେଉଁ ସାଢ଼େ ନଅଲକ୍ଷ ଟଙ୍କା ଉଦ୍ବୃତ୍ତ ହେବ ତହିଁରୁ ବାର୍ଷିକ ଚଉଦ ପନ୍ଦରହଜାର ଟଙ୍କା ଉଠିବ ଏବଂ ଯାଞ୍ଚିବଟିବାର ମଧ୍ୟ ଆଶା ଅଛି ଯେ ତହିଁ ଉପରେ ସରକାର ତହବିଲରୁ ଆଉ ଛଅ ହଜାର ବାର୍ଷିକ କୋଡ଼ିଏ ହଜାର ଟଙ୍କା ଡକ୍ତରଖାନା ଓ ଡଲହୌସିପୁର ସାହାଯ୍ୟ ଏବଂ ଡାକ୍ତର-ସମ୍ବନ୍ଧୀୟ ଚିକିତ୍ସାବିଦ୍ୟାରେ ବ୍ୟୟିତ ହେବ । ସଭାପତିଙ୍କ ମତରେ ଏତଦ୍ୱାରା ପରଲୋକଗତ ସମ୍ରାଟଙ୍କର ସମ୍ଭବତ ସ୍ମୃତିରକ୍ଷା ହେବ । ମେମୋରିଆଲ ନିର୍ମାଣର ଯେଉଁ ପ୍ରସ୍ତାବ ଉତ୍ଥାପିତ ହୋଇଥିଲା ତହି ସମ୍ବନ୍ଧେ ନାନାପ୍ରକାର ମତ ବାହାରିବାରୁ ତହିଁ ସକାଶେ ବର୍ତ୍ତମାନ ଚେଷ୍ଟା କରିବାର ପ୍ରଯୋଜନ ନାହିଁ । ଉପସ୍ଥିତ ସଭ୍ୟ-ମାନେ ଅଭିଜ୍ଞ ପ୍ରସ୍ତାବ କଲେ ତାହା ବିବେଚିତ ହେବ ମାତ୍ର ଏ ବିଷୟରେ ସମସ୍ତ ଏକମତ ହେବା ଉଚିତ ଏବଂ ଉପସ୍ଥିତ ସଭ୍ୟ ସମସ୍ତଙ୍କମ-ତରେ ଯେଉଁ ପ୍ରସ୍ତାବ ନ ହେବ ସେ ଭଳି ପ୍ରସ୍ତାବ ଗୃହୀତ ହେବା ଉଚିତ ନୁହେ । ପରେ ଆଗତହେବା ପ୍ରସ୍ତାବମାନ ବିବେଚିତ ହୋଇ ଦେଢ଼ଲକ୍ଷ ଟଙ୍କାରେ ସମ୍ରାଟ ମହୋଦୟଙ୍କ ଅଶ୍ୱା-ରୋହୀ ମୂର୍ତ୍ତି ସ୍ଥାପନ ଏବଂ ଅବଶିଷ୍ଟ ଟଙ୍କା ଚିକିତ୍ସାରେ ବ୍ୟୟ ହେବାର ଧାର୍ଯ୍ୟ ହେଲା । ମୂର୍ତ୍ତି-ରକ୍ଷାର ବିଧାନ ରୀତି ଧାର୍ଯ୍ୟ ହେଲା । ଅଶ୍ୱାରୋ-ହୀମୂର୍ତ୍ତିଦ୍ୱାରା ପରଲୋକଗତ ସମ୍ରାଟ ଚରିତ୍ରାଳ ରାଜଭକ୍ତ ପ୍ରଜାପୁଞ୍ଜଙ୍କ ନୟନଗୋଚର ହେଉ-ଥିବେ । ଦେଶକାଳ ପାତ୍ର ବିବେଚନାରେ ଭାରତର ପ୍ରଧାନ ନଗରରେ ଭାରତସମ୍ରାଟଙ୍କ ମୂର୍ତ୍ତି ସ୍ଥାପନର ବ୍ୟୟ ଅକାରଣ ବୋଲାଯାଇ ନ ପାରେ ।

—※—

## ଅଲ୍ଲାହାବାଦ ପ୍ରଦର୍ଶନୀ ।

ଅଲ୍ଲାହାବାଦ ପ୍ରଦର୍ଶନୀ ପୂର୍ବ ନିର୍ଦ୍ଦେଶମତେ ଗତମାସ ତା ୧ ରଖରେ ଖୋଲିଅଛି ଏହା ଉଦ୍ଘାଟନ ସମୟେ ପ୍ରାୟ ମଣ୍ଡ ହୋଇ-ଥିଲା ହଜାର ମାନ୍ୟ ଗଣ୍ୟ ଦେଶୀୟ ଏବଂ ୟୁରୋପୀୟ ସମୁପସ୍ଥିତ ହେଲେ ଏବଂ ଜନତାର ସୀମା ନ ଥିଲା । ଯୁକ୍ତପ୍ରଦେଶ ଲେଫ୍‌ଟେନାଣ୍ଟ ମାନ୍ୟ-ବର ସରଜନ ହ୍ୱେଟ ବାହାଦୁର ସଭାପତି ହୋଇ ଯେଉଁ ବକ୍ତୃତା କରିଥିଲେ ତହିଁରେ ସେ ଏହି ପ୍ରଦର୍ଶନୀ କଥା ସମ୍ରାଟଙ୍କ ଶୁଣାଇଥିବା ଓ ସମ୍ରାଟ ଓ ସାମ୍ରାଜ୍ଞୀ ଉଭୟେ ପ୍ରଦର୍ଶନୀ ସଫଳ ହେବାର କାମନା କରିଥିବାର ଜଣାଇ ପ୍ରକାଶ କଲେ ଯେ ବାଣିଜ୍ୟରେ ଅଳ୍ପଲୋକେ ଗଭୀର ଆନ୍ଦୋଳନ କରନ୍ତି ଏବଂ ଭାରତର ମଧ୍ୟ ସେହି ଦଶା ମାତ୍ର ଅର୍ଥବଳ ଓ ବାଣିଜ୍ୟରେ ପ୍ରାୟ ସମସ୍ତଲୋକେ ବ୍ୟସ୍ତ । ଭାରତରେ ଶିଳ୍ପୋ-ନ୍ନତିର ବିଶେଷ ପ୍ରୟୋଜନ । ଏହି ପ୍ରଦର୍ଶନୀ କରିବା ପ୍ରାୟ ବାରଲକ୍ଷ ଟଙ୍କା ଚନ୍ଦା ଉଠିଥିଲା ଏବଂ ପ୍ରଦର୍ଶନୀ ଦେଖିବାକୁ ଆସିବାକେବେ ନାନାପ୍ରକାର ଆମୋଦ ଯୋଗୁଁ ଥିବାରୁ ତହିଁର ବନ୍ଦୋବସ୍ତ ହୋଇଅଛି ମାତ୍ର ପ୍ରଦର୍ଶନୀ ଶିକ୍ଷାର ସ୍ଥଳ । କୃଷି, ଜଙ୍ଗଲ ଏବଂ ଶିକ୍ଷାବିଷୟକ ପ୍ରଦ-ର୍ଶିତଦ୍ରବ୍ୟ ସକାଶେ ଗଭର୍ଣ୍ଣମେଣ୍ଟ ଦାୟୀ ଏବଂ କୃଷି ସମ୍ବନ୍ଧୀୟ ନାନାପ୍ରକାର କଳ ମଧ୍ୟ ଆଣା ଯାଇଅଛି । ପରେ ପ୍ରଦର୍ଶନୀକୁ ଆସିଥିବା ନାନା-ପ୍ରକାର ଦ୍ରବ୍ୟର ସଂକ୍ଷେପ ବର୍ଣ୍ଣନାପୂର୍ବକ କହିଲେ ଯେ ଭାରତର ଉତ୍ପାଦନ ଶକ୍ତି ଅଳ୍ପ ନୁହେ । ୧୯୦୭ ମସିହାର ଅନାବୃଷ୍ଟିରେ ଯେତେ ଖାଦ୍ୟ-ଦ୍ରବ୍ୟ ନଷ୍ଟ ହୋଇଥିଲା ବର୍ତ୍ତମାନ ପୂରଣ ହୋଇଯାଇଅଛି ମାତ୍ର ଏହି ଉତ୍ପାଦିକା ଶକ୍ତିର ପ୍ରକୃତ ବିକାଶ ହୋଇପାରେ ଏବଂ କେବଳ କୃଷିକାର୍ଯ୍ୟ ଏ ଦେଶର ଅବଲମ୍ବନ ଥିବାରୁ ତହିଁର ଉନ୍ନତି ହୋଇ ପାରୁନାହିଁ । ପାଶ୍ଚାତ୍ୟଲୋକେ ଏ ଦେଶର ଶତ ମାଇଲ ପରିଭ୍ରମଣ କରି ଗୋଟିଏ ହେଲେ କାରଖାନାର ଧୂଆଁ ବାହାରୁଥିବାର ଚିହ୍ନ ନ ଦେଖି ଅବସ୍ଥା ବୁଝିନିଅନ୍ତି । ଭାରତକୁ ସମୃଦ୍ଧି-ଶାଳୀ କରିବାକୁ ହେଲେ ଏହାକୁ କାରଖାନା-ମାନଙ୍କରେ ପୂର୍ଣ୍ଣ କରିବାକୁ ହେବ । ମାତ୍ର ଟିକିଲୋକଙ୍କର ଅଦୌ ଚେଷ୍ଟା ନାହିଁ । ଉଚ୍ଚଶି-କ୍ଷିତ ଯୁବକମାନେ କାର୍ଯ୍ୟ ନ ପାଇ ବୁଲୁଥିବାର ଦେଖାଯାଏ । ସାହିତ୍ୟଶିକ୍ଷାଦ୍ୱାରା ଯେ ଫଳଲାଭ ହେବାର ଥିଲା ତାହା ହୋଇ ଯାଇଅଛି ଏବଂ ଶିକ୍ଷିତଲୋକଙ୍କ ଶ୍ରମର ସ୍ଥଳ ଦିଅ । ଶ୍ରମଶିଳ୍ପ ଶିକ୍ଷା ଦେବା ବର୍ତ୍ତମାନ ଅବର୍ଜ୍ଜନୀୟ କାରଣ କାର-ଖାନା ଅଭାବରେ ସେ ଶିକ୍ଷାପ୍ରାପ୍ତ ଯୁବକମାନଙ୍କ କାର୍ଯ୍ୟ ଯୋଗାଇବା ଅସମ୍ଭବ । ଭାରତ ବ୍ୟବସ୍ଥା-ପକ ସଭାରେ ସେ ଏହି କାର୍ଯ୍ୟ ସକାଶେ ଅର୍ଥ ପ୍ରୟୋଗ କରିବାର ପ୍ରସ୍ତାବ କରିଥିଲେ ମାତ୍ର ସେ ସମ୍ବନ୍ଧରେ ଅତି ଅଳ୍ପ କାର୍ଯ୍ୟ ହୋଇଅଛି । ଭାରତର ଧନୀମାନେ ଏଥିରେ ଧନ ଖଟାଇବାକୁ ଅନିଚ୍ଛୁକ ଏବଂ ପ୍ରଦର୍ଶନୀରୁ ଅତି ଲୋକେ ଆପଣା ଧନ ଖଟାଇବାର ଉପାୟ ଦେଖିପାରିବେ । ମାନ୍ୟ-ବର ମହୋଦୟ ଆହୁରି କହିଲେ ଯେ ପ୍ରଦର୍ଶ-ନୀର ଦ୍ରବ୍ୟ ପଠାଇ କହିଲେ ରହିବା ଉଚିତ ନୁହେ । ସେହି ଦ୍ରବ୍ୟମାନ କିରୂପେ ଅଧିକ ଉତ୍ପନ୍ନ ହୋଇ କେଉଁଠାରେ ଭଲ ଭାଉରେ ବିକ୍ରୀତ ହେବ ସେଥିସକାଶେ ସର୍ବଦା ସଚେଷ୍ଟ ହେବା ଉଚିତ ।—ଆମ୍ଭେମାନେ ଏ ବହୁମୂଲ୍ୟ ଉପ-ଦେଶମାନ ପାଠକମାନଙ୍କ ସମକ୍ଷରେ ଅଗତ କରି ଦେଶରେ କାରଖାନା ଇତ୍ୟାଦି ସ୍ଥାପନପୂର୍ବକ ନିଜର ଏବଂ ଦେଶର ଶ୍ରୀବୃଦ୍ଧି କରିବାକୁ ଯତ୍ନବାନ୍ ହେବାକାରଣ ଏକାନ୍ତ ଅନୁରୋଧ କରୁଅଛୁଁ ।

—୦※୦—

## ବକରିଦ ଦଙ୍ଗା ।

ଗତ ମଙ୍ଗଳବାର ମୁସଲମାନମାନଙ୍କର ବକ୍-ରିଦ ପର୍ବ ଥିଲା । ଏହି ପର୍ବୋପଲକ୍ଷେ ସେମାନେ ଠାବେ ଠାବେ ଗୋ ବଳିଦାନ ( କୋରବାନ ) କରୁଥିବାରୁ ସେ ସେଉଁ କେତେକ ବର୍ଷ ହେଲା ସେହି ଅଞ୍ଚଳର ହିନ୍ଦୁ ଓ ମୁସଲମାନ ମଧ୍ୟରେ ଦଙ୍ଗା ହୋଇ ଆସୁଅଛି ମାତ୍ର ଏ ବର୍ଷ କଲିକତାରେ ଯେଉଁ ଦଙ୍ଗା ହେଲା ତାହା ଭୟଙ୍କର ଅଟେ । କଲିକତାର ଆର୍ମେନି ଗଲାରେ ଗୋଟିଏ ମସଜିଦ ଅଛି ଏବଂ ତହିଁ ଚତୁଷ୍ପାର୍ଶ୍ୱରେ ହିନ୍ଦୁ ମାରବାଡ଼ି ପ୍ରଭୃତି ବାସ କରନ୍ତି । ସାଧାରଣ ପଥରେ ଗୋ ବଧ କଲେ ଅବଶ୍ୟ ତାହାର ଆପତ୍ତି ନ ଥିଲା ମାତ୍ର ମସଜିଦକୁ ନେବା ପୂର୍ବେ ଗୋରୁକୁ ଫୁଲ-ମାଳାଦିରେ ସଜାଇ ସଡ଼କରେ ଆଡ଼ମ୍ବର ସହ-କାରେ ବୁଲାଇବାକୁ ନେବା ହିନ୍ଦୁଙ୍କ ଅସହ୍ୟ ଅଟେ । ଏ ବର୍ଷ ବକରିଦ ଦିନ ଆଡ଼ମ୍ବର ଭରି ମୁସଲମାନ-ମାନେ ଗୋରୁକୁ ହିନ୍ଦୁ ବସତି ମଧ୍ୟରେ ବୁଲାଇ ଉକ୍ତ ମସଜିଦକୁ ନେବା କଥା ପ୍ରକାଶ ହେବାରୁ ମାରବାଡ଼ିମାନେ ସମ୍ଭବତ ତାହା ରହିତ କରିବା ସକାଶେ ପୁଲିସ କମିଶନର ସାହେବଙ୍କୁ ଜଣାଇ ଥିଲେ । ମୁସଲମାନମାନେ ମଧ୍ୟ ସମ୍ଭବତ ପୁଲିସକୁ ପ୍ରାୟ ବ ୩୦ ର୍ଷ ହେଲା ସେଠାରେ ଗୋରୁ କୋରବାନ ହେଉଥିବାର ଜଣାଇଲେ । ଏହି-ରୂପେ ଉଭୟପକ୍ଷର ମନୋମାଳିନ୍ୟ ଉତ୍ତେଜିତ ହେଲା ଏବଂ ଗତପୂର୍ବ ଗୁରୁବାରଦିନ କେତେକ ମାରବାଡ଼ି "ଗୋ ମାତାକି ଜୟ" ଶବ୍ଦ ଉଚ୍ଚାରଣ କରନ୍ତେ କେତେକ କାବୁଲି ତାଙ୍କୁ ପ୍ରହାରକଲେ ଓ ସେ ପଳାଇ ଯିବାରୁ ଗୋଡ଼ାଇ ମାଇଲେ । ମାରବାଡ଼ିମାନେ ମଧ୍ୟ ତାଙ୍କୁ ମାଇବାରେ ଉଭୟ ପକ୍ଷରେ ଅନ୍ୟ ହିନ୍ଦୁ ଓ ମୁସଲମାନ ଲୋକ ଦାନକରି ହଙ୍ଗାମା ବଢ଼ାଇଲେ । ଉଭୟପକ୍ଷରୁ ମାନ୍ୟବର ଲେଫ୍‌ଟେନାଣ୍ଟ ମହୋଦୟଙ୍କ ସମୀପରେ

Split by PDF Splitter
Digitized by srujanika@gmail.com

ଆବେଦନ ହୋଇଥିଲା ଓ ମାରବାଡ଼ିମାନେ ଦୋକାନପାଟ ବନ୍ଦ କରିବାରୁ ମାଜିଷ୍ଟ୍ରେଟ ମହୋଦୟ ଶୁକ୍ରବାର ଅପରାହ୍ନ ସ ୪ ଟା ବେଳେ ମସଜିଦକୁ ଯାଇ ପୂର୍ବରୁ ସେଠାରେ ଗୋରୁ କୋରବାନ ହେଉଥିବାର ପ୍ରମାଣ ପାଇ ମାରବାଡ଼ି ଓ ଜୈନମାନଙ୍କୁ ଗୋଳମାଳ ନ କରିବା ଓ ଦୋକାନପାଟ ଖୋଲିବା କାରଣ ବୁଝାଇ ଦେଇ ବାହାରିଗଲା ପରେ ସେମାନେ ଜାତିନାଶ ହେବାର କହି ସଙ୍ଗେ ଦଙ୍ଗା ଓ ଦୋକାନଲୁଟ ଆରମ୍ଭ କଲେ । ଅନେକ ଖୁନ ଖରାବ ଓ ଜ ୩ ଣ ମୃତ ହେଲେ । ଶନିବାର ଦିନ ଦାନପୁର ଷ୍ଟେସନଠାରୁ କଲେକ୍ଟ୍ରିଟ ପର୍ଯ୍ୟନ୍ତ ଭୀଷଣ ଆକାର ଧାରଣ କଲା ଏବଂ ସମସ୍ତ ପୁଲିଶ କର୍ତ୍ତୃକ ଦଙ୍ଗା ନିବାରଣ ନ ହେବାରୁ ଗୋରାପଲଟନ ଆସିଲା ମଧ୍ୟ ମସଜିଦରେ ଦୁଇଗୋଟି ତୋପ ସଜ୍ଜିତ ହେଲା । ରବିବାର ପୂର୍ବାହ୍ନପର୍ଯ୍ୟନ୍ତ ଦଙ୍ଗା ଅଳ୍ପାଧିକରେ ଚାଲିଲା ଏବଂ ଲେଫ୍ଟନାଣ୍ଟ ମହୋଦୟ ପୁଣି ଆସିବା ଦିନ ନିଜ ସୋମବାର ଦିନ ପୁଣି ମସଜିଦକୁ ଯାଇଥିଲେ । ହିନ୍ଦୁଙ୍କ ମଧ୍ୟରୁ ପ୍ରାୟ ଜ ୧୦ ଣ ହତ ଓ ଉଭୟ ପକ୍ଷରୁ ଅନେକ ଆହତ ହୋଇଅଛନ୍ତି । ଯାହା ହେଉ ବିଶେଷ ବନ୍ଦୋବସ୍ତରେ ମଙ୍ଗଳବାରର ଗୋରୁ କୋରବାନ ବିନା ଆପତ୍ତିରେ ସଗୋପନରେ ଶେଷ ହେଲା ଏବଂ ଏହିର ଆଦେଶ ପୂର୍ବରୁ ହୋଇଥିଲେ ଏତେ ମାରକାଟ ଖରାପ ହୋଇ ନ ଥାନ୍ତା । ଏ ସମ୍ପର୍କରେ ଜ ୩୪ ଣ ଆସାମୀ ଧରା ହୋଇଅଛନ୍ତି ଏବଂ ତାଙ୍କ ମଧ୍ୟରୁ ଜ ୧୮ ଣ ମୁସଲମାନ । ବୃନ୍ଦାବନ ପ୍ରଭୃତି ଅନ୍ୟ ଅନେକସ୍ଥାନରେ ଗୋରୁ କୋରବାନ ହେତୁ ଦଙ୍ଗା ହୋଇ ଯାଇ ଅଛି ଏବଂ ସେନାଦଳ ଗୁଳିଦାଗି ଲୋକ ମାରି ପକାଇଅଛନ୍ତି । ଏମନ୍ତ ଅବସ୍ଥାରେ ଗବର୍ଣ୍ଣମେଣ୍ଟ ଆଇନ କରି ଗୋରୁ କୋରବାନ ରହିତ କଲେ ଅବିବେଚନାର କାର୍ଯ୍ୟ ହେବ ନାହିଁ । ମୁସଲମାନଙ୍କ ସର୍ବ ପ୍ରଧାନ ରାଜ୍ୟ ତୁରୁଷ୍କରେ ଛେଳି ଓ ମେଣ୍ଢା କୋରବାନ ହୁଏ । ସ୍ୱୟଂ କାବୁଲର ଅମୀର ଗୋହତ୍ୟା ଉଚ୍ଚସ୍ୱରେ ନିଷେଧ କରି ଯାଇଥିଲେ । ଅନ୍ଧ ମୁସଲମାନମାନେ ସାଧୁ ଉପଦେଶ ନ ମାନିଲେ ତାଙ୍କୁ ଆଇନଦ୍ୱାରା ମନାଇବା ସୁଶାସକର କାର୍ଯ୍ୟ ଅଟେ । କୋରାନରେ ଗୋରୁ କୋରବାନ ନାହିଁ ଏବଂ କୌଣସି ଅନିଷ୍ଟ ଜନକ କୁପ୍ରଥା ଧର୍ମ ନାମରେ ପାରି ପାଇ ନ ପାରେ । ହିନ୍ଦୁଙ୍କ ମଧ୍ୟରେ ପ୍ରଚଳିତ ସତୀଦାହ, ବାଳକା ହତ୍ୟା ସଙ୍ଗୋପନ ପ୍ରଭୃତି କୁପ୍ରଥା ସରକାର ଆଇନଦ୍ୱାରା ରହିତ କରି ଧନ୍ୟବାଦାର୍ହ ହୋଇ ଅଛନ୍ତି । ପ୍ରବଳ ପ୍ରତାପ ଇଂରାଜ ରାଜଙ୍କ ହାତରେ ଅସୀମ କ୍ଷମତା ଅଛି ଏବଂ ହିନ୍ଦୁ ମସଲମାନଙ୍କ କଲହ ସେହି କ୍ଷମତା ପକ୍ଷଙ୍କ କର୍ତ୍ତୃକ ନିଷ୍ପତ୍ତି ମୀମାଂସିତ ହେବ । ଅତଏବ ଉକ୍ତ ହେତୁ ହିନ୍ଦୁମାନେ ଗୋରୁ କୋରବାନ ହେତୁ କ୍ଷିପ୍ତ ହୋଇ ଅଛନ୍ତି । ଶୀଘ୍ର ଏ ବିଷୟର ସୁମୀମାଂସା କରିବା କାରଣ ଆମ୍ଭେମାନେ ଗବର୍ଣ୍ଣମେଣ୍ଟଙ୍କ ଅନୁରୋଧ କରୁଅଛୁଁ ।

---

# ସାପ୍ତାହିକ ସମ୍ବାଦ ।

## କଲିକତା ଗେଜେଟ ।

ବଶିରହାଟର ଡେପୁଟି ମାଜିଷ୍ଟ୍ରେଟ ଓ ଡା । କାଳୀପ୍ରସନ୍ନ ବାବୁ ବସନ୍ତକୁମାର ବହୁ ସବ୍‌ଡିଭିଜନର ଚାର୍ଜ ଏକଷ୍ଟ୍ରା ଅଫିସର ହେଲେ ।

ପୁରୀର ଡା । ମା । ଓ ଡ । କାଳିଆଭଉ ବାବୁ ସୁବର୍ଣ୍ଣ ଦାସ ଅନ୍ୟ ଅପେକ୍ଷ ସର୍ଟିଫିକେଟ ପାଇ ଏ ଷେଟଲମେଣ୍ଟ ଅଫିସର ଓ ସେଟଲମେଣ୍ଟ ଅଫିସରର କ୍ଷମତା ପାଇଲେ ।

ବାଲେଶ୍ୱର ସବଜଜ ବାବୁ ଉପେନ୍ଦ୍ରନାଥ ଦତ୍ତ ଜମା ଅବସର ପ୍ରାପ୍ତ ହେଲେ ।

ବାଲେଶ୍ୱର ଜେଲା ସ୍କୁଲ ହେଡ ମାଷ୍ଟ୍ରର ବାବୁ ଗୋପୀନାଥ ମହାପାତ୍ର ଦୋବାରା ୧୮୯୧ ସନ ତା ୪ ରଣ ଜାନୁଆରୀଠାରୁ ୨ମାସର ଛୁଟି ପ୍ରାପ୍ତ ହେଲେ ।

ବାବୁ ଉପେନ୍ଦ୍ରନାଥ ବସୁ ଏମ । ଏ ତା ୧ ରଣ ନବେମ୍ବରରୁ ୧ ବର୍ଷ ନିମନ୍ତେ କଲେଜ୍ ଓ କଲେଜର ବେ ନିଷ୍କ୍ରି ତୃତୀୟ ପ୍ରଫେସର ହେଲେ ।

ମ୍ୟା । କ୍ଷେତ୍ରମୋହନ ମିତ୍ର ବାବୁ ରାଧାମୋହନ ଦାସ ଙ୍କ ବଦଳିରେ ହାଇକୋର୍ଟର ଜଜେ ହୋଇ ବେତନ ଅନୁମତି ପାଇଲେ ।

ସନ ୧୨ ତାରିଖ ଶହରର ଭାରତର ଜାତିଦ ଶେ ୧୦/ ମଧ୍ୟ ଶେ ୧୭। ଅନୁକୂଳ ସେ ୨୪/ ସମ୍ବଲପୁର ଶେ୧୭ ଓ ଉତ୍କଳ ମଧ୍ୟରେ ଶୁଭଦାୟୀ ସେ ୨୫ ଧରି ଚେଙ୍କାନାଳ ପ୍ରଭୃତିରେ ସେ ୨୪ ର

—•✲○✲•—

## ସ୍ଥାନୀୟ ସମ୍ବାଦ ।

ଅସ୍ମାକମାନଙ୍କର କଲେକ୍ଟର ସାହେବ ବେଲାପଡ଼ାକୁ ଯାଇ ଆହି ଶଠ ବୁଝିବାର ଭାଳିଁ ଯାଇଅଛନ୍ତି ।

ଏ ସପ୍ତାହରେ ଅବାଧ କାଳି ମାତ୍ର ହେଲେ ୨ ଅନ ସାମାନ୍ୟ ମେଘରେଖା ଦେଖା ଯାଇଥିଲା । ଶୀତ ବଢ ପ୍ରବଳ ହୋଇଅଛି ।

ସାଧାରଣ ସ୍ୱାସ୍ଥ୍ୟ ଭଲ ।

ଗତବର୍ଷ ସାଧାରଣ ବାହ୍ମସମାଜ ସନ୍ତରଙ୍ଗିଣୀ ଧର୍ମସଭା ସମ୍ପାଦକ ଶ୍ରଦ୍ଧେୟ ପ୍ରତାପଚନ୍ଦ୍ର ହୋମ ଗ । ମଙ୍ଗଳବାର ସନ୍ଧ୍ୟା ବେଳେ ଏଠା ଟାଉନ ସ୍କୁଲରେ ହିନ୍ଦୁର ଦୁଃଖମୋଚନ ବିଷୟରେ ଗୋଟିଏ ଶବ୍ଦ ଚତୁପୂର୍ଣ୍ଣ ଓ ସାର ଗର୍ଭ ପାଠ କରିଥିଲେ । ତାଙ୍କର ବିଷୟ ସେ ସଭାକୁ ଶୋଭା ଉପସ୍ଥିତ ହୋଇଥିଲେ ।

ବାରରେ ଶ୍ରୀ ଯତ୍ନ ଗୋଟିଏ ପାଠଶାଳା ସ୍ଥାପନ ଓ ସେହି ପାଠଶାଳାକୁ ଶ୍ରେଣୀ ଓଡ଼ିଆ ସମ୍ପାଦକ ତାହାର ବ୍ୟଥା ଜହଲନ୍ତି ସ୍ୱିତ ଲେଖ ଅଛ ଏଥିକୁ ଓଡ଼ିଆ ଓ ଜଣେ ମାତ୍ର ଲେଖିବ ଛନ୍ଦ କହୁଲବାର୍ଣ୍ଣ କଲେ କଟକରୁ ଉଠିଅଛି ବାବ ସେ ଘୋଷ ସ୍ୱକେ ଅବସର ହେ ଇଥଛନ୍ତି । ବଦେଶିକରେ ସଙ୍ଗେ ପୁଷର ହେବ ନାହିଁ ସେ ଦେଶର ଭଲ ବୋଲି ହେବା ଧର୍ମସଙ୍ଗତ ନୁହେଁ।

ବିଲାତର ସମ୍ବାଦପତ୍ରରେ ଶ୍ରୀ ଯୁକ୍ତ ସତେନ୍ଦ୍ରନାଥ ବସୁ ସନ ତା ୧୧ ରଣ ସମଦର୍ଶୀ ମଧ୍ୟ ସର୍ବ ୮୮ ଟି ଲିମ୍ ଏବ ତାଙ୍କ ମାଦପଛନ୍ତି । ଏଥି ପୂର୍ବେ ସେ ୭୩ ଟି ଲିମ୍ ଏବ ତାଙ୍କ ମାଦଧରେ ।

ଜଣେ ପତ୍ରପ୍ରେରକ ଲେଖିଅଛନ୍ତି ବି । ଏ । ଏଲ । ଗୋଷ୍ଠୀ ପରୀକ୍ଷାର ଫଳ ବାହାରିବା ପରେ ଜଣେ ମାତ୍ର ଏହା ସେଥିରେ ତାହାର ମଧ୍ୟମ ସ୍ଥାନ ବାବୁ ଜନ୍ମାଷ୍ଟ ଦାସ ପାଇ ସାହାଯ୍ୟରେ ଗୋଟିଏ ପଦ ଥିଲ ଛାତ୍ରବୃତ୍ତି ପରେ ପରୀକ୍ଷା ଉଦ ଉର ହୃଦ ନେଉଅଛନ୍ତି । ଏହା ଗବର୍ଣ୍ଣମେଣ୍ଟଙ୍କ ଦୃଷ୍ଟି ଆକର୍ଷଣ କରିବ ।

ସମ୍ପ୍ରତି ଶ୍ରୀତ ନିୟମ ପାଇ ଗୋଟି ଶୁଦ୍ଧି ଦେଲେ ତାଙ୍କ ପୂଜାରେ ଯେଉଁ ଦେଖି ବେଳ ବାହାରିଲା ବାବାଜୀଙ୍କ ସୁପଥରେ ପୋଡ଼ା ଯା ସବୁ ଅଗମ ହୋଇଅଛି ।

ସା ହୁ ।

ଶାହାବାଦରେ ଦହଦାହରେ ଗୋଟିଏ ଭରୁଆ ପରିଷ୍କାର ଲୁଗାରେ ତଥ ପରି ଗୋଳ କରିଅଛନ୍ତି ।-ସା ହୁ ।

ସମ୍ବଲପୁରରେ ବାବୁ ଦାମୋଦର ଦେଉଡ଼ୀ ଗୋଟିଏ ବଡ଼ର କାରଖାନା ଖୋଲି ବାରେ ଚୌକି ଅନ୍ୟାନ୍ୟ ଜିନିଷ ବଡ଼ ଗୋଟିଏ ବଡ଼ ସମ୍ମାନ ବଜାର ଖୋଲି ଅଛନ୍ତି ।—ସା ହୁ ।

ବାମଣ୍ଡା ତାଳକୋଟ ସପରିବାର ଗ୍ରାମବାସୀ ଶ୍ରୀ ଯତ୍ନ ନମୋହନ ପ୍ରଧାନ ନୂଆ ଚଳରେ ୭୦ ଟି ସର୍ପ ଗୋଟିଏ ପେଡ଼ିରେ (ଚଟାଣ) ପାଇଅଛି । ଏହି ତାଙ୍କ ଘରେ ସ୍ଥାନ ପନ୍ଦର ଦିନ ରହିଲା —ସା ହୁ ।

## ଟାଙ୍ଗି ସମ୍ବାଦ

ଉଦୟଗିରି ଟାଙ୍ଗିଗ୍ରାମରେ ବେଦେକ ଦେଖ ଅଛି ଓ ୨ ଓ ହେବ ସେଠାରେ ଅନ୍ୟ ଶକ୍ତି ଗ୍ରାମବାସିମାନଙ୍କ ସର୍ବସ୍ୱାନ୍ତ କରିଅଛନ୍ତି । ସ୍ଥାନୀୟ ପୁଲିସ ନିଜ ଚୌକିରେ ବସାଇ ଏମାନଙ୍କ ଧୃତ କରିପାରି ନ ଥିଲେ । ଟାଙ୍ଗି ଅ: ପୋ: ର ଅଧିକ ପୁଲିସ ସ: ଇ: ବାବୁ ଦଲତାପ୍ରସାଦ ଦାସ ବହୁ ଅନୁସନ୍ଧାନରେ ଏମାନଙ୍କର ତେଡ଼ା କେଳା ଗ୍ରାମବାସୀ ହେଲେ ବୋଲି ଧୃତ କରିଅଛନ୍ତି । ସଂପ୍ରତି ପଠାଣମାନ ତା ୭ ରେ ଡେ: ମା: ଶ୍ରୀଯୁତ ଦି: ଏନ ଦେଖି ଦିଶୁ ଉପରେ ଉକ୍ତବାଲ୍ମୀକିଙ୍କ ମାନ ସକଳ ଜାତିରେ ଏକ ଜେବର ପାଇ ନାଗଳି ଅନୁଷ୍ଠାନ ଲେଖିଅଛନ୍ତି । ସ ଦୃଶ୍ୟ ଦସ୍ୟୁମାନଙ୍କର ୧୧୦ ଧନ ଯାତ୍ରୀ ଉତ୍ତରେ ତା ୧୬ ରଣରୁ ବନ୍ଦର ନିମନ୍ତେ ନିର୍ଦ୍ଦିଷ୍ଟ ହୋଇଅଛି । ସବୁ ସ୍ଥାନ ଗବର୍ଣ୍ଣମେଣ୍ଟ ୧୧୦ ଧାର ଏ ଉପକାର କରି କରିବ ପଣ୍ଡିତ ବାଲିଙ୍କ ଏହି ଦସ୍ୟୁମାନଙ୍କର ଭୀଷଣ ବିପଦରୁ ରକ୍ଷା କରୁଅଛନ୍ତି । ଏନିମନ୍ତେ ଆମ୍ଭେମାନେ ତାହାଙ୍କ ସବୁ ନ୍ତାକରଣରେ ଧନ୍ୟବାଦ ପ୍ରଦାନ କରୁଅଛୁଁ

ଏ ଅଞ୍ଚଳରେ ଫସଲ ଉତ୍ତମ ହୋଇଅଛି । ବର୍ତ୍ତମାନ ଧାନ ୩୨ ସେର ଓ ବିରି ୧୪ ସେର ଟଙ୍କା ହୋଇଅଛି ।

ଟାଙ୍ଗି ଓ ତନ୍ନିକଟବର୍ତ୍ତୀ ଗ୍ରାମରେ ଡାକ୍ତରଖାନା ଓ ବିଦ୍ୟାଳୟ ନାହିଁ । ଅଧିକନ୍ତୁ ଗବର୍ଣ୍ଣମେଣ୍ଟଙ୍କ ଦେଶାବିଭାଗରେ ଥିବା ସର୍ବସାଧାରଣଙ୍କ ପୁଲି ସବ କର୍ମଚାରୀମାନଙ୍କର ଏହି ସମ୍ବାଦ ପ୍ରତି ଦୃଷ୍ଟିପାତ ହେଉ ନାହିଁ । ପ୍ରାୟ ଏବର୍ଷ ହେବ ଡେପୁଟି ଇନ୍‌ସପେକ୍ଟର ଶ୍ରୀ ଯୁତ ବାବୁ ସର୍ବେଶ୍ୱର ମହିନ୍ଦ ଅବ୍ଦୁଲଗଦର ଓ ଜାୟ ଗ୍ରୀଚାର ବଢ଼ ଟାଙ୍ଗିରେ ଗୋଟିଏ ଏ ପ୍ରା: ସ୍କୁଲ ସ୍ଥାପନ କରିଥିଲେ । ଗତ ଅଗଷ୍ଟ ମାସରୁ ଏହି ସ୍କୁଲରେ ଟ ୭ ଲେଖା ଲୋକାଲ ସରକାରଙ୍କ ସାହାଯ୍ୟ ପ୍ରାପ୍ତ ହେଉଅଛି । ଏ ମହାଶୟଙ୍କ ଯତ୍ନରେ ଏ ବର୍ଷ ଗୋଟିଏ ଛାତ୍ର ବୃତ୍ତିପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲା । ସ୍ଥାନୀୟ ଲୋକମାନେ ନିତାନ୍ତ ଗରିବ ଏହି ହେତୁ ଛାତ୍ରଙ୍କ ବେତନ ପ୍ରାୟ ନେଉ ନାହିଁ । ଜ ୨ ଣ ଶିକ୍ଷକ ସବୁ ଟ ୭ ଖାରେ ଚଳିବା ବଡ଼ ମୁସ୍କିଲ

ଏହି ହେତୁରୁ ସିନ୍ଧୁ ନଦୀ ଦେଇ ଯାତାୟାତ । ଏପରି ସଙ୍କୀର୍ଣ୍ଣ ସ୍ଥଳରେ ସରକାର ବାହାଦୂରଙ୍କ ଦୃଷ୍ଟି ପତିତ ହୋଇ ଅଛି ବଡ଼ ଆହ୍ଲାଦର ବିଷୟ । ଏହା ଯଦି ହୋଇ ପାରେ ତେବେ ଏକ ସାଧାରଣ ଉପକାର ହେବ ।

## ବହଳଦା ସମ୍ବାଦ ।

ପାଠକମାନଙ୍କ ମଧ୍ୟରୁ ଅନେକେ ଅବଗତ ଅଛନ୍ତି ଏଠାରେ ଗୋଟିଏ ନୌହଦୁ 'ଗଣ ସଂସ୍ଥାପିତ ହୋଇ ଅଛି । ଏହାର ଯାହା କାମ ତାହା ସାଧାରଣ ମଙ୍ଗଳ ମନ୍ତ୍ରକ ଉଠ ସ୍ଥାନରେ ଉଠୁ ଅଛି । ଏହି ଗଣିଷ ସ କୋଶ ଦୂରରେ ଯୋଗଦେଣୀ ପାହାଡ଼ ଓ ସମ୍ମୁଖରେ ଶୋଭିତ । ବର୍ତ୍ତମାନ ଯାହା କମି ଗଲା ଚିତ୍ରକୂଟ ଢାଲି ଷ୍ଟେସନଠାରୁ ଏହି ପାହାଡ଼ ପର୍ଯ୍ୟନ୍ତ ରେଲ ସଡ଼କ ହୋଇଅଛନ୍ତି । ଏହି ଗଣିଷ ବହଳଦା ଠାରୁ ୧ ମାଇଲ । ଶୁଣାଯାଏ ଏହି କାରଖାନାରେ ୨୦୦୦ ଲୋକ କାମ କରିବେ ଓ ସେମାନଙ୍କର ରହିବା ନିମନ୍ତେ ୧୦୦ ଟି ଘର ନିର୍ମାଣ ହେଉ ଅଛି । ଅତଏବ ଶୁଣାଯାଏ କୋମ୍ପାନି ଏଠାରେ ଗୋଟିଏ ହାଇ ସ୍କୁଲ ସ୍ଥାପନ କରିବେ । କୋମ୍ପାନିଙ୍କ ଶୁଭ ଉଦ୍ଦେଶ୍ୟ କାର୍ଯ୍ୟରେ ପରିଣତ ହେଉ ଏହାହିଁ ଆମମାନଙ୍କର କାମନା ।

ଏଠା ମହାଶୀ ଗ୍ରାମର ବାବୁ ବୈକୁଣ୍ଠ ନାଥ, ସରକାର B. A. ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ସେ ବର୍ତ୍ତମାନ ଡେପୁଟୀ ମାଜିଷ୍ଟ୍ରେଟ ପଦରେ ନିଯୁକ୍ତ ଅଛନ୍ତି ।

ଏଠା ସ୍କୁଲର ସୁପରିଣ୍ଟେଣ୍ଡେଣ୍ଟ ବାବୁ ଗତ ସପ୍ତାହ ଭାଗ ଆତ୍ମଗୁଲ୍ମ ଦ୍ୱାରା ଆକ୍ରାନ୍ତ ହୋଇପାଇଅଛି । ସେବାରୁ ବାବୁ ବହୁତରେ ସୁସ୍ଥ ନୋହି ନାହାନ୍ତି ।

ଶୀତର ପ୍ରକୋପ କ୍ରମଶଃ ବୃଦ୍ଧି ପାଉଅଛି ।

ଏଠା ସ୍କୁଲର ସୁପରିଣ୍ଟେଣ୍ଡେଣ୍ଟ ଓ ହେଡପଣ୍ଡିତଙ୍କ ସହିତରେ ସ୍କୁଲ ନୂତନ କଲେଜ ଉଦ୍ଧାରରେ ସମ୍ପର୍କ ହେଉ-ଅଛି । ବର୍ତ୍ତମାନ ଏହି ସ୍କୁଲରେ ଛାତ୍ର ସଂଖ୍ୟା ୧୦୨, ଗୋଟିଏ ମାଇନର ସ୍କୁଲ ପକ୍ଷରେ ଏହା କମ ଆଦର ନୁହେଁ ।

## ସାଧାରଣ ସମ୍ବାଦ ।

ଉଦ୍ଦିଷ୍ଟ ଅଙ୍କ ଉଦ୍ଧୃତ କ୍ରମରେ ପ୍ରଜାଙ୍କ ସମସ୍ତରେ ଛପାଇବାକୁ ଯେତେ ୧୧ ଟି ଦେଶୀୟ ରାଜାଙ୍କ ଉଦ୍ଦେଶ୍ୟରେ ପ୍ରତିଜ୍ଞାପତ୍ର ପ୍ରକାଶିତ ହୋଇଅଛି । ଏହି ରାଜ୍ୟମାନଙ୍କରେ କେବଳ ୫ ଟି ସ୍ୱାଧୀନ କୋଟଲ ନାମୋଲ୍ଲେଖ ହୋଇଅଛି । ସୁତରାଂ ଅନେକ ସମୟ ଦେଶୀୟ ରାଜାଙ୍କ ସମ୍ପର୍କ ଉପରେ ପ୍ରଥା ଉଠିଯାଇ ଏବଂ ଦୋଷ ଯାଇପାରେ ଏହା ଅତୀବ ସୁଖର ବିଷୟ । ଅନ୍ୟ ରାଜାଙ୍କ ଉପକାରୁ ଏ ବ୍ୟବସ୍ଥା ହୃଦୟ ସରେ ସୁଖର ବିଷୟ ହେବ ।

ପାଶ୍ଚାତ୍ୟ ଦେଶ ର ବର୍ତ୍ତମାନ ଏହ ଛବିରୁ ଅନ୍ୟ ଛବି ଏକ ଏକରୋଗ ଚଳେଇବ ଯନ୍ତ୍ର ଅନ୍ୟ ସୌର ଜଗତର ଗ୍ରହକୁ ଯାଇ ଯାହାରେ କ୍ରମ ଦର୍ଶନ କରନ୍ତି ହେଉଅଛି ଅଧ୍ୟାପକ ସ୍ମିଥ ଏକ୍ସପେରିମେଣ୍ଟ ଏ ସବୁରେ ସନ୍ଧାନ ହୋଇ ଅଛନ୍ତି ଏହା ସେ ଜାଣନ୍ତି ବିବିଧ ପରୀକ୍ଷା କରି ଏହା ସମ୍ଭବପର ହୋଇ କହି ଅଛନ୍ତି । ଅମ୍ଭ ଦେଶର ସୁଶିକ୍ଷିତ ବ୍ୟକ୍ତିମାନେ ଯୋଗ ଶକ୍ତି ଏଠା ସାଧନ କରୁଥିବା ବିଷୟ ଏଣିକି ଅଧିକ ବେଶି ଅବିଶ୍ୱାସ କରି ପାରିବେ ନାହିଁ । ମାତ୍ର ସେ ଯୋଗବିଦ୍ୟା ଏଠାରେ ଲୁପ୍ତ ହୋଇଅଛି । ଏଣିକି ସବୁ ବୈଜ୍ଞାନିକ ରୂପରେ ତାହା ବିକଶିତ ହେବ ।

## ମୂଲ୍ୟପ୍ରାପ୍ତି ।

ବାବୁ ଶ୍ରୀବାସୁଦେବ ଦାସ ମହାଜନ କଲିକତା ଟ ୩
„ „ ଡ୍ରାଁଓ ବି, ନରିପ୍ପାର ସୂବାହଂସ ଟ ୩୧
„ „ ଦାଶରଥି ମହାପାତ୍ର କଟକ ଟ ୧୧
„ „ ମଣିଚରଣ ମଲ୍ଲିକ କଲିକତା ଟ ୩୧
„ „ କାଳୀକୃଷ୍ଣ ମହାନ୍ତି ଯଶିପୁର ଟ ୩୧
„ „ ପୁରୁଷୋତ୍ତମ ମହାପାତ୍ର ସାନ୍ତରଙ୍ଗ ଟ ୩୧
„ „ ଭଗବାନଚନ୍ଦ୍ର ମଲ୍ଲିକ ପାଲଅନ୍ଦା ଟ ୩୧
„ „ ମାୟାଧର ଦାସ କଲିକତା ଟ ୩୧
„ „ ଚକ୍ରାମଣି ସତପଥି ଅଠମଲ୍ଲିକ ଟ ୩୧
„ „ ଦମ୍ୟାନନ୍ଦ ପାତ୍ର ଜମିଦାର କସର୍ଦ୍ଦାଠ ୧୨
„ „ କଲିନ୍ଦଶୋଭା ଖୋର୍ଦ୍ଧାକଳଙ୍ଗ ଟ ୩୧
„ „ ଅନନ୍ତଚରଣ ଚମ୍ପାତି ରଘୁନାଥପୁର ଟ ୧୧

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

ମହାଶୟ ।

"ଉତ୍କଳବାର୍ତ୍ତା"ରେ ପୁନଃ ପୁନଃ ଗୃହବିବାଦ ମୂଳକ ପ୍ରବନ୍ଧ ପାଠ କରି ବିରକ୍ତ ନ ହୋଇ ରହି ପାରୁନାହୁଁ । "ଉତ୍କଳ ବାର୍ତ୍ତା" ପତ୍ରିକା ଉପରେ ଲେଖିଅଛନ୍ତି "ଉତ୍କଳୀୟମାନଙ୍କର ମଙ୍ଗଳ ସାଧନ" ତାଙ୍କର କାମନା । କିନ୍ତୁ ବାର୍ତ୍ତା ଉତ୍କଳରେ ଓଡ଼ିଆ ଓ ଡୋମେସାଇଲ୍ଡ ବଙ୍ଗାଳୀ ମଧ୍ୟରେ ଗୃହବିବାଦ ସୃଷ୍ଟି କରି ଉତ୍କଳୀୟମାନଙ୍କର କି ମଙ୍ଗଳସାଧନ କରୁଅଛନ୍ତି ତାହା ଅମ୍ଭେମାନେ ବୁଝି ପାରୁନା ଯେମାନେ ଅନେକ ସମୟରେ ସମ୍ବାଦପତ୍ର ପଢ଼ିଥାନ୍ତି । 'ବାର୍ତ୍ତା' ପୁନଃ ପୁନଃ ଏହି ବିବାଦମୂଳକ ପ୍ରବନ୍ଧ ଛପାଇବା ଦ୍ୱାରା ସେମାନଙ୍କର ଉଦାର ସରଳ ହୃଦୟକୁ କୁଟିଳ କରୁ-ନାହାନ୍ତି କି ? ବର୍ତ୍ତମାନ ଭାରତର ସମସ୍ତ ଜାତି କଙ୍କାଳ ଦେହରେ ମାଢ଼ ଉଠିଲେଣି । କେବଳ ଉତ୍କଳୀୟମାନେ ପଛରେ ପଡ଼ିଅଛନ୍ତି । ଏହି ସମୟରେ ଦେଶର ଶାସନ, ସାମାଜିକ ଓ ନୈତିକ ଉନ୍ନତି ବିଷୟ ଚେଷ୍ଟା ଛାଡ଼ି ଏହି ବିବାଦରେ ପ୍ରବୃତ୍ତ ହେବା ଉଚିତ କି ? "ଉତ୍କଳବାର୍ତ୍ତା"ର ସମ୍ପାଦକ ବୋଧ ହୁଏ ଉତ୍କଳର ଅଧଃପତିତ ଅବସ୍ଥା ବିଷୟ ଏହା ଜାଣନ୍ତି । ବର୍ତ୍ତମାନ ବିଷୟ ଦେଶରେ ଶିକ୍ଷା ଓ ବାଣିଜ୍ୟର ପ୍ରସାର ବୃଦ୍ଧି ପାଇବ ଏହି ଚେଷ୍ଟା କରିବା କି ବାର୍ତ୍ତାଙ୍କର ଉଚିତ ନୁହେଁ ? ଶିକ୍ଷା ଓ ବାଣିଜ୍ୟର ମହତ୍ତ୍ୱ ଲୋକମାନଙ୍କୁ ବର୍ତ୍ତମାନ ବୁଝାଇବା ଉଚିତ ନୁହେଁ କି ? ପରିଶେଷରେ "ବାର୍ତ୍ତାଙ୍କୁ" ମୋର ଏକାନ୍ତ ଅନୁରୋଧ ଯେ ସେ ଯେପରି ଏ ବିଷୟରେ ଟିକିଏ ଚିନ୍ତା କରିବେ ଓ ବୃଥା ବିବାଦମୂଳକ ପ୍ରବନ୍ଧରେ କାଗଜ ପୂର୍ତ୍ତି ନ କରି, ଦେଶର ବର୍ତ୍ତମାନ ଅବସ୍ଥା ଉପଯୋଗୀ ପ୍ରବନ୍ଧାଦି ଛପାଇ ଉପରଲିଖିତ "ଉତ୍କଳୀୟମାନଙ୍କର ମଙ୍ଗଳ ସାଧନ" ଏହି ବାକ୍ୟଟିର ସାର୍ଥକ ବିଧାନ କରିବେ । ଇତି

| | |
|---|---|
| ବହଳଦା ତା ୯ । ୮ । ୧୦ | ଶ୍ରୀ କୃ—ବ ବହଳଦା |

## ନୀଲାମୀ ଇସ୍ତାହାର ।

ପ ୧୫୧୭ ମର ୧୯୦୯ ସନ ୧୯୦୯ ମସହ । ୨ । ୨ୟ ଡୋଷ୍ଟଡିକ୍ଟ ।

ବ୍ରଜାନନ୍ଦ ମହାପାତ୍ର । ସା । ଏରସ । ପ୍ର । ଦେଓଗାଁ ବାଦୀ ଡିକ୍ରୀଦାର

ବନାମ

୧ ଗଉର ମହାପାତ୍ର ୨ ଶିବୁ ମହାପାତ୍ର ୩ ରଘୁସିଂହ ମହାପାତ୍ର ନାବାଳଗ ୪ କଳଣକ ମହାପାତ୍ର ନାବାଳଗ ଉକ୍ତ ନାବାଳଗର ଅଭିଭାବକ ମୋକଦ୍ଦମା ସମ୍ପର୍କୀୟ ଅଦାଲତର ନାଜର ବାବୁ ଜଗନ୍ନାଥବଲ୍ଲଭ ରାୟ । ସା । କଟରଦା । ପ୍ର । ଦେଓଗାଁ ପ୍ରତିବାଦୀ ଦେ:

ଉପରୋକ୍ତ ନମ୍ବର ମୋକଦ୍ଦମାର ବାଦୀ ଡିକ୍ରୀଦାରଙ୍କ ଡିକ୍ରୀ ଓ ଖରଚ ଟଙ୍କା ଆଦାୟ ନିମନ୍ତେ ଦେଣଦାରମାନଙ୍କର ଯେ ଭୂସମ୍ପତ୍ତିମାନ ନିଲାମରେ ଅଛି ଅଛନ୍ତି ତାହା କଟକ । ମୁ । ୨ୟ ମୁନ୍ସିଫ ଅଦାଲତରେ ସନ ୧୯୧୧ ମସୀହା ଜାନୁଆରୀ ମାସ ତା ୧୬ ରଖେ ନିଲାମ ହେବ ।

ତପସିଲ ନିଲାମୀ ସମ୍ପତ୍ତିର ବିବରଣ ।

କଟକଜିଲାର ଅନ୍ତର୍ଗତ ପୁଲିଶ ଷ୍ଟେସନ ଓ ସବ୍‌ରେଜେଷ୍ଟ୍ରୀ । ମୁ । ନରସିଂହପୁର ଇଲାକାଧୀନ । ପ୍ର । ଦେଓଗାଁ ନ ୨୬୯୮ ନମ୍ବର ତଉଜି । ମୌ । ଏରସ ଜମିଦାରୀ ମଧ୍ୟରୁ ଦେଣଦାରମାନଙ୍କ ନିଜ ନିଜ ଅଂଶ ବା ୧୮୧୮ ଅଟେ ତହିଁ ମଧ୍ୟରୁ ଅର୍ଦ୍ଧେକ ବଗମହ ମହେଶ ମହାପାତ୍ର ଓ ମହେଶ୍ୱର ମହାପାତ୍ରଙ୍କ ହସ୍ତେ ବିକ୍ରୟ କରିଥିବାରେ ତାହା ବାଦ୍ ବାକୀ ଅର୍ଦ୍ଧେକ ଟ ୦୧।୦୧୧୬।୮ ଗଣ୍ଡାରୁ ଆ ମୂଲ୍ୟ ଟ ୨୦ ୯

ନ ୩୦୪ ମର ତାଃ ସନ ୧୯୧୦ ମସୀହା ସଃ କଟକ ମୁନସି ସେଖ ଇବ୍ରାହିମ ବାଦୀ ଡିକ୍ରୀ ବ)

କାଳୀଚରଣ ଗଉଡ଼ ପ୍ରତିବାଦୀ

୧ ସବଡିଭିଜନ ପୁଲିଶ ଓ ଷ୍ଟେସନ ସବ୍‌ରେଜେଷ୍ଟ୍ରୀ । ମୁ । ସାଲେପୁର ଅନ୍ତର୍ଗତ । ପ୍ର । ସୁଙ୍ଗଡ଼ା । ତା । ରାମକୃଷ୍ଣ ପୁର ନ ୩୩୫୪ ନମ୍ବର ତଉଜି । ମୌ । ରାମକୃଷ୍ଣ ପୁର ଇଲାକାରେ ଥିବା ପ୍ରତିବାଦୀର ଭୋଗଦଖଲ ନିମ୍ନଲିଖିତ ଦୋହଦାଣ୍ଡୀ ଓ ଖସଡ଼ା ନମ୍ବର ଅନୁସାରେ ପାହି ସ୍ଥିତିବାନ୍ ରୟତି ଏ୦—୮୪ ଡିଃ ଲୁ ଜମା ଟ.୯ । ଉକ୍ତ ମଉଜାରେ ଉକ୍ତ ପ୍ରଗନାରେ ଥିବା ସ୍ଥାୟୀ ସ୍ଥିତିବାନ୍ ରୟତି ଏ୦—୩୩୪ ଡିଃ ଜମିରୁ ଜମା ଟ ୧୫।୩ ଏରୂପ ଥାଳୀ ପାହି ଏ୦—୪୧୮ ଲୁ ଜମା ଟ ୧୫।୩ ଅଟେ ଉକ୍ତ କମି ନିମ୍ନଲିଖିତ ଦୋହଦାଣ୍ଡୀ ଖସଡ଼ା ନମ୍ବର ଅନୁସାରେ ଏ ମୋକଦ୍ଦମାରେ ନିଲାମ ହେବ ଉକ୍ତ ସମ୍ପତ୍ତିର ଅନୁମାନିକ ମୂଲ୍ୟ ଟ ୪୦ କା ହେବ ସନ ୧୯୧୧ ମସୀହା ଜାନୁଆରୀ ତା୧୬ ରଖେ ନିଲାମ ହେବ

Split by PDF Splitter
Digitized by srujanika@gmail.com